



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






Vol. 33 | ISSUE 93 | ଭାଗ ୩୩ | ସଂଖ୍ୟା ୯୩ | Bhubaneswar | Tuesday 24 June 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୨୪ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ପିତା ବନିଲା ପିଶାଚ

## କମ୍ ମାର୍କ ପାଇଁ ଝିଅକୁ ମାରିଦେଲା



**ମୁମ୍ବାଇ,୨୩।୬:** ସାମ୍ପ୍ରତିକ ସମୟରେ ପିଲାମାନଙ୍କ ଉପରେ ପାଠପଢ଼ା ବୋଝ ଏତେ ମାତ୍ରାରେ ବଢ଼ିଯାଇଛି ଯେ ସେମାନେ ଶୈଶବକୁ ବି ଉପଭୋଗ କରିପାରୁନାହାନ୍ତି। ବୟସ ବଢ଼ିବା ସହ ପିଲାମାନଙ୍କଠାରୁ ମଧ୍ୟ ବାପାମା'ଙ୍କ ଆଶା ଓ ଆକାଂକ୍ଷା କ୍ରମାଗତ ଭାବେ ବଢ଼ିଚାଲିଛି। ଫଳସ୍ୱରୂପ ଖୋଲା ଆକାଶରେ ଉଡ଼ିବାକୁ ଚାହୁଁଥିବା ଯୁବସୁଲଭ ମନ କେଉଁଠି ନା କେଉଁଠି ବାପାମା'ଙ୍କ ସ୍ୱପ୍ନ ପୂରଣ କରିବା ଉଦ୍ୟମରେ ଚାପଗ୍ରସ୍ତ ହୋଇ ମନରେ ମରିଯାଉଛି। ତେବେ ମହାରାଷ୍ଟ୍ରରେ ଜଣେ ବାପା ନିଜ ଝିଅଠାରୁ ଏପରି କିଛି ଆଶା କରୁଥିଲେ ଓ ଝିଅ ଏଥିରେ ସକ୍ଷମ ହେବାରେ ବିଫଳ ହେବାରୁ ବାପା ଜଣଙ୍କ ଜନ୍ମଦାତାରୁ ପିଶାଚ ବନିଯାଇଥିବା ଖବର ଏବେ ସବୁଆଡ଼େ ଚର୍ଚ୍ଚାର ବିଷୟ ହୋଇଛି। ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାରେ ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି। ନୀଟ ମକ୍ ଟେଷ୍ଟରେ କମ୍ ମାର୍କ ରଖିଥିବାରୁ ନିଜର ୧୭ ବର୍ଷୀୟା ଝିଅକୁ ବାପା ଅତି ନିର୍ମମ ଭାବେ ପିଟି ପିଟି ହତ୍ୟା କରିଛି। ଅଧିକନ୍ତୁ ଏହି ବାପା ଜଣଙ୍କ ନିଜେ ଏକ ସ୍କୁଲର ପ୍ରିନ୍ସିପାଲ ଭାବେ କାର୍ଯ୍ୟରତ ଅଛନ୍ତି। ନିଜେ ଉଚ୍ଚଶିକ୍ଷିତ ହୋଇଥିବା ସତ୍ତ୍ୱେ ସାମାନ୍ୟ କେଇଟା ମାର୍କ ପାଇଁ ଝିଅକୁ ହତ୍ୟା କରିବା ଭଳି ଜଘନ୍ୟ ଅପରାଧଠାରୁ ନିଜକୁ ଦୂରେଇ ରଖିପାରିନାହାନ୍ତି। ➪ପୃଷ୍ଠା-୬

### ଆସ୍କାରେ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ଯୁବ ସମାଜ ପାଇଁ ଆସୁଛି ସୁବର୍ଣ୍ଣ ଯୁଗ

- ପଡ଼ିଲା ୫୫୦ କୋଟିର ପ୍ରକଳ୍ପ ଭିତ୍ତି
- ତାରାତାରିଣୀ ମନ୍ଦିରର ବିକାଶ ପାଇଁ ପ୍ରସ୍ତୁତ ହେବ ସଂଶୋଧିତ ଡିପିଆର



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଓଡ଼ିଶା ଯୁବବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ। ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି। ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଆସ୍କାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବଶକ୍ତି ସମାବେଶରେ ମତ ବ୍ୟକ୍ତ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ ଭରି ରହିଛି କଳା, ସଙ୍ଗୀତ, ନୃତ୍ୟ ଓ ଗୀତର ସମ୍ଭାର। କେବଳ କଳାନୈପୁଣ୍ୟ ନୁହେଁ, ରାଜନୀତିରେ ବେଶ୍ ପାରଙ୍ଗମ ଗଞ୍ଜାମବାସୀ। ଗଞ୍ଜାମରେ ଗଞ୍ଜାମବାସୀ ଡବଲ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ସେ କହିଥିଲେ ଯେ ଗତ ୧୨ ତାରିଖ ଆମ ପାଇଁ ବର୍ଷ ପୂର୍ତ୍ତିର ମହତ୍ତ୍ୱପୂର୍ଣ୍ଣ ଦିବସ ଥିଲା। କିନ୍ତୁ ଆମେ ଆମ ସଫଳତାରେ ଆତ୍ମବିଭୋର ନ ହୋଇ ଗତ ୧୩ ତାରିଖରୁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛୁ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତିକରଣ ପ୍ରକଳ୍ପ, ଗୋଟିଏ ହାଇଲେବଲ୍ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ମା' ତାରତାରିଣୀ ମନ୍ଦିର ଉନ୍ନତିକରଣ ପାଇଁ ରିଭାଇଜ୍ ଡିପିଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୋଲସରାରେ ଏକ ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାଇଁ ଯାଗା ଯୋଗାଇ ଦିଆଯିବ ➪ପୃଷ୍ଠା-୬

### କେନ୍ଦ୍ର ଗୃହ ନିର୍ମାଣ ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

## ସମ୍ବଲପୁର ଓ ଦେବଗଡ଼କୁ ଅନୁଦାନ ଦାବି



**ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୩।୬ (ସଂଚାର ବ୍ୟୁରୋ) :** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ମହାନଗମ ନିଗମ (ଏସଏମସି) ଓ ଦେବଗଡ଼ ପୌରପାଳିକାକୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ଭେଟି ଆଲୋଚନା କରିଛନ୍ତି ।

ଆଲୋଚନା କାଳରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ, ଓଡ଼ିଶାର ସମ୍ବଲପୁର ଓ ଦେବଗଡ଼କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନରେ ପୌର ସଂସ୍ଥାକୁ ଦିଆଯାଉଥିବା ଅର୍ଥ ଦିଆଯାଇନାହିଁ । ସମ୍ବଲପୁର ଏବଂ ଦେବଗଡ଼ ଆର୍ଥିକ, ଶିକ୍ଷାଗତ, ଶିଳ୍ପ ଏବଂ ସାଂସ୍କୃତିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପଞ୍ଚଦଶ ଅର୍ଥ କମିଶନ ଅଧୀନରେ 'ମୌଳିକ ଏବଂ ସଂଯୁକ୍ତ ଅନୁଦାନ' ଏବଂ 'ସ୍ୱାସ୍ଥ୍ୟ ଅନୁଦାନ' ଏ ପର୍ଯ୍ୟନ୍ତ ନ ମିଳିବା ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି ।

ସେ କହିଛନ୍ତି ସମ୍ବଲପୁର ଏବଂ ଦେବଗଡ଼ରେ ଏହି ମୌଳିକ ଅନୁଦାନ ରାଶି ଦ୍ୱାରା ପୌର ସଂସ୍ଥାରେ ରାସ୍ତା ଏବଂ ଡ୍ରେନେଜ୍ ଉନ୍ନତି, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ। ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ, ରାସ୍ତା ଆଲୋକୀକରଣ ଏବଂ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ନାଗରିକ ସେବା ଏବଂ ଭିତ୍ତିଭୂମି କାର୍ଯ୍ୟ ସୁଦୃଢ଼ ହେବ । ଏହି ଅନୁଦାନ ପୌରସଂସ୍ଥା ଗୁଡ଼ିକୁ ଅତ୍ୟାବଶ୍ୟକୀୟ ବିକାଶ କାର୍ଯ୍ୟ ଜାରି ରଖିବା ଏବଂ ନାଗରିକ ସେବାରେ ସହାୟକ ହେବ । ଏହି ବିଷୟକୁ ଦୃଷ୍ଟିରେ ରଖି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ଓ ଦେବଗଡ଼ ୟୁଏଲବିକୁ ➪ପୃଷ୍ଠା-୬

## ପରୀକ୍ଷା ଫି' ଛାଡ଼ କଲେ ସରକାର

### ଗରିବ ପ୍ରାର୍ଥୀଙ୍କୁ ମିଳିବ ଫାଇଦା

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ବିଭିନ୍ନ ସରକାରୀ ପରୀକ୍ଷାରେ ଅବତୀର୍ଣ୍ଣ ହେଉଥିବା ପିଲାଙ୍କୁ ଆଗାମୀ ଦିନରେ ଆଉ ଏ ବାବଦ ଫି' ଦେବାକୁ ପଡ଼ିବ ନାହିଁ। କାରଣ ସରକାରଙ୍କ ଅଧୀନରେ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷା ବାବଦ ଫି' ଛାଡ଼ କରିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏଥିପାଇଁ ସରକାର ନିର୍ଦ୍ଧାରିଷ୍ଟ ସର୍ତ୍ତ ରଖିଛନ୍ତି। ସରକାରଙ୍କ ପକ୍ଷରୁ ଏନେଇ ଓପିଏସସି, ଓଏସଏସସି, ଓଏସଏସଏସସି ଓ ବୋର୍ଡକୁ ଚିଠି ଲେଖାଯାଇଛି। ଯେଉଁ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବେ, ସେମାନଙ୍କୁ ପରୀକ୍ଷା ଫି' ଫେରାଇ ଦିଆଯିବ। ଏହାଦ୍ୱାରା ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। କିନ୍ତୁ ଯେଉଁମାନେ ପରୀକ୍ଷାକୁ ଗୁରୁତ୍ୱର ସହ ନନେଇ ପରୀକ୍ଷା ଦେଇନଥିଲେ, ସେମାନଙ୍କ ପାଇଁ ଏହା ଲାଗୁ ହେବନାହିଁ। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଚାକିରି ଆଶା ନେଇ ପରୀକ୍ଷା ଦେଇଥାନ୍ତି। କିନ୍ତୁ କିଛି ଗରିବ ଛାତ୍ରଛାତ୍ରୀ ଅର୍ଥାଭାବ କାରଣରୁ ପରୀକ୍ଷା ପାଇଁ ଆବେଦନ କରିବାକୁ ବି ଅସମର୍ଥ ହୋଇଥାଆନ୍ତି। ଏଭଳି ଛାତ୍ରୀଛାତ୍ରୀଙ୍କ ➪ପୃଷ୍ଠା-୬

### ସୁରକ୍ଷାକର୍ମୀଙ୍କୁ ଭେଟିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

## ମାର୍ଚ୍ଚରେ ସ୍ୱାଧୀନ ଭାରତର ବଡ଼ ଉପଲବ୍ଧି



> ନକ୍ସଲ ହିଂସା ଗରିବ ଓ ଆଦିବାସୀଙ୍କ ପାଇଁ ଗୁରୁତର ବିପର୍ଯ୍ୟୟ

**ରାୟପୁର,୨୩।୬(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଛତିଶଗଡ଼ର ନ୍ୟୁ ରାୟପୁରଠାରେ ସୁରକ୍ଷାକର୍ମୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ବିଏସ୍ଏଫ୍ର ମହାନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ, କୋବ୍ରା ଦଳ, ଛତିଶଗଡ଼ ପୁଲିସ ଓ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି)ର ସାହସ, ବୀରତ୍ୱ, ବଳିଦାନ ଓ ସମର୍ପଣ ➪ପୃଷ୍ଠା-୬

## ରାଜ୍ୟପାଳ ଧରାଇଦେଲେ ଅଫିସରଙ୍କ ବିଫଳତା



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ ପ୍ରଶାସନିକ ଅଧିକାରୀ ଫେଲ ମାରିଛନ୍ତି। ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଅଫିସରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି।

- ଲୋକଙ୍କ ପାଖରେ ପହଞ୍ଚୁନି ଯୋଜନା
- ଯୋଜନା ବାବଦରେ ଜାଣିଥିବା ଲୋକ ବି ବଞ୍ଚିତ

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ମାଳ ମାଳ ଯୋଜନା ଆଣୁଛନ୍ତି। ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବାର ଦାୟିତ୍ୱ ପ୍ରଶାସନ ହାତରେ। କିନ୍ତୁ ବିଡ଼ମ୍ବନାର କଥା, ଜନମଙ୍ଗଳକାରୀ ଯୋଜନା ବାବଦରେ କିଛି ଅଫିସର ବୁଝିପାରୁନାହାନ୍ତି କି ଲୋକଙ୍କୁ ସଚେତନ କରୁନାହାନ୍ତି। ରାଜ୍ୟରେ ୯୫ ପ୍ରତିଶତ ଲୋକ କେନ୍ଦ୍ରୀୟ ଯୋଜନାର ସୁବିଧା ଜାଣିନାହାନ୍ତି। ମାତ୍ର ୫ ପ୍ରତିଶତ ଲୋକ ବିଭିନ୍ନ ସାମାଜିକ ଯୋଜନା ବାବଦରେ ଅବଗତ ଅଛନ୍ତି। ଯାହା ଯୋଜନାର ସଫଳ କାର୍ଯ୍ୟକାରିତାକୁ ପଦାରେ ପକାଇଛି।

ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛନ୍ତି ରାଜ୍ୟପାଳ। ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ରାଜ୍ୟରେ ଅନେକ ନାଗରିକ ଅନ୍ତର୍ଭୁକ୍ତ ହୋଇନଥିବାରୁ ରାଜ୍ୟପାଳ ଚିନ୍ତା ପ୍ରକଟ କରିବା ସହ ଏହି ଯୋଜନାରେ ଅଧିକ ଲୋକ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି। ଆଜି ରାଜଭବନର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଆୟୋଜିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ସରକାର ଅନେକ ଜନକେନ୍ଦ୍ରିକ କଲ୍ୟାଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି। ଏଥି ମଧ୍ୟରୁ ଅନେକ ଯୋଜନା ଗରିବ, ଦୁର୍ବଳ ଓ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ଓ କଲ୍ୟାଣମୂଳକ ଲାଭ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କେତେକ ଯୋଜନା ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି।

କିନ୍ତୁ ଓଡ଼ିଶାରେ ସଚେତନତା ଅଭାବରୁ ବହୁସଂଖ୍ୟକ ➪ପୃଷ୍ଠା-୬

## ଲଭର୍ସ ପଏଣ୍ଟରେ ସୁରକ୍ଷା ଦେବେ ସରକାର





**ଭୁବନେଶ୍ୱର,୨୩।୬ (ସଂଚାର ବ୍ୟୁରୋ) :** ଗୋପାଳପୁରେ ଯୁବତୀଙ୍କ ଗଣଦୁଷ୍କର୍ମ ପରେ ଚେତିଛି ପର୍ଯ୍ୟଟନ ବିଭାଗ । ପର୍ଯ୍ୟଟନସ୍ଥଳୀରେ ହିଂସାକୁ ବରଦାସ୍ତ କରାଯିବ ନାହିଁ। ସୁରକ୍ଷା ବଳୟରେ ରହିବ ଲଭର୍ସ ପଏଣ୍ଟ, ପ୍ରେମୀ ଯୁଗଳଙ୍କୁ ଦିଆଯିବ ସୁରକ୍ଷା। ଗୋପାଳପୁର ଲଜ୍ଜା ପରେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟର ଯେତିକି ବି ପର୍ଯ୍ୟଟନସ୍ଥଳୀ ଏବଂ ଲଭର୍ସ ପଏଣ୍ଟ ଅଛି, ସବୁଠି ସୁରକ୍ଷା ଯୋଗାଇଦିଆଯିବ। ଏଥିପାଇଁ ଦୁଇ ଦୁଇ ଥର ବୈଠକ ବସିସାରିଛି।

ଲଭର୍ସ ପଏଣ୍ଟ ଯାଉଥିବା ପ୍ରେମୀଯୁଗଳଙ୍କ ପାଇଁ ଅଭୟବାଣୀ ଶୁଣାଇଲେ ପର୍ଯ୍ୟଟନ ମନ୍ତ୍ରୀ । ପ୍ରେମୀ ଯୁଗଳଙ୍କ ଆଉ ପାଖ ମାଡ଼ିବେନି ଦୁର୍ବୃତ୍ତ। ପ୍ରେମ ପାଇଁ ଆଉ ଅସାମାଜିକ ସାଜିବେନି ପ୍ରତିବନ୍ଧକ। କାରଣ ଲଭର୍ସ ପଏଣ୍ଟ ରହିବ ସୁରକ୍ଷା ବଳୟରେ। ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ଆଜି ସ୍ପଷ୍ଟ କରି କହିଛନ୍ତି, ରାଜ୍ୟର ପର୍ଯ୍ୟଟନସ୍ଥଳୀ ଏବଂ ଲଭର୍ସ ପଏଣ୍ଟଗୁଡ଼ିକରେ ଯେଭଳି ସୁରକ୍ଷା ବ୍ୟବସ୍ଥା କରାଯିବ, ତା' ଉପରେ ଗୁରୁତ୍ୱ ଦିଆଯିବା ସହ ଦୁଇ ଦୁଇ ଥର ବୈଠକ ବି ବସିଲାଣି। ଖୁବଶୀଘ୍ର ଏ ସଂପର୍କରେ ନିଷ୍ପତ୍ତି ନିଆଯିବ। ତା'ସହ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସଂପର୍କରେ ମନ୍ତବ୍ୟ ଦେଇ ଆଇନ ତା' କାମ କରୁଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

ଜୁନ୍ ୧୫ ତାରିଖ ସଂଧ୍ୟାରେ ପୁରୁଷ ବନ୍ଧୁଙ୍କ ସହ ଗଞ୍ଜାମ ଗୋପାଳପୁର ପର୍ଯ୍ୟଟନ ସ୍ଥଳୀ ବୁଲୁଥିବାବେଳେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡ଼ିଥିଲେ ଯୁବତୀ । ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିବା ସହ ଗଣଦୁଷ୍କର୍ମ କଲେ ୬ରୁ ଅଧିକ ଯୁବକ। ଏହାପୂର୍ବରୁ ଚଳିତ ମାସ ୮ ତାରିଖରେ ମଧ୍ୟ ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କନ୍ଧମାଳ ପୁଟୁଡ଼ି ଜଳପ୍ରପାତରେ ଘଟିଥିଲା ଅଘଟଣ। କେରଳ କୁନ୍ନୁରରୁ ଆସିଥିବା ପର୍ଯ୍ୟଟକଙ୍କୁ ମାଡ଼ ମାରି ଲୁଟ୍‌ପାଟ୍ କରିଥିଲେ ଦୁର୍ବୃତ୍ତ। ଅବଶ୍ୟ ➪ପୃଷ୍ଠା-୬

### କାନ ଡେରିଆ



ବାଇକରେ ଯଦି ତିନି ଜଣ ଯାଅ
ମୋଟା ଅଙ୍କ ମାଗିନେବେ
ଅପରାଧୀଙ୍କୁ ଧରିବା ପାଇଁକି
ପଛ ଘୁଞ୍ଚା ଟିକେ ଦେବେ
ପେଟକୁ କାଢ଼ି ବୁଲିବେ...
ମର୍ଡର ଘଟଣା ଜାଣିବା ପରେ ବି
ବିଳମ୍ବରେ ପହଁଚିବେ ।

■ ଦେବାଶିଷ

# ନବୀନଙ୍କ ପାଇଁ ଆଗକୁ ଆସିଲେ ପ୍ରେମ୍

- ସମାଲୋଚକଙ୍କ ମୁହଁ ବନ୍ଦ କରିଦେଲେ
- ଟ୍ରୋଲ କମ୍ପାନୀଙ୍କ ଗାଲ ନାଲି



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଓଡ଼ିଆରେ ଗୋଟିଏ ଲୋକକଥା ଅଛି, କ୍ଷୀର ଯଦି ଖାଇବ ଘରେ ଥିବ ଗାଈ, କଳି ଯଦି କରିବ ସାଙ୍ଗେ ଥିବ ଭାଇ। ଆଜି ନବୀନଙ୍କ ବଡ ଭାଇ ପ୍ରେମ୍ ପଟ୍ଟନାୟକ ଗଣମାଧ୍ୟମ ଆଗରେ ସାନଭାଇଙ୍କ ଚିକିତ୍ସା ସଂକ୍ରାନ୍ତରେ ସୂଚନା ଦେବା ପରେ ଓଡ଼ିଆଙ୍କ ମନରେ ଏହି ପ୍ରବାଦଟି ପୁଣି ଉଜ୍ଜୀବିତ ହୋଇଛି । ପ୍ରେମ୍‌ଙ୍କର କେଇପଦ କଥା କେବଳ ନବୀନଙ୍କ ପ୍ରତି ଥିବା ତାଙ୍କର ସ୍ନେହକୁ ଦର୍ଶାଇନାହିଁ, ନବୀନଙ୍କ ଚିକିତ୍ସାକୁ ନେଇ ମନଗଢ଼ା କଥା କହୁଥିବା ଟ୍ରୋଲ କମ୍ପାନୀଙ୍କ ମୁହଁକୁ ମଧ୍ୟ ବନ୍ଦ କରିଦେଇଛି।

ନବୀନ ପଟ୍ଟନାୟକ ପ୍ରଥମକରି ନିଜ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସୂଚନା ଦେବା ସହ କେଉଁଠାରେ କେବେ କି ପ୍ରକାର ଅପରେସନ ହେବେ, ତାହା ରାଜ୍ୟବାସୀଙ୍କୁ ଜଣାଇଥିଲେ। ଏଥିସହ ଜଗନ୍ନାଥଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁଁ ସେ ଶୀଘ୍ର ସୁସ୍ଥ ହୋଇ ଓଡ଼ିଶା ଫେରି ପୁଣି ସେବା କରିବେ ବୋଲି କହିଥିଲେ। ନବୀନଙ୍କର ଏହି କେଇପଦ କଥା ଓଡ଼ିଶାବାସୀଙ୍କୁ ଭାବବିହ୍ୱଳ କରିଦେଇଥିଲା। ଚିକିତ୍ସା ପାଇଁ ମୁମ୍ବାଇ ଯିବା ସମୟରେ ତାଙ୍କୁ ବିମାନବନ୍ଦରରେ ବିଦାୟ ଦେବା ପାଇଁ ଦଳୀୟ କର୍ମୀଙ୍କ ସହ ସାଧାରଣ ଲୋକଙ୍କ ଭିଡ଼ ଲାଗିଥିଲା। ଲୋକେ ଆଖି ଛଳ ଛଳ କରି ବିଦାୟ ଦେଇଥିଲେ। ଏହାପରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରି ପୂଜାପାଠ ଦୀପଦାନ ଆଦି ମଧ୍ୟ ଚାଲିଛି।

ତେବେ ନବୀନ ମୁମ୍ବାଇ ଯିବା ପରେ ତାଙ୍କର ଓ ବିଜେଡିର ସମାଲୋଚକମାନେ ସକ୍ରିୟ ହୋଇ ଉଠିଥିଲେ। ବିଶେଷକରି ସୋସିଆଲ ମିଡିଆରେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ବିଭିନ୍ନ ମନଗଢ଼ା ଖବର ସହ ଚିକିତ୍ସିତ ହେଉଥିବା ନବୀନଙ୍କୁ ଟ୍ରୋଲ କରିବାକୁ ପଛାଇନଥିଲେ। ଏପରିକି ନବୀନଙ୍କ ଅପରେସନରେ ମୁଖ୍ୟ ପୁରୋଧା ସାଜିଥିବା ଅର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ ଡାକ୍ତର ରମାକାନ୍ତ ପଣ୍ଡାଙ୍କ କଥାକୁ ବି ଅନେକ ବିଶ୍ୱାସ କରିନଥିଲେ।

ତେବେ କଥା ଅନ୍ୟ ଦିଗକୁ ଯାଉଥିବା ଦେଖି ସାନଭାଇ ନବୀନଙ୍କ ପାଇଁ ଆଗକୁ ଆସି ଭିଡିଓ ବାର୍ତ୍ତା ଜାରି କରିଛନ୍ତି ବଡଭାଇ ପ୍ରେମ୍।ଭି ଡିଓରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ତାଜା ସୂଚନା ଦେଇଛନ୍ତି। ଅପରେସନ ପରେ ନବୀନ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ଓ ଅପରେସନ ପରେ ନିଜେ କେଇ ପାଦ ଚାଲିଛନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ବୋଲି ପ୍ରେମ କରିବା ପରେ ଏହି ଭିଡିଓଟି ଭାଇରାଲ ହେବାରେ ଲାଗିଛି।

ପ୍ରେମ୍ ପଟ୍ଟନାୟକ ➪ପୃଷ୍ଠା-୬

### ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ

## 'ସମ୍ବିଧାନ ହତ୍ୟା ଦିବସ'

### ନିର୍ଦ୍ଦେଶ ଦେଲେ ସରକାର

**ଭୁବନେଶ୍ୱର, ୨୩।୬ (ସଂଚାର ବ୍ୟୁରୋ) :** ଓଡ଼ିଶା ସରକାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକୁ ୨୦୨୫ ମସିହା ଜୁନ ୨୫ ତାରିଖକୁ 'ସମ୍ବିଧାନ ହତ୍ୟା ଦିବସ' ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିବସରେ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ନେଇ ସମ୍ବିଧାନର ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାରି ହୋଇଥିବା ଏକ ପତ୍ରରେ ଏହି ଦିବସକୁ ଜାତୀୟ ସ୍ତରରେ ପାଳନ କରିବାର ଗୁରୁତ୍ୱ ଉପରେ ଜୋର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୧୧ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜୁନ ୨୫କୁ 'ସଂବିଧାନ ହତ୍ୟା ଦିବସ' ଭାବେ ଘୋଷଣା କରିଥିଲା, ଯାହା ୧୯୭୫ ମସିହା ଜୁନ ୨୫ରେ ଭାରତରେ ଜରୁରୀକାଳୀନ ସ୍ଥିତି ଲାଗୁ ➪ପୃଷ୍ଠା-୬

### ବାଲି ଓ ମାଟି ମାଫିଆଙ୍କୁ ଲଗାମ ନାହିଁ

# ବେଆଇନ ପରିବହନ ଉପରେ ଚଢ଼ାଉ କେବେ ?



**ପ୍ରମାଣ ସମ୍ବଳିତ ଅଭିଯୋଗ ପରେ ବି ଅଧିକାରୀ ନୀରବଦ୍ରଷ୍ଟା**

**ଠିକାଦାର, ରାଜନେତାଙ୍କ ଚାପରେ ପ୍ରଶାସନ ଚେପା**

**ବଦନାମ ମୁଣ୍ଡାଉଛନ୍ତି ନୂଆ ସରକାର**

**କେନ୍ଦ୍ରାପଡ଼ା,୨୩ା୬ (ସଂଚାର ବ୍ୟୁରୋ):** ଜିଲ୍ଲାରୁ କୋଟି କୋଟି ଟଙ୍କାର ବାଲି ଓ ମାଟି ଲୁଟି ଚାଲିଛନ୍ତି ମାଫିଆ। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ନଦୀରେ ଖୁବଶୀଘ୍ର ପାଣି ଆସିବା ପୂର୍ବରୁ ରାତିଦିନ ଶହ ଶହ ଟ୍ରିପ୍ ବାଲି ବୋହିବାରେ ଲାଗି ପଡ଼ିଛନ୍ତି ମାଫିଆ। ଠିକ୍ ସେହିପରି ଗହୀର, ଗୋଚର, ସରକାରୀ ଜମି ଓ ନଦୀ ଗର୍ଭରୁ ମଧ ମାଟି ଲୁଟି ଚାଲିଛନ୍ତି। ଏମଜିଏନଆରଜିଏସ୍ କାମ, ରାସ୍ତା କାମ, କୋଠା କାମ, ରାସ୍ତା ଓ ବ୍ରିଜ୍ କାମରେ ବିପୁଳ ପରିମାଣର ମାଟି ଦରକାର ହେଉଥିବା ବେଳେ ମାଫିଆମାନେ ମାଟି ଲୁଟି ଚାଲିଛନ୍ତି। ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହେଉଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ।

ଜିଲ୍ଲାରେ ପ୍ରାୟ ୩୦ରୁ ଉର୍ଦ୍ଧ ବାଲିଘାଟ ରହିଥିବା ବେଳେ ସୂଚନା ମୁତାବକ ୨୦୨୫/୨୬ ମଧ୍ୟରେ ସେଥିରୁ ଗୋଟିଏ ମାତ୍ର ତୁଳସୀପୁର ରାଜସ୍ୱ ଭରିଛି ମଞ୍ଜୁରିପ୍ରାପ୍ତ ଓ ଅନ୍ୟ ୨୯ରୁ ଅଧିକ ବେଆଇନ ଭାବେ ଚାଲୁଛି। ବିଶେଷ କରି ପଟ୍ଟାମୁଣ୍ଡାଇ ଠାରୁ ଗରଦପୁର ପର୍ଯ୍ୟନ୍ତ ମହାନଦୀର ଅନେକ ଶାଖା ନଦୀ ପାଇକା, ଚିତ୍ରୋପ୍ତଳା, ଲୁଣା, କରାଣ୍ଡିଆ, ବ୍ରାହ୍ମଣୀ, ବିରୂପା, ଖରସ୍ରୋତା ଆଦି ନଦୀରେ ଘାଟ ହୋଇ ନ ଥିଲେ ମଧ ଶହ ଶହ ଟ୍ରିପ ଚୋରା ବାଲି ଚାଲାଣ କରାଯାଉଛି। ଏ ନେଇ ଖଣି ବିଭାଗ ଓ ପ୍ରଶାସନ ପାଖରେ ଲୋକ ଫଟୋ, ଭିଡିଓ ସହ ଅଭିଯୋଗ କରୁଥିଲେ ମଧ ଲିଖିତ ପ୍ରମାଣ ଖୋଜୁଛନ୍ତି ଅଧିକାରୀ। ଲିଖିତ ଅଭିଯୋଗ ନ କଲେ ଚଢ଼ଉ କରିବାକୁ ମନା କରି ଦେଉଥିବା ଅଭିଯୋଗ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଓଲଟା କଥା ଶୁଣିବାକୁ ମିଳୁଛି। ଏବେ ବାଲି ଓ ମାଟି ଚୋରା କାରବାରକୁ ଠିକାଦାର, ରାଜନେତା ପ୍ରଶ୍ରୟ ଦେଉଛନ୍ତି। ସେମାନଙ୍କ ଇଙ୍ଗିତରେ ଏହି କାରବାର ଚାଲିଛି। ଫଳରେ ଚୋରା ବାଲି କାରବାର ଉପରେ ଗତ କିଛିମାସ ହେଲା ଖଣି ବିଭାଗ ଓ ପ୍ରଶାସନର ଚଢ଼ଉ ଏକ ପ୍ରକାର ଲୋକ ଦେଖାଣିଆ ସହ ଏବେ ସମ୍ପୂର୍ଣ ଠପ୍ ହୋଇଯାଇଛି।

ଅନ୍ୟପକ୍ଷରେ କେବଳ ଚୋରା କାରବାର ନୁହେଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ କରି ମଧ ପରିବହନ କରାଯାଉଛି। ରାତି ୯ଟା ପୂର୍ବରୁ ଓ ସକାଳ ୭ଟା ପରେ ରାଜରାସ୍ତାରେ ବାଲି ପରିବହନ କରାଯାଉଛି। ସମୟସୀମା ବାହାରେ ଚାଲାଣ କରାଯାଉ ଥିବାରୁ ଦ୍ରୁତଗତିରେ ଗାଡ଼ି ନେଇ ଯାଉଛନ୍ତି ଚାଳକ ତେଣୁ ଦୁର୍ଘଟଣା ଘଟିବାର ଆଶଙ୍କା ମଧ ରହିଛି କିନ୍ତୁ ଚୋରା କାରବାର ଉପରେ ରୋକ୍ ଲାଗିପାରୁନି। ଚଢ଼ଉ କରିବା ପାଇଁ ବିଭିନ୍ନ ମହଲରେ ଦାବି ଉଠିଲାଣି ।



## ଢଳେଇ ରାସ୍ତାରେ ଲହଡ଼ି ମାରୁଛି ପାଣି, ପଥଚାରୀ ହନ୍ତସନ୍ତ

**ମହାକାଳପଡ଼ା,୨୩ା୬ (ସଂଚାର ବ୍ୟୁରୋ):** ଜଳ ନିଷ୍କାସନ ହୋଇ ନପାରିବାରୁ ଢଳେଇ ରାସ୍ତାରେ ଲହଡ଼ି ମାରୁଛି। ଯାହାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ସମସ୍ୟା ଦୀର୍ଘ ବର୍ଷ ଧରି ଭୋଗି ଆସୁଛନ୍ତି ବୋଲି ଲୋକେ କହିଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ୦୪ ନମ୍ବର ୱାର୍ଡର ହରିଜନ ସାହିରେ ଏମିତି ଘଟଣା ଦେଖିବାକୁ ମିଳିଛି। ଜଳନିଷ୍କାସନ ସୁବିଧା ନଥିବାରୁ ବର୍ଷା ପାଣି ରାସ୍ତା ଉପରେ ଲହଡ଼ି ମାରୁଛି। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ଏହି ଅପରିଷ୍କାର ପାଣି ଭିତରେ ପଶି ଚଳପ୍ରଚଳ ହେବାକୁ ବାଧ ହେଉଛନ୍ତି। ଏନେଇ ଲୋକେ ବିଭିନ୍ନ ସମୟରେ ଅଭିଯୋଗ କରି ମଧ ସେମାନଙ୍କ କଥା କେହି ଶୁଣୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ କରି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।



## ନବୀନଙ୍କ ଆରୋଗ୍ୟ କାମନା କରି ଚାଟେଶ୍ୱର ଶିବ ମନ୍ଦିରରେ ୧୦୮ ଦୀପଦାନ

**ସାଲେପୁର,୨୩ା୬ (ସଂଚାର ବ୍ୟୁରୋ):** ସାଲେପୁର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନାକରି ସାଲେପୁର ବ୍ଲକ ୪୩ ନଂ ଜୋନ ପକ୍ଷରୁ ପ୍ରଭୁ ଚାଟେଶ୍ୱର ମହାଦେବଙ୍କ ମନ୍ଦିରରେ ଶୁଭେଚ୍ଛୁ ମାନଙ୍କ ଦ୍ୱାରା ୧୦୮ ଦୀପ ପ୍ରଜ୍ୱଳନ ସହ ପୂଜା ଅର୍ଚ୍ଚନା କରାଯାଇଥିଲା । ପ୍ରଭୁ ଚାଟେଶ୍ୱର ମହାଦେବଙ୍କ ନିକଟରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ନବୀନ ବାବୁଙ୍କ ସୁସ୍ଥ ଆରୋଗ୍ୟ କାମନା କରାଯାଇ ଖୁବ ଶୀଘ୍ର ଫେରି ଆସିବା ପାଇଁ ଶୁଭେଚ୍ଛୁମାନେ ପ୍ରାର୍ଥନା କରିଥିଲେ । ଏହି ଦୀପ ପ୍ରଜ୍ୱଳନ ରେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି,ପୂର୍ବତନ ଉପାଧ୍ୟକ୍ଷ ଦିଲ୍ଲୀପ ଦାଶ,ଗୋପୀନାଥ ପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ସତ୍ୟଭାମା ପୁର ସରପଞ୍ଚ ସୁଧାଂଶୁ ବାଲା ଜେନା,ଶିଶୁଆ ସରପଞ୍ଚ ଙ୍କ ପ୍ରତିନିଧି ସଂଜ୍ଜିବ ସାହୁ, ଶିଶୁଆ ସମିତି ସଭ୍ୟ ମାନସ କୁମାର ଦାଶ, ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପରିଡାଙ୍କ ସମେତ ଶତାଧିକ ଶୁଭେଚ୍ଛୁ ଭାଗ ନେଇଥିଲେ ।

## ପାଲା ମାଧ୍ୟମରେ ନିଶା ନିବାରଣ ସଚେତନତା



**ରାଜନଗର,୨୩ା୬ (ସଂଚାର ବ୍ୟୁରୋ):** ନିଶା ନିବାରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାଲା ମାଧମରେ ନିଶା ଖାଇଲେ କଣ କଣ ବିପଦ ରହିଛି ଓ ନିଶା ଦ୍ୱାରା କି କି ଅଘଟଣ ଘଟୁଛି ସେ ନେଇ ପରିବେଷଣ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଅବକାରୀ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ପାଲାଗାୟକ ଭାଗବତ ବେହେରା ଓ ତାଙ୍କ ସାଥୀମାନେ ଆଜି ରାଜନଗରର ଦୂର୍ଗା ମଣ୍ଡପ ଠାରେ ଏହି ସଚେତନତା ପାଲା ପରିବେଷଣ କରିଥିଲେ।

## ଫାଷ୍ଟ ଫୁଡ୍ ଦୋକାନ ଓ ହୋଟେଲ ଉପରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ



**କେନ୍ଦ୍ରାପଡ଼ା,୨୩ା୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର କେତେକ ଅଂଚଳରେ ହଇଜା ରୋଗୀ ଚିହ୍ନଟ ହେବାପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଥିବା ଜଣାପଡିଛି। କେନ୍ଦ୍ରାପଡା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରିତୀଶ ଦାସଙ୍କ ସମେତ ଦୀନବନ୍ଧୁ ବେହେରା, ସୁକାନ୍ତ କୁମାର, ପ୍ରଶାନ୍ତ ରାଉତ ପ୍ରମୁଖ ଗରାପୁର ଛକ, ତିନିମୁହାଣୀ, ସାନ୍ତସାହି, ଦୁହୁରିଆ, ଇଛାପୁର ପ୍ରଭୃତି ସ୍ଥାନର ଗୁପ୍‌ଚୁପ୍, ଚାଟ୍, ଚାଓମିନ୍ ବିଭିନ୍ନ ହୋଟେଲ ଓ ରାସ୍ତା କଡରେ ଛିଡାହୋଇ ବିକ୍ରି କରୁଥିବା ବିଭିନ୍ନ ଖାଦ୍ୟକୁ ଦେଖିବା ସହିତ ଜରିମାନା ଅଦାୟ କରାଯାଇଛି । କେତେକ ସ୍ଥାନରେ ବାସି ଖାଦ୍ୟ ଓ ମାଛି ବସୁଥିବା ଖାଦ୍ୟ ଗୁଡିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଷ୍ଟ କରାଯାଇ ସେମାନଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି ।

## ରଥଦାଣ୍ଡ ଆଲୋକୀକରଣ ଓ ସଫେଇ ଦାବି

**ରାଜନଗର,୨୩ା୬ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚଳିତ ମାସ ୨୭ ତାରିଖ ଦିନ ଅନୁଷ୍ଠିତ ହେବ। ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ଚାଲିଛି। ମାତ୍ର ରାଜନଗର ରଥ ଦାଣ୍ଡ ଆଜି ଯାଏଁ ସଫେଇ ହୋଇନଥିବା ବେଳେ ଅଧିକାଂଶ ଖୁଣ୍ଟିରେ ଉଜ୍ଜଳ ଆଲୋକ ଜଳୁନି। ରଥଦାଣ୍ଡ ସଫେଇ ଓ ଆଲୋକିକରଣ କାର୍ଯ୍ୟ ପାଇଁ ରାଜନଗର ସଦର ବଡଦାଣ୍ଡ ଗାଁ କମିଟର ସଦସ୍ୟ ମାନେ ସ୍ୱରପଞ୍ଚ ସୁଶ୍ରୀ ସଂଗୀତ ମିଶ୍ର ଓ ସମିତି ସଭ୍ୟା ସୁମିତ୍ରା ସେଠୀଙ୍କୁ ଅଭିଯୋଗ କରିଛନ୍ତି। ରାଜନଗର ବଡଦାଣ୍ଡ କମିଟିର ସଭାପତି ସର୍ବେଶ୍ୱର ନାୟକଙ୍କ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ବିଷୟ ହେଉଛି ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ରାଜନଗର ବଡଦାଣ୍ଡର ପରମ ଆରାଧ ଦେବତା ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁ ଙ୍କ ମନ୍ଦିର ଠାରୁ ଲାଞ୍ଜୁଡାମୁଣ୍ଡ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ବିଜୁଳି ଆଲୋକୀକରଣ, ଏଲଇଡି ଲାଇଟ ସଂଯୋଗ ସହିତ ବଡଦାଣ୍ଡର ସମସ୍ତ ନଳକୂପ ମରାମତି ଓ ସ୍ୱଚ୍ଛ ଭାରତ ଅଭିଯାନରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରିବା ପାଇଁ ଗ୍ରାମ କମିଟିର ସଦସ୍ୟ ମାନେ ଦାବୀ କରିଛନ୍ତି। ରାଜନଗରର ଅଧିକାଂଶ ସ୍ଥାନ ଅନ୍ଧାର ଥିବା ବେଳେ ସବୁ ଦାଣ୍ଡ ଅଳିଆ ଆବର୍ଜନରେ ଭରିଛି।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

**୧୫୭ ଅଭିଯୋଗ ପଞ୍ଜିକୃତ**

**ଆଳି,୨୩ା୬ (ସଂଚାର ବ୍ୟୁରୋ):** ଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣୀରେ ମୋଟ ୧୫୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧରୁ ୧୪ଟି ସାମୂହିକ ହୋଇଥିବା ବେଳେ ୧୪୩ଟି ବ୍ୟକ୍ତିଗତ ଥିଲା। ଏହି ଜନଶୁଣାଣୀରେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ପ୍ରମୁଖ ସମସ୍ୟା ଭାବେ ଆଳି ବ୍ଲକର ୩୪ ଗୋଟି ଗ୍ରାମ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସମସ୍ତ ଜିଲ୍ଲାପରିଷଦ ସଦସ୍ୟମାନେ ବାତ୍ୟା ଦାନା ଓ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସରକାରଙ୍କ ପକ୍ଷରୁ ମଂଜୁର କରାଯାଇଥିବା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ସାତ ଦିନ ମଧରେ ସେମାନଙ୍କ ସମସ୍ୟାର ସମାଧାନ କରାନଗଲେ ବାଧ ହୋଇ ସେମାନେ ବ୍ଲକ ସମ୍ମୁଖରେ ଧାରଣା ଦେବା ସହିତ ବ୍ଲକ ପ୍ରଶାସନକୁ ସମ୍ପୂର୍ଣ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ବିଡ଼ିଓଙ୍କ ସହିତ କଥା ହେବା ପରେ ଖୁବ୍ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାଜନଗରରେ ବଢୁଛି ଝାଡ଼ାବାନ୍ତି ସଂକ୍ରମଣ

**ରାଜନଗର,୨୩ା୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ପ୍ରତିଦିନ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଈଶ୍ୱରପୂର, ତାଳଚୁଆ, ଡାଙ୍ଗମାଳ, ଗୁପ୍ତି, ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣ ଭିତରେ ଥିଲେ ମଧ ପ୍ରତିଦିନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଝାଡାବାନ୍ତି ରୋଗୀ ଆସୁଥିବାରୁ ଚିନ୍ତା ବଢିଛି।

ଗତବର୍ଷ ରାଜନଗରରେ ଝାଡା ବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ପୋଖରୀ ପାଣିରେ ଜୀବାଣୁ ଠାବ ହୋଇଥିଲା। ଆଜି ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଢୋଲମରାର ଶରତ ଚନ୍ଦ୍ର ଦାସ, ଗଜରାଜପୁର ଗାଁର ମନିକା ମଲ୍ଲିକ, ବଳଭଦ୍ରପୁରର ସରସ୍ୱତୀ ମାହାକୁଡ, ଢାଗୁଆର ସୁମିତ୍ରା ଦାସ, ଈଶ୍ୱରପୂରର ସନ୍ଦିପ ସାହୁ, ଧାନଦିଆର ମାଳତୀ ସ୍ୱାଇଁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶତାଧିକ ରୋଗୀ ଝାଡାବାନ୍ତି ପାଇଁ ମେଡ଼ିସିନ ନେଇ ଯାଉଥିବା ଜଣାପଡ଼ିଛି।

ପାଗ ପରିବର୍ତ୍ତନ ସାଙ୍ଗକୁ ଭୋଜି ଓ ଆମ୍ବ, ପଣସ ପାଇଁ ଝାଡାବାନ୍ତି ବ୍ୟାପୁଥିବା କୁହାଯାଉଛି। ରାଜନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଗାଁରେ ଆଶା କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଟିମ ବିଭିନ୍ନ ହୋଟେଲ ଓ ବାହାରେ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋକାନ ନିୟମିତ ଯାଞ୍ଚ କରୁଥିଲେ ମଧ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବା ଚିନ୍ତା ବଢାଇଛି।

## ଆଦର୍ଶ ଶିକ୍ଷକ ଲକ୍ଷ୍ମୀଧର ଦାଶଙ୍କ ଶ୍ରାଦ୍ଧବାର୍ଷିକୀ ଓ ସ୍ମରଣିକା ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ,୨୩ା୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଦିବଂଗତ ଲକ୍ଷ୍ମୀଧର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବେଲତଳ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ପ୍ରଶାସକ ଡ. କେଳୁଚରଣ ସ୍ୱାଇଁ, ପ୍ର. ଅନିରୁଦ୍ଧ



ରାଉଳ, ପ୍ର. କୈଳାଶ ପାତ୍ର, ନାଟ୍ୟକାର ଗୋଲକ ମହାରଣା, ଶିକ୍ଷକ ନେତା ବିଜୟ ଜେନା, ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥଲେ । ଏଇ ଅବସରରେ ଦିବଂଗତ ଲକ୍ଷ୍ମୀଧର ଦାଶଙ୍କ ସ୍ମୃତି ଉଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହିତ ସାତଭଉଣୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଜୁଲାଇ ୯କୁ ଘୁଞ୍ଚିଲା ଶ୍ରମିକ ସଂଗଠନ ଧର୍ମଘଟ



**କେନ୍ଦ୍ରାପଡ଼ା,୨୩ା୬ (ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡିକ ଚଳିତ ମାସ ୨୦ ତାରିଖରେ କରିବାକୁ ଥିବା ଧର୍ମଘଟକୁ ସ୍ଥଗିତ ରଖିବା ସହ ଏହାକୁ ଜୁଲାଇ ୯ ପର୍ଯ୍ୟନ୍ତ ଘୁଂଚାଇ ଦେଇଛନ୍ତି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନ ମିଳିତ ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟରେ ଏକ ବୈଠକ ଜିଲ୍ଲା ସଭାପତି ମୁକ୍ତାର ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଶ୍ରମକୋର୍ଡ ଲାଗୁ କରିବାକୁ ବିରୋଧ କରି ଶ୍ରମିକ ସଂଗଠନ ଗୁଡିକ ଚଳିତ ମାସ ୨୦ରେ ଧର୍ମଘଟ କରିବାକୁ ଯୋଜନା କରିଥିଲେ। ଶ୍ରମିକ, ଚାଷୀ ଓ ସାଧାରଣ ଜନତାଙ୍କର କେତେକ ଦାବିକୁ ମଧ ସେମାନେ ଉପସ୍ଥାପନ କରିଥିଲେ । ସଂଗଠନ ଗୁଡିକ ରାଜଧାନୀ ଜିଲ୍ଲା ଓ କର୍ମକ୍ଷେତ୍ର ଗୁଡିକରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚାହୁଁଥିଲେ । ଯଦିଓ ପ୍ରସ୍ତାବିତ ଧର୍ମଘଟକୁ ଘୁଂଚା ଯାଇଛି, କିନ୍ତୁ ନିଯୁକ୍ତିଦାତା ଓ ସରକାରଙ୍କ ଶ୍ରମିକ ବିରାଧୀ ଆଭିମୁଖ୍ୟ କୁ ଶ୍ରମିକ ସଂଗଠନ ଗୁଡିକ ସମାଲାଚନ କରିଛନ୍ତି। ଏକଚାଟିଆ ଭାବେ କାମ କରିବା ସମୟ ବଢାଇବା, ବୈଧାନିକ, ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ନିୟମକୁ ଉଲଂଘନ କରିବା ଏବଂ ବିନା ଯୁକ୍ତିଯୁକ୍ତ କାରଣରେ ଚୁକ୍ତି ଭିତିକ କର୍ମଚାରୀକୁ ବାହାର କରାଯାଉଥିବା କାର୍ଯ୍ୟକୁ ଆଲୋଚନାରେ ତୀବ୍ର ବିରୋଧ କରାଯାଇଛି। ଏହି ବୈଠକରେ ଏଆଇଟିୟୁସିର ବାବାଜୀ ଧଳ, ରମଣୀ ରଂଜନ ରାଉତରାୟ, ବିକାଶ ଦାସ, ସିଆଇଟିୟୁ ର ଜଗତ ଜୀବନ ଦାସ, ନିରାକାର, ଆଇଏନଟିୟୁସିର ଫକିର ଚରଣ ଖଟୁଆ, ଏଆଇୟୁଟିୟୁସିର ଏଲିନା ସାମନ୍ତରାୟ, ବସନ୍ତ ମଲିକ, ଏଚଏମଏସ୍ ର ତ୍ରିଲେଚନ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ସଂଗଠନର କର୍ମକର୍ତା ଉପସ୍ଥିତ ଥିଲେ ।



## ସୁସ୍ଥ ହେଉଛନ୍ତି ମହାପ୍ରଭୁ ସିଦ୍ଧ ବଳଦେବଜୀଉ

**କେନ୍ଦ୍ରାପଡ଼ା,୨୩ା୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ୧୦୮ କଳସ ପାଣିରେ ଗାଧୋଇବା ପରେ ଜ୍ୱରରେ ପୀଡିତ ହୋଇଥିଲେ । ଆଜକୁ ୧୩ ଦିନ ପରେ ସୁସ୍ଥ ହୋଇଛନ୍ତି । ତେର ଦିନରେ ଗୁପ୍ତ ସେବା ଚାଲିଛି । ପଟି ଦେବତା ପୂଜା ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ହେତୁ ମହାପ୍ରଭୁ ଭୀଷଣ ଜ୍ୱରରେ ପୀଡ଼ିତ ହୋଇଥିଲେ। ଯାହା ଫଳରେ ଅଣସର ଘରେ ଚାଲିଛି ଗୁପ୍ତ ସେବା । ଏହି ସମୟରେ ଅନ୍ନ ଭୋଗ ନିଷେଧ ଥିଲା ବେଳେ ପଣା ଫଳ ଭୋଗ ଅର୍ପଣ କରାଯାଏ। ସାଧାରଣ ଭକ୍ତଙ୍କୁ ଦର୍ଶନ ବାରଣ ଥିବା ବେଳେ ପ୍ରତିନିଧି ଭାବେ ପଟି ଦେବତାଙ୍କୁ ଦର୍ଶନ କରୁଛନ୍ତି । ଏହି ଦୁର୍ଲଭ ଦର୍ଶନ କେବଳ ବର୍ଷରେ ପନ୍ଦର ଦିନ ପଡ଼ିଥାଏ। ଆଷାଢ଼ ମାସ କୃଷ୍ଣ ପକ୍ଷରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି। ଏହି ସମୟରେ ସମସ୍ତ ପ୍ରକାର ନୀତି କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଖେଚଡ଼ି, ଖିରି, କ୍ରାନ୍ତି ପିଠା, ଦହି ପଖାଳ, ଡାଳିମ୍ବ କୋରା ଭିନ୍ନ ଭିନ୍ନ ନୀତିରେ ପୂଜା ପଣ୍ଡା ସେବକ ଦ୍ୱାରା ଅର୍ପଣ କରାଯାଏ । ଏହି ସେବା ସ୍ନାନ ପୂର୍ଣ୍ଣିମା ରାତ୍ରରୁ ରଘୁନାଥ ଜୀଉଙ୍କ ମନ୍ଦିରରୁ ସେବକ ଦ୍ୱାରା ଅଣାଯାଇ ଜଗମୋହନରେ କପଡା ଆବୃତ କରାଯାଇ ବିଜେ କରାଯାଏ । ପନ୍ଦର ଦିନ ପୂଜା ସମ୍ପନ୍ନ ପରେ ଅମାବାସ୍ୟା ରାତିରେ ସେବାୟତଙ୍କ ଦ୍ୱାରା ପୁନର୍ବାର ରଘୁନାଥଜୀଉ ମନ୍ଦିରରେ ଅବସ୍ଥାପିତ କରାଯାଏ। ପରେ ପ୍ରଭୁଙ୍କ ନେତ୍ରଉତ୍ସବ ନବ ଯୌବନ ଦର୍ଶନ ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Mahakalpara, 806/2025 Date: 20.05.2025, I am Amar Swain, D/o- Rosy Swain, of At-Bahar Subala, Po-Nantar, Via- Mahakalpara, P.S- Mahakalpara. Dist-kendrapara,Pin-754224, Odisha declares that I have changed my daughter's name from Rojoy Swain to Rosy Swain. Henceforth, The name shall be known as Rosy Swain for all purposes.

**ନିଆରା ବ୍ୟକ୍ତିତ୍ୱ ବିଭୂତି**

## ପେସାରେ ଯନ୍ତ୍ରୀ, ନିଶା ସମାଜସେବା



**ମହାକାଳପଡ଼ା,୨୩ା୬ (ସଂଚାର ବ୍ୟୁରୋ):** ପେଶାରେ ଇଞ୍ଜିନିୟର ହେଲେ ନିଶା ତାଙ୍କର ସମାଜସେବା। ଦୁସ୍ଥ, ଅସହାୟ ଓ ସାଧାରଣ ଲୋକଙ୍କ ପାଖରେ ସେମାନଙ୍କ ନାର୍ଯ୍ୟ ଅଧିକାର ପହଞ୍ଚାଇବା ପାଇଁ ସେ ଲଢେଇ କରି ଆସୁଛନ୍ତି। ଅଞ୍ଚଳର ଅନେକ ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇ ତାହାର ସମାଧାନ କରାଉଛନ୍ତି। କେବଳ ସେତିକି ନୁହେଁ କେହି ଅସହାୟ ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବାକୁ ପାଇଲେ ବ୍ୟକ୍ତିଗତ ସହାୟତା ଯୋଗାଇ ଦେଇ ବଞ୍ଚିବାର ରାହା ଦେଖାଉଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ସେ ଏବେ ବେଶ୍ ଆଦରଲାଭ କରିଛନ୍ତି।

ଏମିତି ଜଣେ ନିଆରା ବ୍ୟକ୍ତିତ୍ୱ ହେଉଛନ୍ତି ମହାକାଳପଡ଼ାର ବିଭୂତି ରାଉତ। ମହାକାଳପଡା ବ୍ଲକ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମର ବିଚିତ୍ର ରାଉତଙ୍କ ପୁତ୍ର ହେଉଛନ୍ତି ବିଭୂତି। ୩୬ ବର୍ଷୀୟ ବିଭୂତି କେନ୍ଦୁଝର ଜିଲ୍ଲାର ଆର୍ସେଲ ମିତ୍ତଲ ନିପନ୍ ଷ୍ଟିଲ ରେ ଡେପୁଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଛନ୍ତି। ବୃତ୍ତିଗତ ଜୀବନ ରେ ଜଣେ ଇଞ୍ଜିନିୟର ହୋଇଥିବା ବେଳେ ତାଙ୍କର ସମାଜସେବା ନିଶା ସମଗ୍ର ମହାକାଳପଡ଼ା ଅଞ୍ଚଳରେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଅଦୃଶ୍ୟ ଶକ୍ତି ଭାବରେ କାର୍ଯ୍ୟ କରି ତାଙ୍କର ସମସ୍ୟା ସମାଧାନ କରୁଥିବାରୁ ସେ ଏବେ ସମସ୍ତଙ୍କର ପ୍ରିୟ ପାଲଟିଛନ୍ତି। ତାଙ୍କର ଏହି ସମାଜସେବା ମନୋବୃତ୍ତି ପାଇଁ ସେ ଏବେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି।

# ବଢୁଛି ନକଲି ପାଣି ବୋତଲ କାରବାର




**କେନ୍ଦ୍ରାପଡ଼ା,୨୩ା୬ (ସଂଚାର ବ୍ୟୁରୋ):** ବର୍ତ୍ତମାନ ଡାଇରିଆ ବ୍ୟାପିଥିବା ବେଳେ ଦୂଷିତ ଜଳ ଏକ ପ୍ରମୁଖ କାରକ ବୋଲି ପ୍ରମାଣିତ ହୋଇଛି । ବାହାରକୁ ବାହାରିଲେ କିଣା ପାଣି ବୋତଲ ହିଁ ଏକମାତ୍ର ସାହାଭରସା। ଯାହାର ଫାଇଦା ଏବେ କିଛି ଅସାଧୁ ବ୍ୟବସାୟୀ ଉଠାଇବାରେ ଲାଗିଛନ୍ତି । ଗାଁଠୁ ସହର ସବୁଠି ଏବେ ମିନେରାଲ୍ ପାଣି ବୋତଲ ବିକ୍ରି ବେଶ୍ ବୃଦ୍ଧି ପାଇଛି। ଯାଜପୁର ଜିଲ୍ଲା ବ୍ୟାସନଗରରେ ଗତ ୧୫ ତାରିଖରେ ଏକ କିଣା ପାଣି ବୋତଲରୁ ହଇଜା ଜୀବାଣୁ ଚିହ୍ନଟ ହେବା ପରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳାଇ ଦେଇଛି।

କିନ୍ତୁ କେନ୍ଦ୍ରାପଡା ଏହି ପାଣିର ବିଶୁଦ୍ଧତା ବା ମାନ ଯାଞ୍ଚ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ହିଁ ନାହିଁ। ବିବାହ ଭୋଜିଠାରୁ ଆରମ୍ଭ କରି ସଭା ସମିତି ପର୍ଯ୍ୟନ୍ତ ସବୁଠି ଏବେ ଏହି ପାଣି ବୋତଲ ଦିଆଗଲାଣି । ଅନେକ ହୋଟେଲ୍ ଗୁଡ଼ିକରେ ମଧ ପିଇବା ପାଇଁ ଏବେ ସିଲ୍ ପାଣି ବୋତଲକୁ ଧରାଇ ଦିଆଯାଉଛି। ବସ୍ ଓ ଟ୍ରେନ୍‌ରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ଏହି ବୋତଲ ପାଣି ଏକମାତ୍ର ଭରସା। ବିକଳ୍ପ ସୁବିଧା ନଥିବାରୁ ଲୋକେ ବାଧ ହୋଇ ସେହି ପାଣି କିଣୁଛନ୍ତି ।

କେନ୍ଦ୍ରାପଡା ସହରରେ ଏବେ ଭିନ୍ନ ଭିନ୍ନ କମ୍ପାନିର ବୋତଲ ପାଣି ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ନାମିଦାମୀ କମ୍ପାନିର ଲୋଗୋକୁ ନକଲ କରି ବା ଅବିକଳ ସମାନ ଦେଖାଗଲା ଭଳି ଲୋଗୋ ତିଆରି କରି ବ୍ୟବସାୟୀମାନେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ପାଣି ବୋତଲ ଲିଟର ପିଛା ୧୫ରୁ ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ପାଣିର ଅପମିଶ୍ରଣ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ ହୋଇଥିଲେ ବି ଏଗୁଡ଼ିକର ଯାଞ୍ଚ କେବେ ବି ହେଉନାହିଁ। ସହରର ଗଳିକନ୍ଦିରେ ଏଭଳି ପାଣି ପ୍ରସ୍ତୁତ ହେଉଥିଲେ ବି ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡୁନାହିଁ।

ଯାଞ୍ଚ ହେଉ ନଥିବାରୁ ଅନେକ ବୋତଲରେ କେବେ ତିଆରି ହୋଇଥିଲା, କେତେ ଦିନ ଭିତରେ ତାକୁ ବ୍ୟବହାର କରାଯାଇପାରିବ, ତାହା ମଧ ଉଲ୍ଲେଖ କରାଯାଉନାହିଁ। ଏସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ସହରରେ ଉପଲବ୍ଧ ପାଣି ବୋତଲଗୁଡ଼ିକର ନମୁନା ସଂଗ୍ରହ କରି ଯାଞ୍ଚ କଡ଼ାକଡ଼ି କରିବାର ବ୍ୟବସ୍ଥା ଆଣିବାର ଆବଶ୍ୟକତା ରହିଛି। ନକଲି ପାଣି ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ବିଭିନ୍ନ ମହଲରେ ଦାବି ହେଉଛି ।

sanchar.live

# ସମ୍ପାଦକୀୟ

SANCHAR
ସଂଚାର

୪ | ମଙ୍ଗଳବାର ୨୪ ଜୁନ ୨୦୨୫, ଭୁବନେଶ୍ୱର
Tuesday 24 June 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଏଲଏସିରେ ସ୍ଥିରତା

ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଋଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ




କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ, ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୁନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ। ଚୀନ ସହ ଭାରତ ସାମରିକ କ୍ଷେତ୍ରରେ ସମକକ୍ଷ ହେବାକୁ ଉଦ୍ୟମ କରିବା ବଡ଼ କଥା। ଏଥିଲାଗି ହୁଏତ ଶହେ ବର୍ଷ ଲାଗିଯାଇପାରେ। କିନ୍ତୁ ଭାରତ ନିଜକୁ ସେହି ସ୍ଥିତିକୁ ନେଇଯିବା ଉଚିତ ଯେପରିକି ଚୀନ ବା ଅନ୍ୟ କେହି ଭାରତ ସହ ମୁକାବିଲଉା କରିବା ପୂର୍ବରୁ ଏହାର ପରିଣାମ ସମ୍ପର୍କରେ ତିନି ଥର ଚିନ୍ତା କରିବାକୁ ବାଧ ହେବ। କେବଳ ଚୀନ ନୁହେଁ, ପାକିସ୍ତାନ ମଧ ସାମରିକ ଦୃଷ୍ଟିରୁ ଭାରତ ପ୍ରତି ଏକ ବିପଦ। ଏହାର ଉଚିତ ମୁକାବିଲା ନିମନ୍ତେ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ପଡ଼ିବ।

# ରାଷ୍ଟ୍ରବାଦର ଝଣ୍ଡା ବନାମ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ



**ଗୋପାଳ ମହାପାତ୍ର**

ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ୧୧ ବର୍ଷ ଶେଷ ହୋଇଯାଇଛି। ୨୦୧୪ ମଇ ମାସ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ନରେନ୍ଦ୍ର ମୋଦୀ ପାଖାପାଖି ସାଢ଼େ ବାରବର୍ଷ ପର୍ଯ୍ୟନ୍ତ ଗୁଜୁରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ପ୍ରଚାରତନ୍ତ୍ର ମାଧ୍ୟମରେ ବିକାଶ ପୁରୁଷଭାବେ ତାଙ୍କର ଛବି ପ୍ରସ୍ତୁତ କରିପାରିଥିଲେ। ଗୁଜୁରାଟର ମୁଖ୍ୟମନ୍ତ୍ରୀରୁ ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ ଓ ୨୦୧୪ରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ସେ ଦେଶର ଜନତାଙ୍କୁ ୬୦ ମାସର ସମୟ ମାଗିବା ସହ ଅନେକ ପ୍ରତିଶ୍ରୁତି ଦେଇଥିଲେ ଓ ଲୋକଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲେ। ତାଙ୍କ ପ୍ରତିଶ୍ରୁତି ଓ ଲୋକଙ୍କୁ ଦେଖାଇଥିବା ସ୍ୱପ୍ନ ଥିଲା ଯେ ସେ ୫ ବର୍ଷ ମଧ୍ୟରେ ଭାରତକୁ ବିକଶିତ ଦେଶର ତାଲିକାରେ ନିଶ୍ଚୟ ସାମିଲ କରିବେ। ଦେଶର ଜନତା ତାଙ୍କ ଉପରେ ଭରସା କରିଥିଲେ। କିନ୍ତୁ ପ୍ରତିଶ୍ରୁତି ରକ୍ଷା କରି ପାରି ନଥିଲେ। ତଥାପି ବି ଦେଶର ଜନତା ତାଙ୍କ ଉପରେ ଭରସା କରି ଦ୍ୱୀତିୟ ଥର ପାଇଁ ତାଙ୍କ ନେତୃତ୍ୱକୁ ସ୍ୱୀକାର କରିଥିଲେ। ଏତିକି ନୁହେଁ ଏହି ସମୟରେ କେତେକ ରାଜ୍ୟରେ ବିଜେପି ସରକାର ଗଠନ କରିଥିଲା। ଅନେକ ରାଜ୍ୟରେ ସଂଖ୍ୟାଗରିଷ୍ଠ ହୋଇଥିଲା ଓ କିଛି ରାଜ୍ୟରେ ବିଜେପି ବିରୋଧି ବିଧାୟକଙ୍କୁ କିଣା-ବିକା କରି ଜନାଦେଶର ଅପହରଣ କରି ସରକାର ଗଠନ କରିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ଦେଶର କ'ଣ ବିକାଶ ଘଟିଥିଲା ସେକଥା ଦେଶର ଜନତା ଜାଣନ୍ତି। ଏହି କାରଣରୁ ତାଙ୍କ ପାଇଁ ତୃତୀୟ କାର୍ଯ୍ୟକାଳ ସହଜ ହୋଇନଥିଲା। ମୋଦୀ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରିଥିବା ବାବଦରେ ଅଭିଯୋଗ ଉଠିଥିଲା। ବିରୋଧିଦଳ ନେତାଙ୍କ ବିରୁଦ୍ଧରେ ଦମନ ମୂଳକ ପଦକ୍ଷେପ, ସାମ୍ପ୍ରଦାୟୀକ ଧୃବୀକରଣ ଏପରିକି ଗଣମାଧମର ବନ୍ଧ୍ୟାକରଣ କରାଇବା ଭଳି ଅନେକ ଅଭିଯୋଗ ମୋଦୀଙ୍କ ବିରୁଦ୍ଧରେ ଆସୁଛି।

ତୃତୀୟ ପାଳିରେ ବିଜେପି ଏକାକୀ ସରକାର ଗଠନ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିପାରିନଥିଲା। ଏଣୁ ସହଯୋଗୀ ଟିଡିପ ଓ ଜେଡି (ୟୁ) ଭଳି ଦଳର ସହାୟତାରେ ମୋଦୀ ସରକାର ଗଠିତ ହେଲା। ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱର ଦୁଇ କପାଳିରେ ଲୋକଙ୍କର ବିକାଶ ପରିବର୍ତ୍ତେ କିଛି ଶିଳ୍ପ ପତିଙ୍କର ବିକାଶ ଘଟିଥିଲା। ତୃତୀୟ ପାଳିର ପ୍ରଥମ ବର୍ଷର କାର୍ଯ୍ୟ ମଧ ନିରାଶ ଜନକ ବୋଲି ଅନେକଙ୍କ ମତ। ମୋଦୀଙ୍କ ୧୧ବର୍ଷର କାର୍ଯ୍ୟକାଳର ଚର୍ଚ୍ଚା କରିବା ପୂର୍ବରୁ ମୋଦୀଙ୍କ କିଛି ଭାଷଣ ବାବଦରେ ଚର୍ଚ୍ଚା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ହେବା ପରେ ସେ ପ୍ରଥମ ଥର ଲାଲକିଲ୍ଲାରୁ ଭାଷଣ ଦେଇଥିଲେ ୨୦୧୪ ମସିହା ଅଗଷ୍ଟ ୧୫ରେ। ସ୍ୱାଧିନତା ଦିବସ ଅବସରରେ ସେ ଦେଶକୁ ସମ୍ବୋଧିତ କରି ଯାହା କହିଥିଲେ ତାକୁ କେବଳ ଦେଶର ଜନତା ନୁହେଁ ବିଶ୍ୱ ସମୁଦାୟ ମଧ ଗୁରୁତ୍ୱର ସହ ଶୁଣିଥିଲେ। ବିକାଶ ଏବଂ ରାଷ୍ଟ୍ରବାଦର ମିଶ୍ରିତ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ମୋଦୀ ତାଙ୍କ ଭାଷଣରେ ଦେଶର ଆର୍ଥୀକ ଏବଂ ସାମରିକ ସ୍ତିତିକୁ ପରିବର୍ତ୍ତନ କରାଇବାର ପ୍ରତିଶ୍ରୁତି ଦେବା ସହ ତାଙ୍କଦଳ ବିଜେପିର ସହଯୋଗୀ ସଂଗଠନ ମାନଙ୍କୁ ସାମ୍ପ୍ରଦାୟିକ ବା ଜାତିଗତ ଉତ୍ତେଜନା ନକରିବା ପାଇଁ ନିବେଦନ କରିଥିଲେ। ମୋଦୀ ତାଙ୍କ ଭାଷଣରେ କହିଥିଲେ ଯେ - ଜାତିବାଦ, ସମ୍ପ୍ରଦାୟବାଦ, ଆଞ୍ଚଳିକ ବାଦ, ସାମାଜିକ ବା ଆର୍ଥୀକ ଆଧାରରେ ଲୋକମାନଙ୍କ ମଧ୍ୟରେ ବିଭେଦ ସବୁ ବିଷଭଳି ଯାହା ଆମ ବିକାଶର ରାସ୍ତାରେ ବାଧା ସୃଷ୍ଟି କରିଥାଏ। ଏପରିକି ଦେଶର ଜନସାଧାରଣ ଏ ଦିଗରେ ସଂକଳ୍ପ ନେବା ପାଇଁ ନିବେଦନ କରି କହିଥିଲେ ଯେ ଆମେ ପରସ୍ପର ମଧ୍ୟରେ ଲଢ଼ିବା ପରିବର୍ତ୍ତେ ଦାରିଦ୍ର୍ୟ, ବେରୋଜଗାରୀ, ଅଶିକ୍ଷା ଭଳି ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବା ଏବଂ ଏମିତି ଏକ ସମାଜ ଗଠନ କରିବା ଯେଉଁଠି କୌଣସି ପ୍ରକାରର ଚାପନଥିବ। ମୋଦୀଙ୍କ ଏହି ଭାଷଣ ତାଙ୍କର ପ୍ରକୃତ ଛବିର ପୁରା ବିପରିତ, ସକାରାତ୍ମକ ଏବଂ ସଦିଚ୍ଛାର ଭରପୁର ବୋଲି ଲୋକେ ଗ୍ରହଣ କରିନେଇଥିଲେ। ତାଙ୍କ ଭାଷଣକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ମୋଦୀଙ୍କ ଭାଷଣ ପରେ ଅଶା କରାଯାଉଥିଲା ତାଙ୍କ ଦଳ ତଥା ବିଜେପିର ସହଯୋଗୀ ସଂଗଠନ ମାନେ ମୋଦୀଙ୍କ କଥାକୁ ମାନିବେ ଓ ତାଙ୍କ ଭାଷଣର କଥାକୁ ଗୁରୁତ୍ୱ ଦେବେ। କିନ୍ତୁ ଏମିତି ଘଟିନଥିଲା। ପରନ୍ତୁ ନିଜେ ମୋଦୀ ଖୋଲାଖୋଲି ଭାବେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଭାଷଣ ଦେବାରେ ଲାଗିଲେ। ଦୁର୍ଭାଗ୍ୟର କଥା ଯେ ଦେଶର ଏବେ କିଂଭୁତ କିମାକାର ପରିସ୍ଥିତି ସୃଷ୍ଟି ହୋଇଛି। ମୋଦୀଙ୍କ କଳାଧନ ଫେରସ୍ତ ପ୍ରତିଶ୍ରୁତି, ବିମୁଦ୍ରାକରଣ ଭଳି ପଦକ୍ଷେପ କେତେଦୁର ଲୋକଙ୍କ ବିକାଶ ପାଇଁ ସହାୟକକ ହୋଇଛି ସେକଥା ଏ ଦେଶର ଲୋକେ ଜାଣନ୍ତି।

ମୋଦୀ ସରକାରଙ୍କ ୧୧ବର୍ଷ ପୁର୍ତ୍ତୀ ଅବସରରେ ବିଜେପି ସାମ୍ବାଦିକ ସମ୍ମିଳନୀ କରିଥିଲା ଓ ରାଷ୍ଟ୍ରୀୟ ଅଧକ୍ଷ ଜଗତ୍‌ପ୍ରକାଶ ନଡ୍ଡା କହିଥିଲେ ଯେ ମୋଦୀ ତୁଷ୍ଟିକରଣ ନୀତିକୁ ଖତମ କରି ଉତ୍ତରଦାୟୀ, ପାରଦର୍ଶୀତା ଏବଂ ବିକାଶର ରାଜନୀତି ଆରମ୍ଭ କରିଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଭାରତର ରାଜନୈତିକ ସଂସ୍କୃତି ବଦଳିଯାଇଛି। ରାଜନୈତିକ ପ୍ରତିଦ୍ୱନ୍ଦିତା, ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଦୁର୍ଭାବନା ଏବଂ ଘୃଣା ବଢ଼ିବାରେ ଲାଗିଛି। ରାଜନୈତିକ ସଂସ୍କୃତିର ଏହି ପରିବର୍ତ୍ତନ ସାର୍ବଭୌମିକ ଅଟେ। ନଡ୍ଡା ସାହେବ ଯେଉଁ ଉତ୍ତରଦାୟୀ କଥା କହିଲେ କ'ଣ ତାଙ୍କ ଦଳର ସରକାରର ଉତ୍ତରଦାୟୀତ୍ୱ ଅଛି? ପହଲଗାମ ଆତଙ୍କି ଘଟଣା, ତାପରର ସେନା କାର୍ଯ୍ୟାନୁଷ୍ଠାନ ଓ ହଠାତ୍ ଯୁଦ୍ଧ ବିରତି ଘୋଷଣା କ'ଣ ଉତ୍ତରଦାୟୀତ୍ୱ? ଏବେର ବିମାନ ଦୁର୍ଘଟଣା ପାଇଁ ଉତ୍ତରଦାୟୀ କିଏ? ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଭାରତ- ପାକିସ୍ଥାନ ମଧ୍ୟରେ ସେନା କାର୍ଯ୍ୟାନୁଷ୍ଠାନ ବେଳେ ବିଶ୍ୱର କୌଣସି ବି ଦେଶ ଭାରତକୁ ସମର୍ଥନ କରିନଥିଲେ। ଅନ୍ୟପକ୍ଷରେ ଚୀନ ଏବଂ ଅନ୍ୟ କିଛି ଦେଶ ପାକିସ୍ଥାନକୁ ସହଯୋଗ କରିଥିଲେ। ଏପରିକି ଆନ୍ତର୍ଯ୍ୟାତିୟ ମୁଦ୍ରା ପାଣ୍ଠି ପାକିସ୍ଥାନ ଏକ ବଡ଼ ଧରଣର ଆର୍ଥୀକ ସହାୟତା ଦେଇଥିଲା। ଭାରତ ସରକାର ପାକିସ୍ଥାନ ବିରୁଦ୍ଧରେ ଆନ୍ତର୍ଯାତୀୟ ସମର୍ଥନ ଜୁଟାଇବା ପାଇଁ ସଂସଦ, ପୂର୍ବତନ ସାଂସଦ ମାନଙ୍କର ପ୍ରତିନିଧି ମଣ୍ଡଳକୁ ଅନେକ ଦେଶକୁ ପଠାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ଜାତିସଂଘ ପାକିସ୍ଥାନକୁ ସୁରକ୍ଷା ପରିଷଦ ଆତଙ୍କବାଦ ନିରୋଧି କମିଟିର ଉପାଧକ୍ଷ ଭାବେ ନିଯୁକ୍ତି ଦେଇଛି। ଋଷ ଭଳି ଭାରତର ବନ୍ଧୁ ଦେଶ ସମର୍ଥନ କରିବା ପରିବର୍ତ୍ତେ ପାକିସ୍ଥାନ ପ୍ରତି ନରମ ମନୋଭାବ ପ୍ରଦର୍ଶନ କରିଥିଲା। ଏବେ ଜି-୭ ସମ୍ମିଳନୀରେ ଭାରତର ମର୍ଯ୍ୟଦାହାନୀ ହୋଇଛି। ଆନ୍ତର୍ଯ୍ୟାତୀୟ ସ୍ତରରେ ଭାରତର ଏଭଳି ଦୟନୀୟ ଅବସ୍ଥା କେବେ ହୋଇନଥିଲା। କିନ୍ତୁ ଏ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ବିଫଳତାକୁ ସଫଳତା ବୋଲି କହିଚାଲିଛନ୍ତି। ରାଷ୍ଟ୍ରବାଦର କଥା କହୁଥିବା ପ୍ରଧାନମନ୍ତ୍ରୀଙ୍କର ଏଭଳି ମାନସିକତାକୁ ରାଷ୍ଟ୍ରବାଦଝଣ୍ଡ ଏବଂ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ ବୋଲି କୁହାଯିବ ନା ଅନ୍ୟ କିଛି?

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**



# ମୌସୁମୀର ପ୍ରତ୍ୟାବର୍ତ୍ତନ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଚଳିତ ବର୍ଷ ଆଗୁଆ ଆସିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ଗତ ତିନି ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ଗାଏବ ଅଥବା ଦୁର୍ବଳ ପରେ ଏବେ ପୁଣି ସାରା ଦେଶରେ ସକ୍ରୀୟ ହୋଇଛି। କେବଳ ସକ୍ରୀୟ ନୁହେଁ, ଦେଶର ଅର୍ଦ୍ଧେକ ଅଞ୍ଚଳରେ ମୌସୁମୀ ତାଣ୍ଡବ ରଚିବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଚେତାବନୀ ଦେଇଛି। କହିବା ବାହୁଲ୍ୟ ଯେ, ଦେଶର କେତେକ ଅଞ୍ଚଳରେ ମୌସୁମୀ ପୁଣି ସକ୍ରୀୟ ହେବା ଫଳରେ ସାଧାରଣ ଜୀବନଯାତ୍ରାର ଠପ୍ ହୋଇଯାଇଥିବା କୁହାଯାଇଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ବର୍ଷା ଅଭାବ ଯୋଗୁଁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ମୌସୁମୀ ପରିଚିତ। ମୌସୁମୀ ବିନା ଭାରତରେ କୃଷି କଳ୍ପନା କରାଯାଇନପାରେ। କୃଷି ଓ ମୌସୁମୀର ସମ୍ପର୍କ କାହାରିକୁ ଅଛପା ନାହିଁ। ଚଳିତ ବର୍ଷ ମୌସୁମୀ ଆଗୁଆ କେରଳ ଛୁଇଁବା ଏବଂ ଦେଶର ବିଭିନ୍ନ ଭାଗରେ ପ୍ରବେଶ କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଚାଷ କାର୍ଯ୍ୟ ଆରମ୍ଭ ହୋଇନଥିବା ଜଣାଯାଏ। ଅନାବୃଷ୍ଟି ଓ ଅତିବୃଷ୍ଟି ଉଭୟ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଅଭିଶପ୍ତ ପାଲଟିଛି। ମୌସୁମୀ ଦୁର୍ବଳ ବା ଗାଏବ ହେବା ଯୋଗୁଁ ଅନାବୃଷ୍ଟି ଫଳରେ ଦେଶର ବିଭିନ୍ନ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇନଥିବାବେଳେ ଅତ୍ୟଧିକ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ପରମ୍ପରାଗତ ଜୁନ୍ ୧ ତାରିଖ ପରିବର୍ତ୍ତେ ଆଠ ଦିନ ଆଗରୁ ମେ' ୨୪ତାରିଖରେ ମୌସୁମୀ କେରଳରେ ପ୍ରବେଶ କରିଥିଲା। ସାଧାରଣତଃ ଆମ ଦେଶରେ ଜୁନ ପହିଲାରୁ ବର୍ଷା ଋତୁ ତଥା ବର୍ଷା ଚର୍ତୁମାସ ଆରମ୍ଭ ହୋଇଥାଏ। ମୁମ୍ବାଇରେ ମୌସୁମୀ ମେ' ୨୬ତାରିଖ ପ୍ରବେଶ କରିଥିଲା, ଯାହାକି ପରମ୍ପରାଗତ ଦିବସର ୧୬ଦିନ ଆଗୁଆ ଥିଲା। ସେହିପରି ଦେଶର ଉତର ପୂର୍ବାଚଂଳ ରାଜ୍ୟଗୁଡିକରେ ମୌସୁମୀ ମଧ ଆଗୁଆ ପ୍ରବେଶ କରିଥିଲା। ଉଭୟ ମୁମ୍ବାଇ, ବେଙ୍ଗାଲୁର ଏବଂ ଉତର ପୂର୍ବାଚଂଳ ରାଜ୍ୟଗୁଡିକରେ ମୌସୁମୀ ତାଣ୍ଡବ ରଚିଥିଲା। ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟାସ୍ତ ହୋଇପଡ଼ିଥିବାବେଳେ ଉତର ପୂର୍ବାଚଂଳ ରାଜ୍ୟଗୁଡିକରେ ବନ୍ୟାରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଥିଲା। କହିବା ବାହୁଲ୍ୟ ଯେ, ମେ' ଓ ଜୁନ୍ ମାସର ପ୍ରଥମର୍ଦ୍ଧରେ ଯେଭଳି ଗ୍ରୀଷ୍ମ ପ୍ରବାହ ହେବା କଥା, ମୌସୁମୀ ଯୋଗୁଁ ତାହା ହୋଇନାହିଁ। ସର୍ବଭାରତୀୟ ସ୍ତରରେ ତାପମାତ୍ରା ସ୍ୱାଭାବିକ ଠାରୁ ୧.୫ଡିଗ୍ରୀ ସେଲସିୟସ୍ ତଳେ ରହିବା ଯୋଗୁଁ ମେ' ମାସରେ ଥଣ୍ଡା ଓ ଆଦ୍ରତା ଯୋଗୁଁ ତାପ-ବାହିତ ଲଘୁଚାପ ସୃଷ୍ଟି ହୋଇନପାରିବା ଯୋଗୁଁ ଭାରତ ମହାସାଗର ଅଞ୍ଚଳର ପବନ ପ୍ରବାହିତ ନହେବା ଫଳରେ ମୌସୁମୀ ପ୍ରବେଶ କରିବା ପରେ ଦୁର୍ବଳ ହୋଇଯାଇଥିଲା। ଯାହାର ପ୍ରଭାବରେ ଚଳିତ ମାସରେ ସ୍ୱାଭାବିକ ଠାରୁ ୩୧ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ଆଇଏମଡି କହିଛି। ଦେଶର ୩୬ଟି ଆଞ୍ଚଳିକ ପାଣିପାଗ ସବ୍‌ଡିଭିଜନ ମଧ୍ୟରୁ ୩୦ଟି ସବ୍‌ଡିଭିଜନ୍ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ହୋଇଥିବା ରେକର୍ଡ କରାଯାଇଥିବାବେଳେ ଅବଶିଷ୍ଟ ୬ଟିରେ ସ୍ୱଭାବିକ ଠାରୁ ୧୫ପ୍ରତିଶତ ଅଧିକ ବର୍ଷା ହୋଇଥିବା କୁହଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଏଲ ନିନୋର ପ୍ରଭାବ ନଥିବାରୁ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ପୂର୍ବରୁ ଆଇଏମଡି ପୂର୍ବାନୁମାନ କରିଛି। କେବଳ ଆଇଏମଡି ନୁହେଁ, ଦେଶ ବିଦେଶର ବହୁ ପାଣିପାଗ ସଂସ୍ଥା ମଧ ଅନୁରୂପ ମତ ଦେଇଛନ୍ତି। ଦୀର୍ଘ ଦିନ ଧରି ନିଷ୍କ୍ରିୟ ରହିବା ପରେ ମୌସୁମୀ ପୁଣି ସକ୍ରୀୟ ହେବା ନିଶ୍ଚିତ ଭାବେ ଭାରତୀୟ କୃଷି ପାଇଁ ଏକ ଶୁଭ ସଂକେତ ବୋଲି କୁହାଯାଇପାରିବ। ସ୍ୱାଭାବିକ ମୌସୁମୀ କେବଳ କୃଷି ନୁହେଁ, ଭାରତୀୟ ଅର୍ଥନୀତି ପାଇଁ ମଧ ବରଦାନ। ଅତ୍ୟଧିକ ଶସ୍ୟା ଅମଳ ସର୍ବଦା ଦେଶର ଆର୍ଥୀକ ଅଭିବୃଦ୍ଧିକୁ ସଂମୃଦ୍ଧ କରିଥାଏ। ମୌସୁମୀ ପୁନଃ ସକ୍ରୀୟ ହେବା ଦେଶରେ ଖରିଫ ଶସ୍ୟ ପାଇଁ ଚାଷୀ ଚାଷକାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ଆଶାକୁ ଉଜ୍ଜୀବତ କରିଛି। ଏହା ନିସନ୍ଦେହ ଯେ ଶସ୍ୟ ଅମଳ ଓ ଅର୍ଥନୀତି ମୌସୁମୀ ଉପରେ ନିର୍ଭରଶୀଳ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ୍: ୭୯୭୮୬୬୬୪୦୩**



# ଓଡ଼ିଆ ଭାଷା ସାହିତ୍ୟ ଓ ତାହାର କ୍ରମବିକାଶ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ସାହିତ୍ୟ ସମାଜର ହିତ ସାଧନ କରି ଜନସାଧାରଣଙ୍କୁ ସମ୍ବେଦନଶୀଳ ତଥା ସଚେତନ କରିବାରେ ପ୍ରମୁଖ ସହାୟକ। ଓଡ଼ିଆ ସାହିତ୍ୟ ଓଡ଼ିଶାବାସୀଙ୍କ ଉନ୍ନତିରେ କର୍ମରତ। ଏହା ଆମ ରାଜ୍ୟର ବିକାଶ ଓ ସଂସ୍କୃତିର ପରିଚୟ ଦେଇଥାଏ। ସୁଦୂର ଅତୀତରେ ଲିପିର ଅଭାବ ହେତୁ ମୁଖସ୍ଥ କରିବା ଥିଲା ସାହିତ୍ୟକୁ ବଞ୍ଚାଇ ରଖିବାର ଏକ ମାତ୍ର ଉପାୟ। ତେଣୁ ମନେ ରଖିବାର ସୁବିଧା ନିମନ୍ତେ ସବୁ କଥାକୁ ପଦ୍ୟର ରୂପ ଦେବା ଦରକାର ଥିଲା। ଗଣିତ ବିଦ୍ୟା, ଆକାଶ ବିଦ୍ୟା, ଏପରିକି ମାଛ ମାରିବା, ପାଗ ଜାଣିବା ଆଦିକୁ ନେଇ ପଦ୍ୟ ସବୁ ରଚା ଯାଇଥିଲା। ଓଡ଼ିଆରେ ଅନେକ ପୁରାତନ ରଚନା ଯେମିତିକି ଲୀଳାବତୀ ସୂତ୍ର, ଡାକରଷି ବଚନ, ଖନା ବଚନ ଓ ଗଣିତର ବିଭିନ୍ନ ସୂତ୍ର ଲୋକଗୀତରେ ଅଛି। ଓଡ଼ିଆ ସାହିତ୍ୟର ଇତିହାସ ଚର୍ଯା ଗୀତିରୁ ଆରମ୍ଭ ବୋଲି ପ୍ରମାଣ ମିଳିଅଛି। ଏହା ବୁଦ୍ଧଙ୍କ ଜନ୍ମ ସମୟରେ ସୃଷ୍ଟି ହୋଇଥିଲା। ସେହି କାଳରୁ ବୁଦ୍ଧଙ୍କର ଜନ୍ମଜାତକ (ବୁଦ୍ଧଜାତକ), ବାଣୀ ତ୍ରିପିଟକ ଭାବରେ ଓ ବୌଦ୍ଧ ସାଧୁ ସନ୍ଥମାନଙ୍କ ଲେଖା ଚର୍ଯ୍ୟଗୀତିକା ଓଡ଼ିଆ ସାହିତ୍ୟର ଆରମ୍ଭ। ଏହା ପରବର୍ତ୍ତୀ କାଳରେ ଭକ୍ତିଯୁଗ ସମୟରେ ଏହା ଖୁବ ଉନ୍ନତ ହୋଇଥିଲା। ପରେ ରୀତିଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଆରମ୍ଭ ହୋଇଥିଲା। କେତେକ ସ୍ଥଳରେ ଉତ୍ତର ଆଧୁନିକ ସାହିତ୍ୟର ଉକ୍ତି ଦେଖିବାକୁ ମିଳିଥାଏ। ତେବେ ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ବହୁ ବାଧାବିଘ୍ନ ଦେଇ ଗତି କରି ଶେଷରେ ସ୍ୱତନ୍ତ୍ରତା ପ୍ରାପ୍ତ କରିଛି। ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ ସଂପର୍କରେ ଆଲୋକପାତ କରାଗଲେ ଜଣାଯାଏ ଯେ ଏହା ବିଭିନ୍ନ ବିଭାଗ ଦେଇ ଗତି କରିଛି। ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଆରମ୍ଭରୁ ଇଂରେଜମାନେ ଓଡ଼ିଶାକୁ ଅଧିକାର କଲା ପରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷ ଇଂରେଜ ଶାସନାଧୀନ ହୋଇଗଲା। ଓଡ଼ିଶାରେ ଯଦିଓ ଇଂରେଜମାନଙ୍କ ବିରୋଧରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ସୁରେନ୍ଦ୍ର ସାଏ, ତାପଙ୍ଗ ଦଳବେହେରା ପ୍ରମୁଖ ବିଭିନ୍ନ ସମୟରେ ବିଦ୍ରୋହ କରିଥିଲେ, ତାହା ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସେନାବାହିନୀ ଦ୍ୱାରା ଅବଦମିତ ହୋଇଯାଇଥିଲା। ସୁଚତୁର ଇଂରେଜମାନେ ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଶାର କୃଷକ ଓ ଜମି ମାଲିକଙ୍କ ଜମିକୁ ହସ୍ତାନ୍ତରିତ କରି ନୂତନ ସୃଷ୍ଟ ଅନୁଗତ ଜମିଦାରଙ୍କ ଦାୟିତ୍ୱରେ ନ୍ୟସ୍ତ କରିଦେଲେ। ଫଳରେ ଓଡ଼ିଆ ଜାତି ଦାରିଦ୍ର୍ୟ ଭିତରେ ରହି ନାନା କୁସଂସ୍କାରରେ ବୁଡ଼ି ରହିବାକୁ ବାଧ ହେଲା। ଏହି ସମୟରେ ଯେଉଁ ରାଜା, ଜମିଦାରମାନେ ରହିଲେ ସେମାନେ ଜନସାଧାରଣଙ୍କ ପ୍ରତି ଅନୁଦାର ଭାବ ପୋଷଣ କଲେ। ନାନା ଅତ୍ୟାଚାର, ଶୋଷଣ, ପୀଡ଼ନ ଭିତରେ ଓଡ଼ିଆ ଜାତି ହାତ୍ମତାଶା ଭିତରେ ଜୀବନ କଟାଇବାକୁ ବାଧ ହେଲା। ଖ୍ରୀଷ୍ଟିୟାନ ମିଶନାରୀମାନେ ୧୮୨୨ ମସିହାରୁ ଓଡ଼ିଶାରେ ମିଶନ ସ୍କୁଲମାନ ପ୍ରତିଷ୍ଠା କରି ଶିକ୍ଷାଦାନ ପାଇଁ ବ୍ୟବସ୍ଥା କଲେ ମଧ ଓଡ଼ିଆମାନେ ସେହିସବୁ ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ପଠାଇଲେ ନାହିଁ। ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଭୟ, ଆତଙ୍କ, ଅଶିକ୍ଷା, ଅନ୍ଧବିଶ୍ୱାସ ଇତ୍ୟାଦି ଦ୍ୱାରା ଓଡ଼ିଆ ଜାତିକୁ ସଂପୂର୍ଣ୍ଣ ଆତ୍ମବିଲୁପ୍ତ କରିଦେଲା। ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର କିଛି କାଳ ପର୍ଯ୍ୟନ୍ତ ମଧ ଜାତିର ନିର୍ବେଦତା ଲାଗି ରହିଲା। ସେହି ନିର୍ବେଦତା ଓ ଆତ୍ମବିଲୁପ୍ତର ଚରମ ନିଦର୍ଶନ ହେଲା ନ'ଅଙ୍କ ଦୁର୍ଭିକ୍ଷ ୧୮୬୬। ଗୋଟାଏ ଇତିହାସ ପ୍ରସିଦ୍ଧ ଜାତି ଯେମିତି ଶ୍ମଶାନିତ ହୋଇଗଲା। ଏହି ମହାଶ୍ମଶାନରୁ ସୁପ୍ତ ଓଡ଼ିଆ ଜାତିର ହେଲା ନିଦ୍ରାଭଙ୍ଗ। ତା'ର ହେଲା ଆତ୍ମଜାଗୃତି। ମାତୃଭାଷା ଓ ମାତୃଭୂମିକୁ ଆଧାର କରି ଓଡ଼ିଆ ଜାତୀୟତାର ଶୁଭଶଙ୍ଖ ନିନାଦିତ ହେଲା ଓ ସେହି ଶଙ୍ଖ ଧ୍ୱନି କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ପ୍ରତିଷ୍ଠିତ ଓ ସଂପାଦିତ "ଉତ୍କଳ ଦୀପିକା" ୧୮୬୬ ମସିହାରେ ପ୍ରଥମେ ବାଦନ କରିଥିଲା। ତାହାହିଁ ପ୍ରତିଧ୍ୱନିତ ହେଲା ସମଗ୍ର ଓଡ଼ିଶାରେ। ଏହି ପତ୍ରିକାକୁ ଆଦର୍ଶ କରି ପରେ ପରେ ପ୍ରକାଶ ପାଇଲା 'ବାଲେଶ୍ୱର ସମ୍ବାଦ ବାହିକା" (୧୮୬୮), 'ଉତ୍କଳ ହିତୈଷିଣୀ' (୧୮୬୯), "ଓଡ଼ିଆ ଓ ନବ ସଂବାଦ' (୧୮୮୮) ସମ୍ବଲପୁର ହିତୈଷିଣୀ (୧୮୮୯), 'ଉତ୍କଳପୁତ୍ର'(୧୮୭୩) ଆଦି ସମ୍ବାଦ ପତ୍ରିକା, ଉତ୍କଳ ଦର୍ପଣ (୧୮୭୩)'ଉତ୍କଳ – ମଧୁପ' (୧୮୭୮), 'ଉତ୍କଳ ପ୍ରଭା' ( ୧୮୯୧ ), "ଉତ୍କଳ ସାହିତ୍ୟ' (୧୮୯୭), 'ମୁକୁର' (୧୯୦୬), " ସତ୍ୟବାଦୀ' (୧୯୧୫) ଆଦି ସାହିତ୍ୟ ପତ୍ରିକା। ଏହି ପତ୍ରିକାଗୁଡ଼ିକ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ବାର୍ତ୍ତାବହ ଓ ଆଧୁନିକ ଲେଖକମାନଙ୍କର ଆତ୍ମ ପ୍ରକାଶର ମାଧ୍ୟମ।



ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବେଳକୁ କଲିକତା ଏକ ମୁଖ୍ୟ ସହରରେ ପରିଣତ ହୋଇଗଲା ଓ ସେଠାରେ ଇଂରାଜି ଶିକ୍ଷାର ପ୍ରସାର ଘଟି ନବଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା। ଫଳରେ ବଙ୍ଗଳାରେ ରେନେସାଁ ବା ନବଜାଗରଣ ଦେଖାଦେଲା। ରାଜା ରାମମୋହନ ରାୟ ପ୍ରତିଷ୍ଠା କଲେ ବ୍ରାହ୍ମ ଧର୍ମ (୧୮୨୮)। ଏହି ଧର୍ମ ପିତୁଳାପୂଜାକୁ ବିରୋଧ କରି ଏକେଶ୍ୱର ବ୍ରହ୍ମବାଦ ଉପରେ ଗୁରୁତ୍ୱ ଦେଲା। ଏହି ନବଜାଗରିତ ଚେତନାରେ ଯେଉଁ ସବୁ ଆଭିମୁଖ୍ୟ ପ୍ରକାଶ ପାଇଲା, ତାହା ହେଲା ମାନବ ବନ୍ଦନା, ସମାଜ-ସଂସ୍କାର, ମନସ୍ତତା, ବିଧବା-ବିବାହ ପ୍ରତି ସମର୍ଥନ, ବାଲ୍ୟବିବାହ - ବିରୋଧ, ସ୍ୱାଧୀନତା ବୋଧ ପ୍ରଭୃତି ଏହି ସମୟରେ ବଙ୍ଗଳାରେ ନୂତନ ଲେଖକ ଗୋଷ୍ଠୀର ଆବିର୍ଭାବ ଘଟିଲା। ମାଇକେଲ ମଧୁସୂଦନ ଦତ୍ତ, ବଙ୍କିମ ଚନ୍ଦ୍ର, ନବୀନ ସେନ୍, ହେମଚନ୍ଦ୍ର, ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ଲେଖକମାନେ ବଙ୍ଗଳା ଭାଷାରେ ରଚନା କଲେ ନୂତନ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ସମାଲୋଚନା ଇତ୍ୟାଦି। ଓଡ଼ିଶାରେ ୧୮୭୦ ମସିହା ବେଳକୁ ନବଶିକ୍ଷିତ ଗୋଷ୍ଠୀର ହେଲା ଆବିର୍ଭାବ। ବ୍ରାହ୍ମଧର୍ମ ମଧ ଓଡ଼ିଶାରେ ପ୍ରସାରିତ ହେଲା। ପତ୍ରପତ୍ରିକା ପ୍ରକାଶ ପାଇଲା। ନ'ଅଙ୍କ ଦୁର୍ଭିକ୍ଷର ମହାଶ୍ମଶାନ ଭିତରୁ ଓଡ଼ିଆ ଜାତିର ହେଲା ନବଜନ୍ମ। ଓଡ଼ିଆ ଭାଷାକୁ ଓଡ଼ିଶାରୁ ଉଠାଇ ଦେବାର ସରକାରୀ ଆଦେଶନାମା ବିରୋଧରେ ଆରମ୍ଭ ହେଲା ଭାଷା-ସୁରକ୍ଷା- ଆନ୍ଦୋଳନ (୧୮୬୯/୭୦) ଓଡ଼ିଆ ଭାଷା ମରଣ ସଂକଟରୁ ରକ୍ଷା ପାଇଲା। ଏହି ମାତୃଭାଷା-ପ୍ରତିରୁ ଜନ୍ମ ନେଲା ଆଧୁନିକ ଓଡ଼ିଆ ସାହିତ୍ୟ। ଇଂରେଜ-ଶିକ୍ଷା-ପ୍ରାପ୍ତ ତରୁଣ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରୁ କେତେକ ସମାଜ ଓ ମାତୃଭୂମି-ସଚେତନ ଶିକ୍ଷିତ ବ୍ୟକ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ବୀତସ୍ପୃହ ହୋଇ ସୃଷ୍ଟି କଲେ ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ନୂତନ ଓଡ଼ିଆ କାବ୍ୟ, କବିତା, ଗନ୍ଧ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମ ଜୀବନୀ, ଭ୍ରମଣ କାହାଣୀ, ସମାଲୋଚନା ଇତ୍ୟାଦି। ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟ ହେଲା ପାଶ୍ଚାତ୍ୟ ସାହିତ୍ୟର ଅମୃତମୟ ଫଳ ଶ୍ରୁତି। ଯେଉଁ ନବ ରୁଚି ଓ ନବ ଚେତନା ଦେଖାଦେଲା ତାହାହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବର ହେଲା ପ୍ରଧାନ ଉପଜୀବ୍ୟ। ଯଦିଓ ଆଧୁନିକ ଚେତନାର ଭିନ୍ନ ଭିନ୍ନ ଦିଗ ସାହିତ୍ୟରେ ରୂପ ନେଲା ତଥାପି ଔପନିବେଶିକ ଶାସନ ଭିତରେ ଯେଉଁ ମାନସିକତା ଜନ୍ମ ମାତୃଭୂମି ଓ ମାତୃଭାଷା ପ୍ରାତି, ପ୍ରକୃତି-ପ୍ରାତି, ନାରୀ-ନେଇଥିଲା। ତାହା ଔପନିବେଶିକ ମାନସିକତାରୁ ସଂପୂର୍ଣ୍ଣ ସ୍ୱାତନ୍ତ୍ରା, ନାରୀ-ଶିକ୍ଷା, ବ୍ୟକ୍ତି-ସ୍ୱାତନ୍ତ୍ରା, ଏକ ଈଶ୍ୱର ମୁକ୍ତ ହେଲା ନାହିଁ ଓ ସେହି ସାହିତ୍ୟ ମଧ ସେଥିରୁ ମୁକ୍ତ ନ ଭାବନା, ଇତିହାସ ଓ ଐତିହ୍ୟ ପ୍ରତି ଶ୍ରଦ୍ଧା, ବିଜ୍ଞାନ- ହୋଇ, ହୋଇଗଲା ଔପନିବେଶିକ ଆଧୁନିକ ସାହିତ୍ୟ ଯାହା ଆଜି ବେଶ ଲୋକପ୍ରିୟ ଓ ପ୍ରଚଳିତ ମଧ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍: ୯୯୩୮୯୦୬୦୭୦**

# ଗୁଜରାଟର ଓ ପଞ୍ଜାବରେ ଦଳକୁ ସଞ୍ଜିବନୀ



**ଲୁଧିଆନା,୨୩।୬:** ପଞ୍ଜାବର ଲୁଧିଆନା ପଶ୍ଚିମ ବିଧାନସଭା ଆସନ ଏବଂ ଗୁଜରାଟର ବିସାବାଦ ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ଆମ ଆଦମୀ ପାର୍ଟି (ଆପ) ପ୍ରାର୍ଥୀମାନେ ବଡ଼ ବିଜୟ ହାସଲ କରିଛନ୍ତି। ଏହା ଆପ ପାଇଁ ଜୀବନ ରକ୍ଷାକାରୀଠାରୁ କମ ନୁହେଁ। ପାଞ୍ଚ ମାସ ପୂର୍ବରୁ, ଦିଲ୍ଲୀରେ କ୍ଷମତା ହରାଇବା ପରେ ଆପକୁ ଏକ ବଡ଼ ଝଟକା ଲାଗିଥିଲା। ଆପର ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ସମେତ ସମସ୍ତ ବଡ଼ ନେତା ହାରିଗଲେ। ଏହା ପରେ, ଆପର ଧ୍ୟାନ ସଂଗଠନ ସହିତ ପଞ୍ଜାବ ଏବଂ ଗୁଜରାଟ ଉପରେ ସ୍ଥାନାନ୍ତରିତ ହେଲା। ଅରବିନ୍ଦ କେଜରିୱାଲ ଏବଂ ମନୀଷ ସିସୋଡିଆଙ୍କ ସମେତ ସମସ୍ତ ବଡ଼ ନେତା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କଲେ। ନିର୍ବାଚନ ଘୋଷଣାର ବହୁ ପୂର୍ବରୁ, ଦଳ ଆପର ରାଜ୍ୟ ସଭା ସଦସ୍ୟ ସଞ୍ଜୀବ ଆରୋରାଙ୍କୁ ଲୁଧିଆନା ପଶ୍ଚିମ ଆସନରୁ ପ୍ରାର୍ଥୀ କରିଥିଲା ଏବଂ ସେ ଜିତିଥିଲେ। ୨୦୨୨ ପୂର୍ବରୁ, ଏହି ଆସନ କଂଗ୍ରେସର ଏକ ଗଡ଼ ପରି ଥିଲା। ଆରୋରା କଂଗ୍ରେସ ପ୍ରାର୍ଥୀ ଏବଂ ପୂର୍ବତନ ମନ୍ତ୍ରୀ ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଛନ୍ତି। ଅରବିନ୍ଦ କେଜରିୱାଲ ପ୍ରତିଶ୍ରୁତି ଦେଇଥିଲେ ଯେ, ଯଦି ଆରୋରା ଜିତିଯାଆନ୍ତି, ତେବେ ତାଙ୍କୁ ଭଗବନ୍ତ ମାନ ସରକାରରେ ମନ୍ତ୍ରୀ କରାଯିବ। ଆପ ବିଧାୟକ ଗୁରପ୍ରୀତ ଗୋଗୀଙ୍କ ମୃତ୍ୟୁ ପରେ ଲୁଧିଆନା ପଶ୍ଚିମ ବିଧାନସଭା ଆସନ ଖାଲି ପଡ଼ିଥିଲା। ଏହା ସହିତ, ଆପର ଗୋପାଳ ଇଟାଲିଆ ଗୁଜରାଟର ବିସାବାଦର ଆସନରେ ବଡ଼ ବ୍ୟବଧାନରେ ଜିତିଥିଲେ। ସେ ଭାଜପାର କିରିଟ ପଟେଲଙ୍କୁ ପରାସ୍ତ କରିଥିଲେ। କଂଗ୍ରେସର ନୀତିନ ରଣପାରିୟା ତୃତୀୟ ସ୍ଥାନରେ ରହିଥିଲେ। ଆପ ବିଧାୟକ ଭୂପେନ୍ଦ୍ର ଭୟାନି ଇସ୍ତଫା ଦେଇ ଭାଜପାରେ ଯୋଗଦେବା ପରେ ଡିସେମ୍ବର ୨୦୨୩ରେ ବିସାବାଦର ଆସନ ଖାଲି ପଡ଼ିଥିଲା। ଏହା ପରେ ଏଠାରେ ନିର୍ବାଚନ କରିବା ଜରୁରୀ ହୋଇପଡ଼ିଥିଲା। ତଥାପି, ମେହସାଣା ଜିଲାର କାଡି ଆସନରେ ଆପକୁ ଝଟକା ଲାଗିଲା। ଭାଜପାର ରାଜେନ୍ଦ୍ର ଚାଭଡା ଏଠାରୁ ଜିତିଛନ୍ତି। କଂଗ୍ରେସର ରମେଶ ଚାଭଡା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଯେତେବେଳେ ଆପର ଜଗଦୀଶ ଚାଭଡା ତୃତୀୟ ସ୍ଥାନରେ ଥିଲେ। କାଡିରେ ଭାଜପା ବିଧାୟକଙ୍କ ମୃତ୍ୟୁ ପରେ ନିର୍ବାଚନ କରିବା ଜରୁରୀ ହୋଇଥିଲା। ରମେଶ ଚାଭଡା ୨୦୧୨ରେ ଏହି ଆସନ ଜିତିଥିଲେ କିନ୍ତୁ ୨୦୧୭ରେ ସେ ଭାଜପାର କରସନଭାଇ ସୋଲାଙ୍କିଙ୍କଠାରୁ ହାରିଥିଲେ।




## ବିଧାନସଭା ଉପନିର୍ବାଚନ ଫଳାଫଳ ଓ ପ୍ରାର୍ଥୀଙ୍କ ବିଷୟରେ

### ଆର୍ଯ୍ୟଦନ ଶୌକତ



କେରଳ- ୱାୟନଡ଼ ଲୋକସଭା ଆସନ ଭିତରେ ଆସୁଥିବା ନିଳାମ୍ବୁର ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଆର୍ଯ୍ୟଦନ ଶୌକତଙ୍କୁ ପ୍ରାର୍ଥୀ କରିଥିଲା। ସେ ଶାସକ ସିପିଆଇଏମ୍ ପ୍ରାର୍ଥୀ ଏମ ସ୍ୱରାଜଙ୍କୁ ୧୧ ହଜାର ଆସନରେ ହରାଇ ନିର୍ବାଚନ ଜିତିଛନ୍ତି। ଶୌକତଙ୍କୁ ୭୭,୭୩୭ ଭୋଟ ମିଳିଥିବା ବେଳେ ଏମ୍ ସ୍ୱରାଜଙ୍କୁ ୬୬,୬୬୦ ଭୋଟ ମିଳିଥିଲା। ସୂଚନା ଥାଉକି ସୌକତଙ୍କ ପିତା ଆର୍ଯ୍ୟଦାନ ମହମ୍ମଦ ୮ ଥର ଏହି ଆସନରୁ ଜିତିଥିଲେ। ସୂଚନା ଥାଉକି, ବିଜୟନଙ୍କ ସହ ମତଭେଦ ପରେ ବାମପନ୍ଥୀ ସ୍ୱାଧୀନ ବିଧାୟକ ପିଭି ଅନୱର ନୀଳାମ୍ବୁର ଆସନରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ୨୦୨୧ ମସିହାରେ ମାତ୍ର ୨୭୦୦ ଭୋଟ ବ୍ୟବଧାନରେ ଏହି ଆସନ ଜିତିଥିବା ଅନୱର ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ। ସେହିପରି ବିଜେପି ନୀଳାମ୍ବୁର ଆସନ ପାଇଁ ଆଡଭୋକେଟ୍ ମୋହନ ଜର୍ଜଙ୍କୁ ପ୍ରାର୍ଥୀ କରିଥିଲା।

### ସଞ୍ଜୀବ ଆରୋରା



ପଞ୍ଜାବ- ଆପ ଲୁଧିଆନା ପଶ୍ଚିମ ଆସନ ବଜାୟ ରଖିଛି, ପୂର୍ବତନ ରାଜ୍ୟସଭା ସାଂସଦ ଏବଂ ଶିଳ୍ପପତି ସଞ୍ଜୀବ ଆରୋରା ଏହିଠାରୁ ୧୦,୦୦୦ ରୁ ବି ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଏହି ଆସନରେ ଆପ୍ ପଛକୁ କଂଗ୍ରେସର ଭାରତ ଭୂଷଣ ଆଶୁ ଦ୍ୱତୀୟ ସ୍ଥାନରେ ଥିବା ବେଳେ ତୃତୀୟରେ ଥିଲେ ବିଜେପିର ଜୀବନ ଗୁପ୍ତା। ଜାନୁଆରୀ ମାସରେ ଆପ ବିଧାୟକ ଗୁରପ୍ରୀତ ବସ୍ସି ଗୋଗୀଙ୍କ ଆତ୍ମହତ୍ୟା ପରେ ଏହି ଆସନ ଖାଲି ପଡ଼ିଥିଲା। ସୂଚନା ଥାଉକି ୧୯୭୭ ମସିହାରେ ଏହି ଆସନରେ ଭୋଟ ହେବା ପର ଠାରୁ କଂଗ୍ରେସ ଏଠାରୁ ୬ ଥର ଜିତିଛି। ସେହିପରି ପଞ୍ଜାବର ଆଞ୍ଚଳିକ ଦଳ ଶିରୋମଣି ଅକାଳୀ ଦଳ (ବାଦଲ) ୨ ଜିତିଛି। ହେଲେ ବିଜେପି କେବେବି ଏହି ଆସନ ଜିତିପାରି ନାହିଁ।

### ଗୋପାଳ ଇଟାଲିଆ



ଗୁଜରାଟ- ବିସାବାଦାର- ବିଜେପି ଗଡ଼ ଗୁଜରାଟରେ ଆପ୍‌ର ବିଜୟ ଶଙ୍ଖ ନାଦ ହୋଇଛି। ଆପର ପୂର୍ବତନ ରାଜ୍ୟ ସଭାପତି ଗୋପାଳ ଇଟାଲିଆ ବିସାବାଦରର ଆସନରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି କିରିଟ ପଟେଲଙ୍କୁ ପରାସ୍ତ କରିଛନ୍ତି। ଇଟାଲିଆ ୭୫,୯୪୨ ଭୋଟ ପାଇଥିବା କିରିଟିଙ୍କୁ ୧୭,୦୦୦ରୁ ଅଧିକ ଭୋଟ ବ୍ୟବଧାନରେ ହରାଇଛନ୍ତି। ୨୦୦୭ ମସିହାରୁ ବିଜେପି ଏହି ଆସନରେ ବିଜୟୀ ହୋଇପାରୁ ନାହିଁ। ତତ୍କାଳୀନ ଆପ ବିଧାୟକ ଭୂପେନ୍ଦ୍ର ଭୟାନୀ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ପରେ ୨୦୨୩ ମସିହାରୁ ଏହି ଆସନଟି ଖାଲି ପଡ଼ିଥିଲା।

### ବିଜେପିର ରାଜେନ୍ଦ୍ର ଚାଭଦା



କଡ଼ି- କଡିରେ, ବିଜେପିର ରାଜେନ୍ଦ୍ର ଚାଭଡା ୩୯,୦୦୦ ରୁ ଅଧିକ ଭୋଟ ବ୍ୟବଧାନରେ ଜିତି ଦଳ ପାଇଁ ଆସନ ସୁରକ୍ଷିତ ରଖିପାରିଛନ୍ତି। ବିଜେପି ବିଧାୟକ କରସନ ସୋଲାଙ୍କିଙ୍କ ମୃତ୍ୟୁ ପରେ ଫେବୃଆରୀ ମାସରୁ ଏହି ଆସନଟି ଖାଲି ପଡ଼ିଥିଲା। ମେହସାଣା ଜିଲ୍ଲା ଅଧୀନରେ ଆସୁଥିବା ଏହି ଆସନଟି ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି।ଏହି ଆସନରେ ହୋଇଥିବା ତ୍ରିକୋଣୀୟ ପ୍ରତିଯୋଗିତାରେ କଂଗ୍ରେସ ଏବଂ ଆପ ଯଥାକ୍ରମେ ରମେଶ ଚାଭଡା ଏବଂ ଜଗଦୀଶ ଚାଭଡାଙ୍କୁ ପ୍ରାର୍ଥୀ କରିଥିଲେ। ସୂଚନା ଥାଉକି ୨୦୧୨ରେ ଏହି ଆସନରୁ ରମେଶ ଚାଭଡା ବିଜୟୀ ହୋଇଥିଲେ।

### ଆଲିଫା ଅହମ୍ମଦ



ପଶ୍ଚିମବଙ୍ଗ- ନଦିଆ ଜିଲ୍ଲା ଅଧୀନରେ ଥିବା କାଲିଗଞ୍ଜ ନିର୍ବାଚନମଣ୍ଡଳୀରେ, ଶାସକ ତୃଣମୂଳ କଂଗ୍ରେସର ପ୍ରାର୍ଥୀ ଆଲିଫା ଅହମ୍ମଦ ୪୯,୦୦୦ ରୁ ଅଧିକ ଭୋଟ ବ୍ୟବଧାନରେ ବିପୁଳ ବିଜୟ ହାସଲ କରିଛନ୍ତି। ଫେବୃଆରୀରେ ଆଲିଫାଙ୍କ ପିତା ଏବଂ ତୃଣମୂଳ କଂଗ୍ରେସ ବିଧାୟକ ନାସିରୁଦ୍ଦିନ ଅହମ୍ମଦଙ୍କ ମୃତ୍ୟୁ ଯୋଗୁ ଏହି ଆସନ ଖାଲି ପଡ଼ିଥିଲା। ବିଜେପି ଏହି ଆସନ ପାଇଁ ଆଶିଷ ଘୋଷଙ୍କୁ ପ୍ରାର୍ଥୀ କରିଥିଲା। କାଲିଗଞ୍ଜରେ ପ୍ରାୟ ୫୪ ପ୍ରତିଶତ ମୁସଲିମ ଭୋଟର ଅଛନ୍ତି।

# ଯମୁନେତ୍ରୀ ମାର୍ଗରେ ଭୂ-ସ୍ଖଳନ

**ଉତ୍ତରକାଶୀ,୨୩।୬:** ଉତ୍ତରାଖଣ୍ଡ ଉତ୍ତର କାଶୀ ଯୁମନେତ୍ରୀ ଧାମ ପାଦଚଲା ରାସ୍ତାରେ ଭୂ-ସ୍ଖଳନ ହୋଇଛି। ସୋମବାର ଅପରାହ୍ନରେ ହୋଇଥିବା ଏହି ପ୍ରାକୃତିକ ଦୁର୍ବିପାକ କାଳରେ ଶତାଧିକ ଶ୍ରଦ୍ଧାଳୁ ସେହି ରାସ୍ତା ଦେଇ ଦର୍ଶନ କରିବାକୁ ଯାଉଥିଲେ। ଏହି ଅଘଟଣରେ ମାଟି ଅତଡା ତଳେ ୩ ଜଣ ଶ୍ରଦ୍ଧାଳୁ ପୋତି ହୋଇ ପଡିଥିବା ଆଶଙ୍କା କରାଯାଉଛି। ସୂଚନା ମିଳିବାମାତ୍ରେ ଉତ୍ତରକାଶୀ ଜିଲ୍ଲା ପ୍ରଶାସନ ଜରୁରି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଜିଲ୍ଲା ସୂଚନା ଅଧିକାରୀଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଏସଡିଆରଏଫ ଟିମ୍, ମେଡିକାଲ କର୍ମଚାରୀ ଓ ସ୍ଥାନୀୟ ପ୍ରଶାସନ ତତ୍କାଳ ଘଟଣା ସ୍ଥଳରେ ରେସକ୍ୟୁ ଅପରେସନ ଆରମ୍ଭ କରିଛନ୍ତି।

ଉଦ୍ଧାରକାରୀ ଦଳ ପାହାଡରୁ ଛିଡିଥିବା ଅତଡା ତଳୁ ଲୋକଙ୍କ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଅଭିଯାନ ଚଳାଇଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତାକୁ ଏବେ ବନ୍ଦ କରି ଦିଆଯାଇଛି ଓ ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନମାନଙ୍କରେ ଅଟକା ଯାଇଛି। ଉତ୍ତରକାଶୀ ଜିଲ୍ଲାଧିକାରୀ ଘଟଣା ଉପରେ ଲଗାତାର ନଜର ରଖି ରହିଛନ୍ତି ଓ କଣ୍ଟ୍ରୋଲ ରୁମ୍‌ରୁ ପ୍ରତି ମୂହୁର୍ତ୍ତ ମନିଟରିଂ କରାଯାଉଛି। ସମ୍ପର୍କିତ ସବୁ ଏଜେନ୍ସୀଙ୍କୁ ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପାଣିପାଗ ବିଭାଗ ଆଗାମୀ ଦିନମାନଙ୍କରେ ଭୀଷଣ ବର୍ଷା ସତର୍କତା ଜାରି କରିଛନ୍ତି। ଏଣୁ ଆଗକୁ ଚାରିଧାମ ଯାତ୍ରା କଷ୍ଟକର ହେବ ବୋଲି ଅନୁମାନ କରାଯାଉଛି।



ଅତଡା ତଳେ ପୋତି ହୋଇଗଲେ ୩ ଶ୍ରଦ୍ଧାଳୁ

## ଆମେରିକା ବାୟୁସେନା ଘାଟି ଉପରେ ଇରାନର ମିସାଇଲ ମାଡ଼



**ନୂଆଦିଲ୍ଲୀ,୨୩।୬:** କାତାରର ରାଜଧାନୀ ଦୋହାରେ ସୋମବାର ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ରିଉଟର୍ସ ରିପୋର୍ଟ ଅନୁଯାୟୀ, କାତାରରେ ଥିବା ଆମେରିକା ପରିଚାଳିତ ଆଲ ଉଦେଇଦ ବାୟୁସେନା ଘାଟିକୁ ଲକ୍ଷ୍ୟ କରି ଇରାନ ମିସାଇଲ ଆକ୍ରମଣ ଆରମ୍ଭ କରିଥିବା ଜଣାପଡ଼ିଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ସିଚୁଏସନ ରୁମ୍‌ରେ ଉପସ୍ଥିତ ଥାଇ ଇରାନର ଏହି ପ୍ରତିଶୋଧମୂଳକ ଆକ୍ରମଣ ଉପରେ ନଜର ରଖିଛନ୍ତି। କିଛି ଘଣ୍ଟା ପୂର୍ବେ କାତାରରେ ଥିବା ଆମେରିକୀୟ ଦୂତାବାସ ଆମେରିକୀୟ ନାଗରିକମାନଙ୍କୁ "ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ" ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ନିର୍ଦ୍ଦେଶ ଦେଇଥିଲା। ଦୂତାବାସର ଏହି ସଂକ୍ଷିପ୍ତ ବିବୃତିରେ କୌଣସି ନିର୍ଦ୍ଦିଷ୍ଟ ବିବରଣୀ ଦିଆଯାଇ ନଥିଲା, କିନ୍ତୁ ଏହା "ଅତ୍ୟଧିକ ସତର୍କତା" ହେତୁ ଜାରି କରାଯାଇଥିବା କୁହାଯାଇଛି। ତେବେ ଏହି ଘଟଣା ପୂର୍ବରୁ କାତାର ଅସ୍ଥାୟୀ ଭାବେ ନିଜର ବାୟୁସୀମା ବନ୍ଦ କରି ଦେଇଥିଲା, ଯାହା ଫଳରେ ବିଶ୍ୱର ଅନ୍ୟତମ ବ୍ୟସ୍ତ ବିମାନବନ୍ଦର ଦୋହାକୁ ଯାଉଥିବା ବିମାନଗୁଡ଼ିକୁ ଅନ୍ୟତ୍ର ଡାଇଭର୍ଟ କରାଯାଉଛି। ଏହି ଆକ୍ରମଣ ଇରାନର ପରମାଣୁ ଠିକଣା ଉପରେ ଆମେରିକାର ସମ୍ପ୍ରତି କରାଯାଇଥିବା ବିମାନ ଆକ୍ରମଣର ପ୍ରତିଶୋଧ ଭାବେ ଦେଖାଯାଉଛି। ଆମେରିକା ଏହି ଆକ୍ରମଣକୁ "ଅଞ୍ଚଳରେ ଅଗ୍ରହଣୀୟ ଉତ୍ତେଜନା ରୋକିବା ପାଇଁ ପୂର୍ବନିରୋଧୀ ପଦକ୍ଷେପ" ବୋଲି ଅଭିହିତ କରିଥିବା ବେଳେ, ଇରାନ ଏହାକୁ ନିଜ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରି ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଥିଲା।

## ପଞ୍ଜାବ-ହରିୟାଣା ହାଇକୋର୍ଟରେ ଅଗ୍ନିକାଣ୍ଡ, ଜଳିଗଲା ବହୁ ରୁମ୍



**ନୂଆଦିଲ୍ଲୀ,୨୩।୬:** ପଞ୍ଜାବ ଓ ହରିୟାଣା ହାଇକୋର୍ଟ ପରିସରରେ ସୋମବାର ଭୀଷଣ ଅଗ୍ନିକାଣ୍ଡ। ନିଆଁରେ ଲେଡିଜ୍ ବାର ରୁମ୍ ଓ ରୁମ୍ ନମ୍ବର ୪ ସମ୍ପୂର୍ଣ୍ଣ ଭାବରେ ପୋଡି ପାଉଁଶ ହୋଇଯାଇଛି। ମୁଖ୍ୟ ଭାବରେ ରୁମ୍‌ର ଏକ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଦମକଳ ବିଭାଗର ଟିମ୍ ଘଟଣାସ୍ଥଳରେ ପହଁଞ୍ଚିଛନ୍ତି ଓ ନିଆଁକୁ ତୁରନ୍ତ କାବୁ କରିଛନ୍ତି। ନିଆଁ ଲଗାଇବାର କାରଣ ମଧ୍ୟ ଏବେ ଜଣାପଡିନି। ହାଇକୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଜାରି ବୟାନରେ କୁହାଯାଇଛି ନିଆଁରେ ୩୫ ଲକ୍ଷ କ୍ଷତି ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ହତାହତ ହୋଇନାହାନ୍ତି। ଅଧ୍ୟକ୍ଷ ସରତେଜ ସିଂହ ନରୁଲା କହିଛନ୍ତି, ତାଙ୍କୁ ସକାଳ ୪ଟା ୪୫ ମିନିଟ୍‌ରେ ହାଇକୋର୍ଟରୁ କଲ ଆସିଥିଲା, ଏହାପରେ ତୁରନ୍ତ ଘଟଣାସ୍ଥଳରେ ପହଁଞ୍ଚିଥିଲେ। ଲେଡିଜ୍ ବାର ରୁମ୍ ଓ ରୁମ୍ ନମ୍ବର ୪ରେ ଭୀଷଣ ଅଗ୍ନିକାଣ୍ଡ ଘଟିଥିଲା। ତୁରନ୍ତ ଫାୟାର ବ୍ରିଗେଡ୍ ଗାଡିକୁ ଡକାଯାଇଥିଲା। ସକାଳ ୫ଟା ୧୫ ମିନିଟ୍‌ରେ ନିଆଁକୁ କାବୁ କରାଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଏବେ ସ୍ପଷ୍ଟ ହୋଇପାରିନି, କିନ୍ତୁ ସର୍ଟ ସର୍କିଟର ଆଶଙ୍କା ଥିବାର କୁହାଯାଉଛି। ପ୍ରଶାସନ ନିଆଁ ଲାଗିଥିବାର କାରଣ ନେଇ ବିସ୍ତୃତ ଭାବରେ ଯାଞ୍ଚ ଆରମ୍ଭ କରିଛି। ଫାୟାର ଡିପାର୍ଟମେଣ୍ଟ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ କରି ନିଆଁକୁ ବ୍ୟାପିବାକୁ ରୋକି ଦେଇଥିଲେ।

# ଦୀଘାରେ ମହାପ୍ରସାଦ ନାଁରେ ମିଳୁଛି ଗଜା



**ଭୋଗରାଇ,୨୩।୬:** ଜଗନ୍ନାଥଙ୍କ ପ୍ରସାଦଙ୍କୁ ନେଇ ପୁଣି ରାଜନୀତି। ରାସନ ଦୋକାନ ମାଧ୍ୟମରେ ପ୍ରସାଦ ବଣ୍ଟନ। ମହାପ୍ରସାଦ ନାମରେ ଖୋୟା କ୍ଷୀର ବଣ୍ଟନ କରୁଛି ପଶ୍ଚିମବଙ୍ଗ ସରକାର । ୪୨ କୋଟି ଟଙ୍କାରେ ପ୍ରସାଦ ତିଆରି କରି ପଶ୍ଚିମବଙ୍ଗର ଘରେ ଘରେ ପହଂଚା ଯାଉଛି ଖୋୟା କ୍ଷୀର । ବଡ଼ କଥା ହେଉଛି ଯୋଉ ବ୍ୟକ୍ତିଙ୍କ ରାସନ କାର୍ଡ ଅଛି ସେଇମାନଙ୍କୁ ହିଁ କେବଳ ମିଳିବ ଏହି ପ୍ରସାଦ । ତେବେ ଏଠି ପ୍ରଶ୍ନ ଉଠୁଛି ଜଗନ୍ନାଥ ଠାରେ ପ୍ରସାଦ ଲଗାଇ ସେହି ପ୍ରସାଦକୁ ମହାପ୍ରସାଦ ଆଖ୍ୟା ପଶ୍ଚିମବଙ୍ଗ ସରକାର ଦେଉଥିବା ବେଳେ ରାସନଧାରୀକୁ କେବଳ ପ୍ରସାଦ ମିଳିବ ଏ କିଭଳି ରାଜନୀତି ତାହା ଜଗନ୍ନାଥ ପ୍ରେମୀ ମାନେ ପ୍ରଶ୍ନ କରିଛନ୍ତି। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଦୀଘା ୨୫୦ କୋଟି ଟଙ୍କା ବ୍ୟୟ ରେ ୨୫ ଏକର ଜାଗାରେ ନିର୍ମିତ ହୋଇଛି ଜଗନ୍ନାଥ ମନ୍ଦିର । ଏହି ମନ୍ଦିରର ଉଦ୍‌ଘାଟନ ହେବା ଠାରୁ ପଶ୍ଚିମବଙ୍ଗ ସରକାର ରାଜନୀତି କରଣ କରି ମନ୍ଦିର ବିଭିନ୍ନ ଆଖ୍ୟା ଦେଇ ବିବାଦ ଘେରକୁ ଆସିଥିଲା ଏହି ମନ୍ଦିର । ତେବେ ରଥଯାତ୍ରା ପୂର୍ବରୁ ୩ ଶହ କିଲୋ ପ୍ରସାଦ ଲଗାଇ ରାସନ ମାଧ୍ୟମରେ ବଣ୍ଟନ ଆରମ୍ଭ କରିଛନ୍ତି । ସେପଟେ ଏହି ଘଟଣାକୁ ନେଇ ବିରୋଧ ଦଳ ହାଇକୋଟ ର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କୁ ପୁଣି ପ୍ରଶଂସାରେ ପୋତିଲେ ଶଶୀ ଥରୁର



**ନୂଆଦିଲ୍ଲୀ,୨୩।୬:** ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂଶା କରିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶକ୍ତି, ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଆଲୋଚନା ପାଇଁ ତତ୍ପରତା ବିଶ୍ୱ ସ୍ତରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଭାବରେ ବର୍ଣ୍ଣନା କରିଛନ୍ତି । ଶଶି ଥରୁର ଇଂରାଜୀ ଦୈନିକ 'ଦି ହିନ୍ଦୁ'ରେ ଏକ ଲେଖାରେ ଏହା କହିଛନ୍ତି। ଥରୁର ଏହାକୁ ଅଧିକ ସହଯୋଗ ଏବଂ ସମର୍ଥନ ଦେବା ବିଷୟରେ ମଧ୍ୟ କହିଥିଲେ। ତେବେ ଶଶୀଙ୍କ ଏହି ବୟାନ ପାଇଁ ପୁଣି ଥରେ କଂଗ୍ରେସ ଅକଳରେ ପଡ଼ିଯାଇଛି । ନିକଟରେ ଶଶି ଥରୁର ଭାରତୀୟ ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳ ସହିତ ଆମେରିକା ସମେତ ଅନେକ ଦେଶ ଗସ୍ତ କରିଥିଲେ। ଏଠାରେ ସେ ଅପରେସନ ସିନ୍ଦୁର ସମ୍ପର୍କରେ ବିଶ୍ୱ ସମ୍ମୁଖରେ ଭାରତର ପକ୍ଷ ଉପସ୍ଥାପନ କରିଥିଲେ । ଥରୁରଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ କଂଗ୍ରେସ ଲଗାତାର ମୋଦୀ ସରକାରଙ୍କ ବୈଦେଶିକ ନୀତି ଉପରେ ପ୍ରଶ୍ନ ଉଠାଇ ଆସୁଛି।

## ସିରିଆ ଚର୍ଚ୍ଚରେ ଆକ୍ରମଣ, ୨୨ ମୃତ



**ନୂଆଦିଲ୍ଲୀ,୨୩।୬:** ସିରିଆ ଚର୍ଚ୍ଚରେ ଏକ ବଡ଼ ଅଘଟଣ ଘଟିଛି । ରବିବାର ଦିନ ଚର୍ଚ୍ଚ ଭିତରେ ପ୍ରାର୍ଥନା ସମୟରେ ଆତ୍ମଘାତୀ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି। ଏହି ଆକ୍ରମଣରେ ୨୨ ଜଣ ପ୍ରାଣ ହରାଇଥିବା ବେଳେ ୬୩ ଜଣ ଆହତ ହୋଇଛନ୍ତି। ତଥାପି ଏପର୍ଯ୍ୟନ୍ତ ଆହତଙ୍କ ସଂଖ୍ୟା ସ୍ପଷ୍ଟ ହୋଇନାହିଁ । ମୃତକଙ୍କ ମଧ୍ୟରେ ପିଲାମାନେ ମଧ୍ୟ ସାମିଲ ଅଛନ୍ତି । ସୂଚନାନୁଯାୟୀ, ଦୀର୍ଘ ବର୍ଷ ପରେ ସିରିଆ ଉପରେ ଏପରି ଆକ୍ରମଣ ପ୍ରଥମ ଥର ବୋଲି କୁହାଯାଉଛି । ଡାମାସ୍କସରେ ଇସଲାମୀ ଶାସନରେ ଅଳ୍ପ ସଂଖ୍ୟକ ଲୋକଙ୍କୁ ସମର୍ଥନ ହାସଲ ପାଇଁ ଚେଷ୍ଟା କରୁଛି । ରାଷ୍ଟ୍ରପତି ଅହମଦ ଅଲ-ଶାରା ସାରା ଦେଶରେ ଅଧିକାର ପାଇବା ପାଇଁ ସଂଘର୍ଷ କରୁଛନ୍ତି । ଘଟଣା ପରେ ସୁରକ୍ଷା ବାହିନୀ ଚର୍ଚ୍ଚ ଆଡ଼କୁ ଦୌଡ଼ି ଯାଇଥିଲେ। ଏହି ସମୟରେ ଜଣେ ପ୍ରତ୍ୟକ୍ଷଦର୍ଶୀ ଏକ ଅନଲାଇନ୍ ଭିଡିଓରେ କହିଛନ୍ତି ଯେ, ଆକ୍ରମଣକାରୀ ଆସି ସେଠାରେ ଥିବା ଲୋକଙ୍କ ଉପରେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ । ଏହା ପରେ ସେ ପିନ୍ଧିଥିବା ବିସ୍ଫୋରକ ଜ୍ୟାକେଟ୍ ବିସ୍ଫୋରଣ କରିଥିଲା ।

### ଏଫ-୧୪ ଜେଟ ସମେତ ଅନେକ ହେଲିକପ୍ଟର ଧ୍ୱଂସ

## ଇରାନର ୬ ବିମାନଘାଟି ଉପରେ ଆକ୍ରମଣ



**ଜେରୁଜେଲେମ,୨୩।୬:** ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) ସୋମବାର ଦିନ ଘୋଷଣା କରିଛି ଯେ ସେମାନେ ଇରାନର ୬ଟି ସାମରିକ ବିମାନଘାଟି ଉପରେ ବିମାନ ଆକ୍ରମଣ କରିଛନ୍ତି। ଯେଉଁଥିରେ ପ୍ରାୟ ୧୫ଟି ଯୁଦ୍ଧ ବିମାନ ଏବଂ ହେଲିକପ୍ଟର ଧ୍ୱଂସ ହୋଇଛି। ଏହି ଆକ୍ରମଣରେ ଏଫ-୧୪, ଏଫ-୫ ଏବଂ ଏଏଚ-୧ ପ୍ରକାରର ବିମାନ ସହିତ ରନୱେ, ଭୂତଳ ବଙ୍କର ଏବଂ ଇନ୍ଧନ ଯୋଗାଣ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଆଇଡିଏଫ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ଜାରି କରିଛନ୍ତି। ଆଇଡିଏଫ ମୁତାବକ, ଏହି ଆକ୍ରମଣ ଇରାନର ସାମରିକ କ୍ଷମତାକୁ ଦୁର୍ବଳ କରିବା ଏବଂ ଇସ୍ରାଏଲ ଉପରେ ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ କରାଯାଇଛି। ଏହି ଅଭିଯାନ ଇରାନର ପଶ୍ଚିମ, ପୂର୍ବ ଏବଂ ମଧ୍ୟମ ଅଞ୍ଚଳରେ ଥିବା ବିମାନଘାଟିଗୁଡ଼ିକୁ ଟାର୍ଗେଟ କରିଥିଲା। ଏହି ଆକ୍ରମଣ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନାର ଏକ ଅଂଶ ବୋଲି ବିବେଚନା କରାଯାଉଛି। ଯେଉଁଥିରେ ଉଭୟ ଦେଶ ପରସ୍ପର ବିରୁଦ୍ଧରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ ଜାରି ରଖିଛନ୍ତି। ଗତ ସପ୍ତାହରେ ମଧ୍ୟ ଇସ୍ରାଏଲ ତେହେରାନ ନିକଟରେ ଥିବା ଏକ ବିମାନଘାଟିରେ ଦୁଇଟି ଏଫ-୧୪ ଟମକ୍ୟାଟ ଜେଟ ଧ୍ୱଂସ କରିଥିବା ନେଇ ଦାବି କରିଥିଲା।

# ଭାରତକୁ ଚେତାବନୀ ଦେଲେ ଭୁଟ୍ଟୋ



**ଇସଲାମାବାଦ,୨୩।୬:** ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ବିଲାୱାଲ ଭୁଟ୍ଟୋ ସୋମବାର ଚେତାବନୀ ଦେଇଛନ୍ତି ଯେ, ଯଦି ଭାରତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲୁଟି) ଅନୁଯାୟୀ ପାକିସ୍ତାନକୁ ତା' ଅଂଶର ପାଣି ଦେବାକୁ ମନା କରେ, ତେବେ ପାକିସ୍ତାନ ଯୁଦ୍ଧ ଆରମ୍ଭ କରିବ। ପାକିସ୍ତାନ ସଂସଦରେ ଭାଷଣ ଦେଇ ବିଲାୱାଲ କହିଛନ୍ତି, "ଯଦି ଭାରତ ପାଣି ନ ଦେବାକୁ ଅଡ଼ି ରହେ, ତେବେ ଆମକୁ ଆଉ ଥରେ ଯୁଦ୍ଧ କରିବାକୁ ପଡ଼ିବ।" ସେ ଭାରତର ଚୁକ୍ତି ବାତିଲ କରିବା ନିଷ୍ପତ୍ତିକୁ ବେଆଇନ ବୋଲି ଅଭିହିତ କରି ପ୍ରତିଶୋଧ ନେବାକୁ ଧମକ ଦେଇଛନ୍ତି। ସେ ଆହୁରି କହିଛନ୍ତି, "ଭାରତ ପାଇଁ ଦୁଇଟି ବିକଳ୍ପ ଅଛି: ନ୍ୟାୟଚ୍ୟୁତ ଭାବେ ଜଳ ବାଣ୍ଟ, ନହେଲେ ଆମେ ସିନ୍ଧୁ ଅବବାହିକାର ଛଅଟି ନଦୀରୁ ଜଳ ନେବୁ।" ସେ ଅଭିଯୋଗ କରିଛନ୍ତି ଯେ, ଭାରତର ଦାବି ଯେ ସିନ୍ଧୁ ଜଳ ଚୁକ୍ତି ଶେଷ ହୋଇଛି ବା ସସ୍‌ପେଣ୍ଡ ହୋଇଛି, ତାହା ବେଆଇନ, କାରଣ ଏହି ଚୁକ୍ତି ଭାରତ ଓ ପାକିସ୍ତାନ ପାଇଁ ବାଧ୍ୟତାମୂଳକ ଏବଂ ଜାତିସଂଘ ସନନ୍ଦ ଅନୁଯାୟୀ ଜଳ ବନ୍ଦ କରିବାର ଧମକ ଅବୈଧ। ଏହି ମନ୍ତବ୍ୟ ଭାରତୀୟ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଘୋଷଣା ପରେ ଆସିଛି, ଯେଉଁଥିରେ ସେ କହିଥିଲେ ଯେ, ୨୦୨୫ ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା, ପରେ ଭାରତ ଘୋଷଣା କରିଥିଲା ଯେ ୧୯୬୦ର ସିନ୍ଧୁ ଚୁକ୍ତିକୁ କେବେ ପୁନଃସ୍ଥାପନ କରିବ ନାହିଁ। ଏହାକୁ ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଦୁଇ ଦିନ ପୂର୍ବେ "ଆନ୍ତର୍ଜାତୀୟ ଚୁକ୍ତିର ନିର୍ଲଜ୍ଜ ଅବମାନନା" ବୋଲି ସମାଲୋଚନା କରିଥିଲା।

## ୩ ବିଧାୟକଙ୍କୁ ବିଦା କଲା ସମାଜବାଦୀ ପାର୍ଟି

**ଲକ୍ଷ୍ନୌ,୨୩।୬:** ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ୩ ଜଣ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଛି ସମାଜବାଦୀ ପାର୍ଟି। ଗୋସାଇଗଞ୍ଜରୁ ଅଭୟ ସିଂହ, ଗୌରୀଗଞ୍ଜରୁ ରାକେଶ ପ୍ରତାପ ସିଂହ ଏବଂ ଉଞ୍ଚାହାରରୁ ମନୋଜ କୁମାର ପାଣ୍ଡେ ଦଳରୁ ବହିଷ୍କୃତ ହୋଇଛନ୍ତି। ଦଳ ଏହି ବିଧାୟକମାନଙ୍କୁ ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ରାଜନୀତିକୁ ପ୍ରୋତ୍ସାହିତ କରିବା ସହିତ ଚାଷୀ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ ଏବଂ ବ୍ୟବସାୟ ବିରୋଧୀ ନୀତିକୁ ସମର୍ଥନ କରିବାର ଅଭିଯୋଗ କରିଛି। ସମାଜବାଦୀ ପାର୍ଟି ଅଫିସିଆଲ ପେଜ୍‌ରୁ ପୋଷ୍ଟ କରାଯାଇଥିବା ବିବୃତ୍ତିରେ ଲେଖାଯାଇଛି, 'ସାମ୍ପ୍ରଦାୟିକ ବିଭାଜନକାରୀ ନକରାତ୍ମକତା ଏବଂ ଚାଷୀ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ, ବ୍ୟବସାୟ ବିରୋଧୀ, କର୍ମଚାରୀ ବିରୋଧୀ ଏବଂ ପିଡିଏ ବିରୋଧୀ ଚିନ୍ତାଧାରାକୁ ସମର୍ଥନ କରୁଥିଲେ। ଏହା ସମାଜବାଦୀ ସମନ୍ୱିତ ସକାରାତ୍ମକ ଚିନ୍ତାଧାରାର ବିପରୀତ। ସମାଜବାଦୀ ପାର୍ଟି ଜନସ୍ୱାର୍ଥରେ ଏହି ବିଧାୟକମାନଙ୍କୁ ଦଳରୁ ବହିଷ୍କାର କରୁଛି। ଦଳ ଆହୁରି କହିଛି ଯେ ଚିନ୍ତାଧାରା ପରିବର୍ତ୍ତନ ପାଇଁ ଏମାନଙ୍କୁ ଦିଆଯାଇଥିବା ଅବଧିର ସମୟ ସୀମା ଏବେ ପୂରଣ ହୋଇଛି।

## ପ୍ରଥମ ଟେଷ୍ଟ: ଦ୍ୱିତୀୟ ଇନିଂସରେ ରାହୁଲ୍ ଓ ପନ୍ତଙ୍କ ଶତକ

# ଇଂଲଣ୍ଡ ଆଗରେ ୩୭୧ର ଟାର୍ଗେଟ୍

ଲିଡସ୍,୨୩।୬: ଏଠାରେ ଚାଲିଥିବା ଭାରତ ଓ ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚର ଚତୁର୍ଥ ଦିନରେ ଭାରତୀୟ ଓପନର ଲୋକେଶ ରାହୁଲ ଓ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଦ୍ୱିତୀୟ ଇନିଂସରେ ଦମଦାର ଶତକ ହାସଲ କରି ଭାରତକୁ ମଜବୁତ ସ୍ଥିତିରେ ପହଞ୍ଚାଇଛନ୍ତି। ଭାରତ ତା'ର ଦ୍ୱିତୀୟ ଇନିଂସରେ ୩୬୪ ରନ୍ କରିବା ଫଳରେ ଘରୋଇ ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାର ପିଛା କରି ଦଳ ଆଜି ଦିନର ଖେଳ ଶେଷସୁଦ୍ଧା ବିନା କୌଣସି କ୍ଷତିରେ ୨୧ ରନ୍ କରି ଏବେ ବି ବିଜୟ ଲକ୍ଷ୍ୟଠାରୁ ୩୫୦ ରନ୍ ଦୂରରେ ରହିଛି। ପ୍ରଥମ ଇନିଂସ ପରି ପନ୍ତ୍ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିବା ସହ ରାହୁଲ୍‌ଙ୍କ ସାଥୀରେ ୧୯୫ ରନ୍‌ର ଭାଗୀଦାରୀ କରିବା ଆଜି ଦିନର ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା। ଏଥିସହ ରାହୁଲ ନିଜର ନବମ ଟେଷ୍ଟ ଶତକ ସହ ଏକ ଅସାଧାରଣ ପ୍ରଦର୍ଶନ ଦେଖାଇଛନ୍ତି। ୨୦୨ ବଲରେ ସେ ଏହି ଶତକ ହାସଲ କରିଥିଲେ, ଯେଉଁଥିରେ ସେ ସଂଯମୀ ଓ ଆକର୍ଷଣୀୟ ବ୍ୟାଟିଂର ନମୁନା ଦେଖାଇଛନ୍ତି। ପ୍ରଥମ ଇନିଂସରେ ୪୨ ରନରେ ଆଉଟ ହେବା ପରେ ରାହୁଲ ଦ୍ୱିତୀୟ ଇନିଂସରେ ଧୈର୍ଯ୍ୟ ଓ କୌଶଳର ସହ ବ୍ୟାଟିଂ କରି ଇଂଲଣ୍ଡ ବୋଲରମାନଙ୍କୁ ପ୍ରତିହତ କରିଥିଲେ। ସେ ଶୋଏବ ବଶୀରଙ୍କ ବିପକ୍ଷରେ ଏକ ସୁନ୍ଦର ଡ୍ରାଇଭ ଖେଳି ଦୁଇ ରନ ନେଇ ନିଜର ଶତକ ପୂରଣ କରିଥିଲେ। ଏହା ତାଙ୍କର ଇଂଲଣ୍ଡ ମାଟିରେ ତୃତୀୟ ଓ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ଶତକ, ଯାହା ତାଙ୍କୁ ସୁନୀଲ ଗାଭାସ୍କର ଓ ରାହୁଲ ଦ୍ରାବିଡ଼ଙ୍କୁ ପଛରେ ପକାଇ ଇଂଲଣ୍ଡରେ ସର୍ବାଧିକ ଶତକ ମାରିଥିବା ଭାରତୀୟ ଓପନର ଭାବେ ପରିଚୟ ଦେଇଛି। ସେ ୧୩୭ ରନ୍ କରିଥିବା ବେଳେ ପନ୍ତ୍ ୧୧୮ ରନ୍ କରିଛନ୍ତି। ଅନ୍ୟପଟେ ପନ୍ତ ଗୋଟିଏ ଟେଷ୍ଟ ମ୍ୟାଚରେ ଦୁଇଟି ଶତକ ହାସଲ କରି ଇତିହାସ ରଚିଛନ୍ତି। ସେ ପ୍ରଥମ ଇନିଂସରେ ୧୩୪ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୩୦ ବଲରେ ନିଜର ଅଷ୍ଟମ ଟେଷ୍ଟ ଶତକ ପୂରଣ କରିଛନ୍ତି। ଏହା ସହ ସେ ଏକ ଟେଷ୍ଟ ମ୍ୟାଚରେ ଦୁଇଟି ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ଓ ଏସୀୟ ୱିକେଟକିପର ତଥା ବିଶ୍ୱର ଦ୍ୱିତୀୟ ୱିକେଟକିପର ବନିଛନ୍ତି। ପୂର୍ବରୁ ଜିମ୍ବାୱେର ଆଣ୍ଡି ଫ୍ଲାୱାର ଏହି କୀର୍ତ୍ତିମାନ ସ୍ଥାପନ କରିଥିଲେ।




## ରୋହିତ ଓ ବିରାଟଙ୍କ ପକ୍ଷେ ୨୦୨୭ ବିଶ୍ୱକପ୍ ଖେଳିବା ସହଜ ନୁହେଁ

ନୂଆଦିଲ୍ଲୀ, ୨୩।୬: ୨୦୨୭ରେ ଖେଳାଯିବାକୁ ଥିବା ପରବର୍ତ୍ତୀ ସଂସ୍କରଣ ଦିନିକିଆ ବିଶ୍ୱକପ୍‌ରେ ଦୁଇ କିଂବଦନ୍ତି ବ୍ୟାଟର୍ ରୋହିତ ଶର୍ମା ଓ ବିରାଟ କୋହଲି ଖେଳିବା ସହଜ ହେବ ନାହିଁ ବୋଲି ମତ ପୋଷଣ କରିଛନ୍ତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ନିଜ ନିଜ ଫିଟ୍‌ନେସ୍ ବଜାୟ ରଖିବା ଏବଂ ଫର୍ମ ସହ ଦଳରେ ସ୍ଥାନ ପାଇବାକୁ ସେମାନଙ୍କୁ ନିଶ୍ଚିତ ସଂଘର୍ଷ କରିବାକୁ ପଡ଼ିବ। ସମସ୍ତଙ୍କ ଭଳି ଆମକୁ ମଧ ବୁଝିବାକୁ ହେବ ଉଭୟଙ୍କଠାରୁ ଖେଳ ଏବଂ ଖେଳଠାରୁ ଏମାନେ ନିଶ୍ଚିତ ଦୂରେଇଯିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, ନାମ୍ବିଆରେ ଖେଳାଯିବା ବେଳକୁ କୋହଲିଙ୍କୁ ୩୮ ଓ ରୋହିତଙ୍କୁ ୪୦ ବର୍ଷ ବୟସ ହୋଇଯାଇଥିବ। ଏହା ପୂର୍ବରୁ ଭାରତ ଏହି ଦୁଇ ବର୍ଷ ଭିତରେ ୯ ଦ୍ୱିପାକ୍ଷିକ ଶୃଙ୍ଖଳାରେ ମୋଟ ୨୭ ଦିନିକିଆ ମ୍ୟାଚ୍ ବି ଖେଳିବ। ବର୍ଷକୁ ୧୩/୧୪ ଦିନିକିଆ ଖେଳିବା ଉଭୟଙ୍କ ପାଇଁ କଷ୍ଟକର କଥା। ଉଭୟ ୨୫,୦୦୦ ରନ୍ ଏବଂ ୮୩ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ବେଳେ ନିକଟରେ ଉଭୟ ଟେଷ୍ଟ୍ କ୍ରିକେଟ୍ ଛାଡ଼ିଛନ୍ତି। କିନ୍ତୁ ଦିନିକିଆ ଖେଳ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି। ସେମାନଙ୍କୁ ମୋର ଉପଦେଶ ଦେବାର ନାହିଁ। ସେମାନେ ନିଜ ନିଜ ମତ ନେବେ। ବିରାଟଙ୍କ ବିକଳ୍ପ ପାଇବା ନିଶ୍ଚିତ କଷ୍ଟ, ସେ ଜଣେ ଉଚ୍ଚ ଶ୍ରେଣୀୟ ଖେଳାଳି ବୋଲି କହିଥିଲେ। ଏହି ଅବସରରେ ଗାଙ୍ଗୁଲି ପୂର୍ବତନ ଅଲ୍‌ରାଉଣ୍ଡର୍ ଯୁବରାଜ ସିଂହଙ୍କୁ ମନେ ପକାଇଥିଲେ। ୨୦୦୭ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ସେ ଶ୍ରେଷ୍ଠ ଖେଳାଳି ଥିଲେ। ସୂଚନାଯୋଗ୍ୟ, ରାହୁଲ ଦ୍ରାବିଡ଼, ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ଭିଭିଏସ୍ ଲକ୍ଷ୍ମଣଙ୍କ ଉପସ୍ଥିତି କାରଣରୁ ଯୁବରାଜ ମାତ୍ର ୪୦ ଟେଷ୍ଟ୍ ଖେଳିଥିଲେ।




## ଶ୍ରେୟସଙ୍କ ବିରୋଧରେ ଆସିଲା ସାଂଘାତିକ ଅଭିଯୋଗ




**ନୂଆଦିଲ୍ଲୀ, ୨୩।୬:** ଶ୍ରେୟସ ଆୟରଙ୍କୁ ବିଶ୍ୱର ସର୍ବୋତ୍ତମ କ୍ରିକେଟରଙ୍କ ମଧରେ ଗଣନା କରାଯାଏ। ତାଙ୍କର ଖେଳିବା ଶୈଳୀ ବହୁତ ଅନନ୍ୟ ଏବଂ ସେ ତାଙ୍କ ଅଧିନାୟକତ୍ୱରେ କ୍ରିକେଟ ପ୍ରଶଂସକଙ୍କୁ ପାଗଳ କରିଛନ୍ତି। ତାଙ୍କ ପ୍ରଶଂସକଙ୍କ ତାଲିକାରେ ବିଗ୍-ବସ୍ ୧୮ର ଜଣେ ପ୍ରତିଯୋଗୀଙ୍କ ନାମ ମଧ ଯୋଡା ଯାଇଛି, ଯିଏ ଆୟରଙ୍କ ବିଷୟରେ ଏକ ବଡ଼ ଦାବି କରିଛନ୍ତି। ଏହି ପ୍ରତିଯୋଗୀ ପ୍ରେମରେ ଏତେ ପାଗଳ ଯେ ସେ ତାଙ୍କ ମନରେ ଆୟରଙ୍କୁ ନିଜର ସ୍ୱାମୀ ବୋଲି ମାନିଛନ୍ତି ଏବଂ କହିଛନ୍ତି ଯେ ସେ ଆୟରଙ୍କ ସନ୍ତାନର ମାଆ। ଏହି ମହିଳାଙ୍କ ନାମ ଏଡିନ ରୋଜ୍, ଯିଏ ଏକ ସାମ୍ପ୍ରତିକ ସାକ୍ଷାତକାରରେ ଶ୍ରେୟସ ଆୟରଙ୍କ ପ୍ରତି ତାଙ୍କର ପ୍ରେମ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ମୁଁ ବିଶ୍ୱାସ କରେ ଯେ ମୁଁ ଶ୍ରେୟସ ଆୟରଙ୍କ ସନ୍ତାନର ମାଆ। ମୁଁ ମୋ ମନରେ ଆୟରଙ୍କୁ ବିବାହ କରିଛି। ସେ ମୋତେ ପ୍ରତିଦିନ ପ୍ରେରଣା ଦିଅନ୍ତି। ତାଙ୍କର ନମ୍ରତା, ତାଙ୍କର ଧାନ ଏବଂ ତାଙ୍କ ବ୍ୟବହାର ମୋତେ ସବୁଠାରୁ ଅଧିକ ପସନ୍ଦ। "ଏଡିନ ରୋଜ୍ ଜଣେ ଭାରତୀୟ ଅଭିନେତ୍ରୀ ଏବଂ ମଡେଲ, ଯାହାଙ୍କ ଜନ୍ମ ଦୁବାଇରେ ହୋଇଥିଲା। ସେ ୨୦୨୦ ମସିହାରେ ଭାରତ ଆସି ଏଠାରେ ରହୁଛନ୍ତି । ରୋଜ୍ ପୂର୍ବରୁ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କୁ ଏକ ପରଫେକ୍ଟ ଦମ୍ପତି ଭାବରେ ବର୍ଣ୍ଣନା କରିଛନ୍ତି। ଶ୍ରେୟସ ଆୟରଙ୍କ ବିଷୟରେ କହିବାକୁ ଗଲେ, ସେ ଶେଷ ଥର ପାଇଁ ମୁମ୍ବାଇ ଟି୨୦ ଲିଗରେ ଖେଳୁଥିବାର ଦେଖାଯାଇଥିଲେ, ଯେଉଁଠାରେ ତାଙ୍କ ଦଳକୁ ଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହା ପୂର୍ବରୁ, ଆଇପିଏଲ ୨୦୨୫ରେ ମଧ ତାଙ୍କ ଦଳ ଅର୍ଥାତ୍ ପଞ୍ଜାବ କିଙ୍ଗସକୁ ଆରସିବି ବିପକ୍ଷରେ ୬ ରନରେ ପରାଜୟର ସାମ୍ନା କରିବାକୁ ପଡିଥିଲା।

## ଜାତୀୟ ବଧିର କ୍ରୀଡ଼ା



# ସମ୍ବିଦଙ୍କୁ ସ୍ୱର୍ଣ୍ଣ, ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୩।୬ (ସଂଚାର ବ୍ୟୁରୋ) କାନପୁରରେ ଚାଲିଥିବା ୨୭ତମ ଜାତୀୟ ବଧିର କ୍ରୀଡ଼ାରେ ଓଡ଼ିଶା ଖେଳାଳିମାନେ ରବିବାର ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ସହ ମୋଟ ୪ ପଦକ ମିଳିଛି। ଜୁଡ଼ୋରେ ସମ୍ବିଦ ଦାସ ସ୍ୱର୍ଣ୍ଣ ଜିତିଥିଲା ବେଳେ ଅନ୍ୟ ୩ (୨ ରୌପ୍ୟ, ୧ କାଂସ୍ୟ) ପଦକ ଟାଏକୋଣ୍ଡୋରୁ ଆସିଛି। ୭୩ କେଜି ବର୍ଗରେ ସମ୍ବିଦ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଥିଲେ। ସମ୍ବିଦ ଗତବର୍ଷ ମାଲେସିଆରେ ଆୟୋଜିତ ଏସୀୟ ମହାଦେଶୀୟ ବଧିର କ୍ରୀଡ଼ାରେ କାଂସ୍ୟ ଜିତିଥିଲେ। ସେ ମଧ ଜାପାନରେ ନଭେମ୍ବର ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ବଧିର ଅଲିମ୍ପିକ୍ ଖେଳିବାକୁ ଚୟନ ହୋଇଛନ୍ତି। ସମ୍ବିଦ ବରିଷ୍ଠ ଜୁଡ଼ୋ ପ୍ରଶିକ୍ଷକ ଗୀତାଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗତ ୧୦ ବର୍ଷ ଧରି ତାଲିମ ନେଉଛନ୍ତି। ଟାଏକୋଣ୍ଡୋରେ ମଣ୍ଡଳ ନାୟକ (୮୦ କେଜିରୁ କମ୍) ଓ ଶୁଭମ ହେମ୍ବ୍ରମ (୬୯ କେଜିରୁ କମ୍) ରୌପ୍ୟ ଜିତିଥିଲା ବେଳେ ମନୋଜ ଦାସ (୫୮ କେଜିରୁ କମ୍) କାଂସ୍ୟ ପାଇଛନ୍ତି।




## ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍

# ଭୁବନେଶ୍ୱରକୁ ହରାଇ କଟକ ବିଜେତା







କଟକ, ୨୩।୬ (ସଂଚାର ବ୍ୟୁରୋ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଆୟୋଜିତ ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତାରେ କଟକ-ଏ' ବିଜେତା ଏବଂ ଭୁବନେଶ୍ୱର-ଏ' ଉପବିଜେତା ହୋଇଛନ୍ତି। ରବିବାର ବାରାବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ କଟକ-ଏ' ୬୭ ରନ୍‌ରେ ଭୁବନେଶ୍ୱର-ଏ'କୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ' ଅନିଲ ସାହୁ (୧୦୮*, ୧୩୨ ବଲ୍)ଙ୍କ ଶତକ ବଳରେ ୪୫ ଓଭରରେ ୮ ୱିକେଟ୍ ହରାଇ ୨୩୭ ରନ୍ କରିଥିଲା। ପୀୟୂଷ ମନ୍ତ୍ରୀ ୪୦ ରନ୍ କରିଥିଲେ। ଭୁବନେଶ୍ୱର ପକ୍ଷରୁ ଚନ୍ଦ୍ରାଂଶୁ ବାଘେଲ ୩ ଓ ପ୍ରଜ୍ଞା କୁମାର ପତ୍ରୀ ୨ ୱିକେଟ୍ ନେଇଥିଲେ। ଜବାବରେ ଭୁବନେଶ୍ୱର-ଏ' ୪୦.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱାଗତ ମିଶ୍ର ୫୧ ଓ ଆୟୁଷ ଚାନ୍ଦ ୪୧ ରନ୍ କରିଥିବା ବେଳେ କଟକ ପକ୍ଷରୁ ସମ୍ବିତ ବେଜ ଓ ଜନ୍ମେଜୟ ଜେନା ୨ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଶତକୀୟ ପାଳି ପାଇଁ ଅନିଲଙ୍କୁ ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓସିଏ ଯୁଗ୍ମସଂପାଦକ ପ୍ରଭାତ ଭୋଳ, କୋଷାଧକ୍ଷ ବିକାଶ ପ୍ରଧାନ, ସଦସ୍ୟ ଧୀରେନ୍ ପିଲାଇ, ସଂଗ୍ରାମ କେଶରୀ ଗୁମାନସିଂହ, ନୃସିଂହ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ, ସ୍ୱାଗତ ସାମନ୍ତରାୟ, ସନ୍ତୋଷ ଦାସ, ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ୧ଲକ୍ଷ ଓ ୫୦ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

# ୨୫ରୁ ଜାତୀୟ ଫୁଟ୍‌ବଲ୍ ପାଇଁ ପ୍ରଶିକ୍ଷଣ ଶିବିର

କଟକ, ୨୩।୬ (ସଂଚାର ବ୍ୟୁରୋ): ଜାତୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ପାଇଁ ଓଡ଼ିଶା କନିଷ୍ଠ (ବାଳକ ଓ ବାଳିକା) ଦଳର ଚୟନ ଶିବିର ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଫୁଟ୍‌ବଲ୍ ସଂଘ(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଶିବିର ପାଇଁ 'ଫାଓ' ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଉଭୟ ବାଳକ ଓ ବାଳିକା ବର୍ଗରୁ ୪ଜଣ ଲେଖାଏଁ ଖେଳାଳିଙ୍କୁ ଚୟନ କରି ବାରବାଟୀ ଷ୍ଟାଡିୟମସ୍ଥିତ 'ଫାଓ' କାର୍ଯ୍ୟାଳୟକୁ ପଠାଇବେ। ଚୟନ ହୋଇଥିବା ଖେଳାଳିମାନେ ୨୦୧୦ ଜାନୁଆରି ୧ ତାରିଖରୁ ୨୦୧୧ ଡିସେମ୍ବର ୩୧ ମଧରେ ଜନ୍ମ ହୋଇଥିବା ଆବଶ୍ୟକ। ଚୟନ ହୋଇଥିବା ଖେଳାଳିମାନେ ଜନ୍ମପ୍ରମାଣପତ୍ର, ଆଧାର କାର୍ଡ ସମେତ ଦୁଇଟି ପାସ୍ ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଆଣିବାକୁ 'ଫାଓ' ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁବ ସମାଜ...

ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଯୁବ ସମାଜ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବବର୍ଗ ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ। ଅସୀମିତ ଶକ୍ତିର ଭଣ୍ଡାର। ଓଡ଼ିଶାରେ ଏହି ପ୍ରଡକ୍ଟିଭ ଏଜ୍ ଗ୍ରୁପରେ ୧୫ରୁ ୩୫ ବର୍ଷ ମଧ୍ୟରେ ଜନସଂଖ୍ୟା ହେଉଛି ୧.୭ କୋଟି। ଆମର ଏହି ବିପୁଳ ଯୁବଶକ୍ତିର ସାମର୍ଥ୍ୟ ଉପରେ ଭରସା କରି ଆମେ ଭବିଷ୍ୟତ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛୁ। ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛୁ। ମୌଳିକ ଶିକ୍ଷାର ଉନ୍ନତି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସହ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛୁ। ପିଲାମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ୫୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟବହାରିକ ଶିକ୍ଷା ଜ୍ଞାନରେ ତାଲିମ ଦେଉଛୁ। ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଆମର ଏହିସବୁ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ଯୁବବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଯୋଗ୍ୟ କରି ଗଢ଼ିତୋଳିବ। ସାରା ବିଶ୍ୱରେ ସେମାନଙ୍କର ଚାହିଦା ବଢ଼ିବ। କ୍ରୀଡ଼ା ଏପରି ଏକ କ୍ଷେତ୍ର ଯେଉଁଠାରେ ଦକ୍ଷତା ବଳରେ ଯଶ ଓ ଅର୍ଥ ପାଇପାରିବେ। ଆମ ସରକାର ରାଜ୍ୟରେ ଖେଳକୁଦ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି, ତେଣୁ ଯୁବ ସମାଜ ଏହାର ସୁବିଧା ନେଇ ନିଜ ପ୍ରତିଭାକୁ ବ୍ୟବହାର କରି ସେ କ୍ରୀଡ଼ାକୁ କ୍ୟାରିଅର କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଜ୍ୟର ଶିଳ୍ପାୟନ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରିବାକୁ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରୁନାହୁଁ। ମାତ୍ର ୧୫୦ ଦିନ ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛୁ। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ମିଳିବା ନିଶ୍ଚିତ ହୋଇଛି। ଏକବର୍ଷ ମଧ୍ୟରେ ୨୮ ହଜାର ୩୪୬ ସରକାରୀ ନିଯୁକ୍ତି ଦେଇଛୁ। ଯୁବ ବର୍ଗଙ୍କ ପାଇଁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବରପୁତ୍ର ମାନଙ୍କ ସହିତ ମହାନ ଜନନେତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା ତୃଣମୂଳରୁ ଶୀର୍ଷ ସୋପାନ ଉନ୍ମୋଚନ କରିଥିଲେ।
କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣିମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଭଞ୍ଜନଗର, କବିସୂର୍ଯ୍ୟନଗର, ବ୍ରହ୍ମପୁର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ଚିକିଟି ଓ ସୋରଡ଼ାର ବିଧାୟକ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ବିଧାୟକ ଆସ୍କା ସରୋଜ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ପରୀକ୍ଷା...

ପାଇଁ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ ସେମାନଙ୍କୁ ହିଁ ପରୀକ୍ଷା ଫି' ଛାଡ଼ କରାଯିବ। କିନ୍ତୁ ପରୀକ୍ଷା ଦେଉନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି' ଫେରସ୍ତ କରାଯିବ ନାହିଁ । ଖାମଖିଆଲି ମନୋଭାବ ନେଇ ଆବେଦନ କରୁଥିବା ପରୀକ୍ଷାର୍ଥୀଙ୍କୁ ଏହାର ଫାଇଦା ମିଳିବ ନାହିଁ।

### ମାର୍ଚ୍ଚରେ ...

ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଯେ ଆମ ସୁରକ୍ଷା ବାହିନୀର ସାହସିକତା ଓ ଅକ୍ଲାନ୍ତ ପ୍ରୟାସ ହିଁ ନକ୍ସଲବାଦ ବିରୋଧରେ ଲଢ଼େଇକୁ ସଫଳ କରିଛି। ଯେଉଁଭଳି ଭାବେ ସୁରକ୍ଷା ବାହିନୀ ବିପୁଳ ସାହସ, ଧୈର୍ଯ୍ୟ ଓ ପ୍ରତିବଦ୍ଧତାର ସହ ମାଓବାଦୀଙ୍କ ଗୁପ୍ତ ଆଡ୍ଡାକୁ ଧ୍ୱଂସ କରିଛନ୍ତି, ତାହା ସାରା ବିଶ୍ୱକୁ ଚକିତ କରିଛି। ସୁରକ୍ଷା ବାହିନୀର ଆତ୍ମବଳ ଦିନକୁ ଦିନ ବଢୁଥିବାରୁ ଏହା ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ନକ୍ସଲବାଦରୁ ଦେଶ ମୁକ୍ତି ପାଇପାରିବ ବୋଲି ଏକ ବଦ୍ଧମୂଳ ଧାରଣା ସୃଷ୍ଟି ହୋଇଛି। ଏହି ସ୍ୱପ୍ନ ସାକାର ହେଲେ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ଉପଲବ୍ଧି ମିଳିବ ବୋଲି ଶ୍ରୀ ଶାହ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଦିବାସୀ ଅଞ୍ଚଳଗୁଡ଼ିକ ପାଇଁ ନକ୍ସଲବାଦ ଏକ ବଡ଼ ବିପର୍ଯ୍ୟୟ। ଗତ ୩୫ ବର୍ଷ ମଧ୍ୟରେ ପ୍ରାୟ ୪ ହଜାର ଲୋକ ନକ୍ସଲଙ୍କ ଗୁଳିର ଶିକାର ହୋଇଛନ୍ତି। ଆହୁରି ଅନେକ ଅକ୍ଷମ ମଧ୍ୟ ହୋଇପଡ଼ିଛନ୍ତି। ଔଦ୍ୟୋଗିକ ବିକାଶ କଥା ତ ଦୂର, ନକ୍ସଲ ହିଂସା ଗରିବ ଆଦିବାସୀ ଜନସାଧାରଣଙ୍କୁ ଖାଦ୍ୟ, ବିଦ୍ୟୁତ, ଶିକ୍ଷା, ବାସଗୃହ, ଶୌଚାଳୟ ଏବଂ ସ୍ୱଚ୍ଛ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ କରିଥିଲା। ସମଗ୍ର ଅଞ୍ଚଳ ଦଶନ୍ଧି ଦଶନ୍ଧି ଧରି ଦାସତ୍ୱ ପରିସ୍ଥିତିରେ ବଞ୍ଚିବାକୁ ବାଧ୍ୟ ହୋଇଥିଲା। କିନ୍ତୁ ବିଭିନ୍ନ ଅଞ୍ଚଳରୁ ନକ୍ସଲବାଦ କ୍ରମଶଃ ସମାପ୍ତ ହେଉଥିବା ବେଳେ ଛତିଶଗଡ଼ ସରକାର ଖାଦ୍ୟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଦ୍ୟୁତ, ବାସଗୃହ, ପରିମଳ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରୁଛନ୍ତି ଯାହାଦ୍ୱାରା ଲୋକଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରାଯାଉଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଏକ ପିଲା ବନ୍ଧୁକ ପରିବର୍ତ୍ତେ ଏକ ପେନସିଲ୍ ଉଠାଇ 'କ, ଖ, ଗ' ଲେଖିବା ଆରମ୍ଭ କରେ, ଏହା କେବଳ ସେହି ପିଲାର ନୁହେଁ, ବରଂ ସମଗ୍ର ଦେଶର ଭବିଷ୍ୟତକୁ ବଦଳାଇ ଦିଏ। ଦେଶରେ ଏହି ମୁହୂର୍ତ୍ତ ଅତି ନିକଟତର। ଯେତେବେଳେ ୨୦୨୬ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ନକ୍ସଲବାଦରୁ ମୁକ୍ତ ହେବ, ସେତେବେଳେ ଏହା ସ୍ୱାଧୀନତା ପରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ଯେତେବେଳେ ନକ୍ସଲବାଦର ମୂଳୋତ୍ପାଟନ ଇତିହାସ ଲିପିବଦ୍ଧ ହେବ, ସେତେବେଳେ ଆମ ସୁରକ୍ଷା ବାହିନୀର ବଳିଦାନ, ନିଷ୍ଠା ଓ କଠିନ ପରିଶ୍ରମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବ ବୋଲି ଶ୍ରୀ ଶାହ କହିଛନ୍ତି। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ନ୍ୟୁ ରାୟପୁରରେ ନକ୍ସଲ ହିଂସାରେ ପୀଡ଼ିତଙ୍କ ଜୀବନୀ ଉପରେ ଆଧାରିତ 'ଲିଓର ଓଇନା' ପୁସ୍ତକ ଉନ୍ମୋଚନ କରିଛନ୍ତି।

### ରାଜ୍ୟପାଳ...

ଯୋଗ୍ୟ ଲୋକ ଏହି ସୁବିଧା ପାଇପାରୁନାହାନ୍ତି। ଏପରିକି ଶିକ୍ଷିତ ଓ ଉଚ୍ଚବର୍ଗର ଲୋକଙ୍କ ମଧ୍ୟରେ ଯୋଜନା ସମ୍ପର୍କରେ ଜ୍ଞାନ ଥିବା ସତ୍ତ୍ୱେ ଉଦାସୀନତା କାରଣରୁ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଆଦି ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରି ଏଦିଗରେ ସଚେତନ ହେଲେ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି କହିଥିଲେ। ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

### ସମ୍ବଲପୁର...

୧୫ତମ ଅର୍ଥ କମିଶନ ଅନୁଦାନର ସମୟସୀମା ମଧ୍ୟରେ ପ୍ରଦାନ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ଶ୍ରୀ ପ୍ରଧାନ । ଏହାଛଡ଼ା ଆଲୋଚନା କାଳରେ ସମ୍ବଲପୁର ଏବଂ ଦେବଗଡ଼ରେ ଲୋକମାନଙ୍କୁ ସୁଲଭ ମୂଲ୍ୟରେ କିପରି ଘର ମିଳିପାରିବ, ପିଏମ ସ୍ୱନିଧି ଯୋଜନାରେ ଉଠା ଦୋକାନୀ କିଭଳି ସହଜରେ ଋଣ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ, ଇ- ବସ ଚଳାଚଳକୁ ଅଧିକ ପ୍ରୋତ୍ସାହନ ମିଳିବା ସହ ସହରରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ବ୍ୟବସ୍ଥିତ ଭାବରେ ହେବ, ସେ ଦିଗରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି । ଏହା ଉପରେ ପଦକ୍ଷେପ ନେବା ପାଇଁ ଆଶ୍ୱସ୍ତ କରିଥିବାରୁ ଶ୍ରୀ ପ୍ରଧାନ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ନବୀନଙ୍କ...

ସାନ ଭାଇଙ୍କ ପାଇଁ ବାହାରିବା ପରେ ଏବେ ଟ୍ରୋଲ କମ୍ପାନୀଙ୍କ ଗାଲ ନାଲି ହୋଇଯାଇଛି। ସେମାନେ ଏବେ ନବୀନଙ୍କୁ ସମାଲୋଚନା କରି କୌଣସି ଖବର ଛାଡ଼ିବା ପୂର୍ବରୁ ଶହେ ଥର ଚିନ୍ତା କରିବେ। ତେବେ ସାଧାରଣତଃ ଓଡ଼ିଶା ଓ ଓଡ଼ିଶାବାସୀଙ୍କଠାରୁ ଦୂରେଇ ରହିବା ସହ ନବୀନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁନଥିବା ପ୍ରେମ୍ ଏବେ ସାନଭାଇଙ୍କ ପାଇଁ ବାହାରିବା ପରେ ଆଗାମୀ ଦିନରେ ସେ କିପ୍ରକାର ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

### କମ୍ ମାର୍କ ...

ମିଳିଥିବା ସୂଚନାନୁସାରେ, ଅଟପାଡ଼ି ତାଲୁକାର ନେଲକାରଞ୍ଜୀ ଗାଁରେ ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଧୋଣ୍ଡିରାମ ଭୋଁସଲେ (୪୫) ତାଙ୍କ ଝିଅ ସାଧନାଙ୍କ ନୀଟ ମକ୍ ଟେଷ୍ଟରେ କମ୍ ମାର୍କ ଆସିବାକୁ ନେଇ ଅତି ମାତ୍ରାରେ ରାଗିଯାଇଥିଲେ। ଏହାକୁ ନେଇ ବାପା-ଝିଅଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ହିତାହିତ ଜ୍ଞାନ ଭୁଲି ଧୋଣ୍ଡିରାମ ଗୋଟିଏ ପଥର ଗ୍ରାଇଣ୍ଡର୍‌ର କାଠ ହ୍ୟାଣ୍ଡେଲ (କାଠ ଡଣ୍ଡା) ଧରି ସାଧନାଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସାମ୍ନାରେ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ସାଧନା ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଥିଲେ ଓ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିଲେ। ସେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୨.୬୦ ପ୍ରତିଶତ ମାର୍କ ରଖିଥିଲେ। ତେବେ ନୀଟ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ସାଧନା ମକ୍ ଟେଷ୍ଟରେ କମ୍ ମାର୍କ ଆଣିବାରୁ ଏହା ଧୋଣ୍ଡିରାମ୍‌ଙ୍କୁ କ୍ରୋଧିତ କରିଥିଲା। ଧୋଣ୍ଡିରାମ ତାଙ୍କୁ ଗାଳିଗୁଲଜ କରି ଏତେ କମ୍ ମାର୍କରେ କିପରି ତୁ ଡାକ୍ତର ହେବୁ ବୋଲି କହିଥିଲେ। ତେବେ ଏହାର ଜବାବ ଦେଇ ସାଧନା ଧୋଣ୍ଡିରାମଙ୍କୁ ସେ ମଧ୍ୟ କମ୍ ମାର୍କ ଆଣୁଥିଲେ ଓ ସେ କୋଉ କଲେକ୍ଟର ହୋଇଗଲେ କି ବୋଲି ପ୍ରଶ୍ନ କରିଥିଲେ। ତେବେ ଏପରି ଜବାବରେ ଧୋଣ୍ଡିରାମଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା ଓ ନିଜ ଉପରୁ ନିୟନ୍ତ୍ରଣ ହରାଇ ସାଧନାଙ୍କୁ ଆଖିବୁଜି ପିଟିଚାଲିଥିଲେ। ଫଳରେ ସାଧନା ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ମଧ୍ୟ ଲାଗିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ଧୋଣ୍ଡିରାମଙ୍କ ହୃଦୟ ତରଳିନଥିଲା। ସାଧନାଙ୍କ ଗୁରୁତର ସ୍ଥିତି ପ୍ରତି ଦୃଷ୍ଟି ନ ଦେଇ ସେ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେ ସ୍କୁଲ୍‌କୁ ଚାଲିଯାଇଥିଲେ। ପରେ ଘରକୁ ଫେରି ସାଧନାଙ୍କୁ ଅଚେତ ଅବସ୍ଥାରେ ଦେଖି ମା' ପ୍ରୀତି ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟରୁ ସାଧନାଙ୍କ ମୃତ୍ୟୁ ଏକାଧିକ ଆଘାତ ଯୋଗୁଁ ହୋଇଥିବା ସ୍ପଷ୍ଟ ହୋଇଥିଲା। ପ୍ରୀତି ଜଣେ ପୂର୍ବତନ ସରପଞ୍ଚ ହୋଇଥିବା ବେଳେ ଧୋଣ୍ଡିରାମଙ୍କ ବିରୋଧରେ ସେ ଗତ ୨୨ ତାରିଖରେ ଅଟପାଡି ଥାନାରେ ଅଭିଯୋଗ ଦାୟର କରିଥିଲେ। ଏହା ଆଧାରରେ ପୁଲିସ ଧୋଣ୍ଡିରାମଙ୍କୁ ଗିରଫ କରିଛି। ପଚରାଉଚରା ସମୟରେ ସେ ନିଜ ଅପରାଧ ମଧ୍ୟ ସ୍ୱୀକାର କରିଥିବା ଜଣାପଡ଼ିଛି।

### ଲଭର୍ସ ...

ଉଭୟ ଘଟଣାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛି। କିନ୍ତୁ ମୁଣ୍ଡେଇବାକୁ ପଡ଼ିଛି ଅପବାଦ। ଏସବୁ ନାନା ଅଘଟଣ ପରେ ପର୍ଯ୍ୟଟନ ସ୍ଥଳୀ ଏବଂ ଲଭର୍ସ ପଏଣ୍ଟରେ ରାଜ୍ୟ ସରକାର ସୁରକ୍ଷା କଥା ଚିନ୍ତା କରିଛନ୍ତି। ତେବେ ପ୍ରାୟତଃ ଭାଲେଣ୍ଟାଇନ ଡେ'ରେ କେଉଁଠି ପ୍ରେମୀ ଯୁଗଳଙ୍କୁ ଲାଠିମାଡ଼ ହୁଏ ତ ଆଉ କେଉଁଠୁ ତଡ଼ା ଖାଇବାକୁ ହୁଏ। କିଏ ପୁଣି ଛି ଛାକର କରନ୍ତି ତ ଆଉ କାହାକୁ ଜୋରଜବରଦସ୍ତି ବିବାହ କରାଇଦିଅନ୍ତି। ଏକଥା ବି ସତ ଯେ, ଲଭର୍ସ ପଏଣ୍ଟଗୁଡ଼ିକରେ ବେଳେବେଳେ ଅସଞ୍ଜତ ଅବସ୍ଥାରେ ଦେଖିବାକୁ ମିଳେ ତଥାକଥିତ ପ୍ରେମୀ ଯୁଗଳଙ୍କୁ। ଏଭଳି ନାନା ପରିସ୍ଥିତି ଭିତରେ ପର୍ଯ୍ୟଟନସ୍ଥଳୀ କିମ୍ବା ଲଭର୍ସ ପଏଣ୍ଟଗୁଡ଼ିକରେ କେମିତି ରହିବ ସୁରକ୍ଷା ବ୍ୟବସ୍ଥା, କାହା ହାତରେ ରହିବ ସୁରକ୍ଷା ଦାୟିତ୍ୱ, ପୋଲିସ, ଘରୋଇ ସୁରକ୍ଷାକର୍ମୀ ନା ସିସିଟିଭି ? ସୁରକ୍ଷା ବଳୟ ଚିହ୍ନିତ ଲଭର୍ସ ପଏଣ୍ଟରେ ପ୍ରେମୀ ଯୁଗଳଙ୍କ ଆଚରଣ କେମିତି ରହିବ, ତା'ଉପରେ ବି କିଛି କଟକଣା ଜାରି କରିବେ କି ସରକାର ? ସେନେଇ ନାନା ପ୍ରଶ୍ନ ଉଠିଛି। ରାଜ୍ୟରେ ଅଛି ପ୍ରାୟ ୩୦ଟି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ତଥାକଥିତ ଲଭର୍ସ ପଏଣ୍ଟ ବି ଅସଂଖ୍ୟ। ତେଣୁ କେଉଁ ଲଭର୍ସ ପଏଣ୍ଟରେ ଓ କିଭଳି ସରକାର ସୁରକ୍ଷା ଦେବାକୁ ଚିନ୍ତା କରୁଛନ୍ତି, ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା।

### ବିଶ୍ୱବିଦ୍ୟାଳୟ ...

ହେବାର ୫୦ତମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପାଳିତ ହେବ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧ ଏବଂ ୧୯୭୫ ମସିହା ଜୁନ ୨୫ରେ ଲାଗୁ ହୋଇଥିବା ଜରୁରୀକାଳୀନ ସ୍ଥିତିର ଐତିହାସିକ ଘଟଣା ସମୂହ ସମ୍ପର୍କରେ ସଚେତନତା ସୃଷ୍ଟି କରିବା।



## ଭୁଶୁଡ଼ିଲା ଦୋକାନ ଗୃହ, ଅଳ୍ପକେ ବର୍ତ୍ତିଲେ ମିଠା ଦୋକାନୀ ଓ ଗ୍ରାହକ

**ମାର୍ଶାଘାଇ, ୨୩।୬ (ସଂଚାର ବ୍ୟୁରୋ) :** ମାତ୍ର କେଇଟା ଦିନ ପୂର୍ବରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ ମିଠା ଜଳଖିଆ ଦୋକାନ । ଦିନ କେଇଟା ନଜାଉଣୁ ଘଟିଲା ବଡ଼ ଅଘଟଣ। ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଗଲେ ଦୋକାନୀ ଏବଂ ସାମଗ୍ରୀ କିଣିବାକୁ ଆସିଥିବା ଗ୍ରାହକ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାର୍ଶାଘାଇ ବ୍ଲକ ଆଖୁଆ ଦକ୍ଷିଣୀ ପଂଚାୟତ ଓରିଷ ଗ୍ରାମର ଥିବା ନଦୀ ବନ୍ଧ ରାସ୍ତା କଡ଼ରେ। ଓରିଷ ଗ୍ରାମର ଅଭିରାମ ମହାନ୍ତି ଗତ କିଛିଦିନ ପୂର୍ବେ ଚିତ୍ରୋତ୍ପଳା ନଦୀ ବନ୍ଧ ଉତ୍ତର ପାର୍ଶ୍ୱ କଡ଼ରେ ପାଖା ପାଖି ୪୦ ରୁ ୫୦ ଫୁଟ ଉଚ୍ଚର କଂକ୍ରିଟ ଦୋକାନ ଗୃହ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ। ଏହି ଦୋକାନ ଗୃହ ସୋମବାର ଅପରାହ୍ନ ସମୟରେ ବନ୍ଧ ତଳକୁ ଭୁଶୁଡ଼ି ଯାଇଛି। ଦୋକାନରେ ଥିବା ହଜାର ହଜାର ଟଙ୍କାର ମିଠା ଜଳଖିଆ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ଅସ୍ତରଙ୍ଗରେ କଲବଲ କଲେଣି ମଶା

# ଅତିଷ୍ଠ ଅଞ୍ଚଳବାସୀ



**କାକଟପୁର/ଅସ୍ତରଙ୍ଗ, ୨୩।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ବଢ଼ିଯାଇଛି ମଶା ସାନ୍ଦ୍ରତା। ଶୋଇଲେ କି ବସିଲେ ଗୁଣୁ ଗୁଣୁ ଶବ୍ଦ କରି ଘେରି ଯାଉଛନ୍ତି। ମୁହଁ ଦେହରେ ଫୋଡି ପକାଉଛନ୍ତି। କେବଳ ସେତିକି ନୁହେଁ, ସାନ୍ଦ୍ରତା ଏତେ ବଢ଼ି ଯାଇଛି ଯେ ମଶା ଲୋକଙ୍କ ନାକ ପାଟିରେ ପଶିଯାଉଛନ୍ତି। ମଶା ଦାଉରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅତିଷ୍ଠ ହୋଇ ପଡିଲେଣି। ଜନସ୍ୱାସ୍ଥ୍ୟ ବିଭାଗର ଟିଫା ମେସିନ ଅଛି କି ନାହିଁ କିଏ ମଧ ଜାଣି ପାରିଲେନି। ଧୂଆଁ ଛଡାଯାଉନାହିଁ କିମ୍ବା ପର୍ଯ୍ୟାପ୍ତ ମଶା ତେଲ ପଡୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ଚେଇଁ ଶୋଇଥିବାରୁ ଲୋକେ ଶୋଇ ବସି ପାରୁନାହାନ୍ତି।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ କିଛି

### ଠିକ ରୂପେ ମଶା ତେଲ ପଡୁନି

ଦିନ ହେଲା ବର୍ଷା ହେବା ଫଳରେ ଆଗ ଅପେକ୍ଷା ମଶାଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଏହା ନିରାକରଣ ଯାହା ଫଳରେ ମଶା ଙ୍କ ସାନ୍ଦ୍ରତା ବଢୁଥିବାରୁ ଘରେ କି ବାହାରେ, କେଉଁଠି ବି ରହି ବସି ହେଉନି। ଗ୍ରାମାଞ୍ଚଳ ଖାଲୁଆ, ସନ୍ତସନ୍ତିଆ ଜାଗାର ସ୍ଥିତି ଆହୁରି ସଙ୍ଗିନୀ। ଜନ ସ୍ୱାସ୍ଥ୍ୟ ବିଭାଗ ମଶା ତେଲ, ଟିଫା ମେସିନ ଆଦି ଯୋଗାଇ ଦେଇଥାଏ। ହେଲେ ମଶାଙ୍କ ସାନ୍ଦ୍ରତା ବଢ଼ିଥିବା ବେଳେ ଧୂଆଁ ଛଡାନଯିବା ସ୍ଥିତିକୁ ବେକାବୁ କରୁଛି। ସ୍ୱାସ୍ଥ୍ୟ ବିଭାଗର ଟିଫା ମେସିନ ଅଛିକି ନାହିଁ ସାଧାରଣ ଲୋକ ଜାଣି ପାରିଲେ ନାହିଁ। ନାଁ କେବେ ଧୂଆଁ ଛଡା ଯାଉ ନାହିଁ। ମଶା ତେଲ ମଧ କେବେ ପଡୁଛି କିଏ ଜାଣି ପାରୁନାହାନ୍ତି। ତେଲ ପକାଇବା ଓ ଧୂଆଁ ଛାଡିବା ତ ଦୂର କଥା, ସବୁ ପଞ୍ଚାୟତ ରେ ଥିବା ୱାର୍ଡ, ଗଳି ଅଂଚଳରୁ ଅଳିଆ ଠିକ ଭାବେ ଉଠୁ ନାହିଁ। ବର୍ଷା ପରେ ପ୍ରାୟ ସ୍ଥାନରେ ଡ୍ରେନ ସଫା ହେଉନାହିଁ। ଅନେକ ପଞ୍ଚାୟତ ରେ ଥିବା ଡ୍ରେନ ପଙ୍କରେ ପୋତି ହୋଇ ରହିଥିବାରୁ ପାଣି ଜମା ମଶା ବଂଶ ବୃଦ୍ଧି ପାଉଛି। ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାଙ୍କ ସାନ୍ଦ୍ରତା ମାପିବାର ନିୟମ ଥିଲେ ବି ମପା ଯାଉନାହିଁ। ଫଳରେ ଉଚିତ ଦମନ କାର୍ଯ୍ୟକ୍ରମ ଆଗେଇ ପାରୁନଥିବା ବୁଦ୍ଧିଜୀବୀ ମାନେ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ଦାବୀ ହୋଇଛି।

## ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତି ପାଇବେ ଏନ୍ଏସ୍ଆଇ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ସମ୍ମାନ



**ଭୁବନେଶ୍ୱର, ୨୩।୬ (ସଂଚାର ବ୍ୟୁରୋ) :** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଥମ ଡିନ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କୁ ନ୍ୟୁରୋଲଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୫ ନିମନ୍ତେ ଲାଇଫ ଟାଇମ୍ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରିବା ନିମନ୍ତେ ମନୋନୀତ କରାଯାଇଛି।

ଜଣେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷାବିତ ପ୍ରଫେସର (ଡାକ୍ତର) ମହାନ୍ତି ଦେଶ ଏବଂ ବିଦେଶର ସମ୍ମାନଜନକ ଡାକ୍ତରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ବିଏଚ୍‌ୟୁରୁ ଅବସର ଗ୍ରହଣ କରିବା ପରେ ସେ ଓଡ଼ିଶା ପ୍ରତ୍ୟାବର୍ତନ କରି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠା ନିମନ୍ତେ ସହଯୋଗ କରିଥିଲେ ଏବଂ ତାଙ୍କୁ ଏହାର ପ୍ରତିଷ୍ଠାତା ଡିନ୍ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା।

ଅତ୍ୟାଧୁନିକ ସ୍ନାୟୁଶଲ୍ୟ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟଧାରା କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଥିବା ବେଳେ ତାଙ୍କ ଦ୍ୱାରା ପ୍ରାୟ ୧୫୦ଟି ବୈଜ୍ଞାନିକ ସନ୍ଦର୍ଭ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତିକ ଜର୍ନାଲ୍‌ରେ ପ୍ରକାଶିତ ହୋଇଛି। ତାଙ୍କୁ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍), ମେଡିକାଲ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ଏମସିଆଇ), ନ୍ୟୁରୋଲଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏନ୍ଏସ୍ଆଇ) ଏବଂ ନ୍ୟାସ୍‌ନାଲ୍ ଏକାଡେମୀ ଅଫ୍ ମେଡିକାଲ୍ ସାଇନ୍ସେସ୍ (ନାମ୍ସ ) ପକ୍ଷରୁ ମଧ ବିଭିନ୍ନ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି।

## ଅର୍ଥ ତୋଷାରପାତ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ମହାକାଳପଡ଼ା, ୨୩।୬ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତରେ ଅର୍ଥ ତୋଷାରପାତ ଅଭିଯୋଗ ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପୋର୍ଟାଲ୍‌ରେ ଅଭିଯୋଗ ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ସୂଚନା ମୁତାବକ ୨୦୧୭ ରୁ ୨୦୨୧ ମଧରେ ପଞ୍ଚାୟତ ଅଧୀନରେ କେଉଁ କେଉଁ ଉନ୍ନତ୍ତି ମୂଳକ କାର୍ଯ୍ୟ ଅନୁମୋଦିତ ହୋଇଛି ଓ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ତଥ୍ୟ ସୂଚନା ଅଧିକାର ଆଇନ ଜରିଆରେ ୨୦୨୧ ମସିହାରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ସୂଚନା ମାଗିଥିଲେ ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର। ଯାହାର ତଥ୍ୟ ପ୍ରଦାନ କରିନଥିଲା ବ୍ଲକ୍ କାର୍ଯ୍ୟାଳୟ। ଯାହାକୁ କେନ୍ଦ୍ର କରି ହରେକୃଷ୍ଣ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଅପିଲ କରିଥିଲେ। ଅପିଲ କରିବାର ଦୀର୍ଘ ୩ ବର୍ଷ ପରେ ଶୁଣାଣୀ ପାଇଁ ଚିଠି ହୋଇଥିଲା। ମହାକାଳପଡ଼ା ବିଡ଼ିଓ ଉପସ୍ଥିତ ହୋଇ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ପକ୍ଷ ରଖିଥିଲେ। ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଡ଼ିଓ। ହେଲେ ସେସମୟର କୌଣସି ତଥ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ନଥିବା ସେ ଉଲ୍ଲେଖ କରିବା ପରେ ଶ୍ରୀ ପାତ୍ର ଭିଜିଲାନ୍ସ ତଦନ୍ତ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପୋର୍ଟାଲ୍‌ରେ ଅଭିଯୋଗ କରିଥିଲେ।

## ନିମପୁର ହାଇସ୍କୁଲ-ପଣ୍ଡାସାହି ରାସ୍ତାରେ ଆଣ୍ଠୁଏ ପାଣି



### ● ଯାତାୟାତରେ ବାଧା, ଧାରଣା ନିଷ୍ପତ୍ତି

**ପଟ୍ଟାମୁଣ୍ଡାଇ, ୨୩।୬ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଂଚାୟତ ୧୪ନଂ ୱାର୍ଡ ନିମପୁର ହାଇସ୍କୁଲ ଠାରୁ ପଣ୍ଡାସାହି ପର୍ଯ୍ୟନ୍ତ ସ୍କୁଲ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ସ୍କୁଲ କଲେଜ ଅଙ୍ଗନବାଡି ଛାତ୍ରଛାତ୍ରୀ ଜରୁରୀକାଳୀନ ଚିକିତ୍ସା ଅପେକ୍ଷାରେ ଥିବା ରୋଗୀ ଓ ସ୍ଥାନୀୟ ଗ୍ରାମବାସୀ ଯାତାୟାତ କ୍ଷେତ୍ରରେ ନାହିଁନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। କେତେକ ବ୍ୟକ୍ତି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଅବରୋଧ କରି ମାଟି ପକାଇ ରାସ୍ତାଠାରୁ ଉଚ୍ଚ କରି ଜବରଦଖଲ କରି ରଖିଛନ୍ତି। ଫଳରେ ସାମାନ୍ୟ ବର୍ଷାରେ ଗ୍ରାମର ବର୍ଷା ପାଣି ରାସ୍ତା ମଧକୁ ପ୍ରବେଶ କରି ନିଷ୍କାସିତ ହୋଇନପାରି ରାସ୍ତା ଉପରେ ଆଣ୍ଠିଏ ଲେଖା ପାଣି ଜମି ରହୁଛି। ଏହି ରାସ୍ତା ଦେଇ ସ୍କୁଲ କଲେଜ, ଅଙ୍ଗନବାଡି ଛାତ୍ରଛାତ୍ରୀ, ରୋଗୀ ଓ ଜନସାଧାରଣ ଆଣ୍ଠୁଏ ପାଣିରେ ପଶି ଯିବା ବିଭିନ୍ନ ପ୍ରକାର ଚର୍ମ ରୋଗ, ଜ୍ୱର, ଆଖିଫୁଲିବା, ଝାଡ଼ା ବାନ୍ତି ଭଳି ବହୁ ରୋଗରେ ଆକ୍ରାନ୍ତ ହେବାର ଦେଖାଯାଉଛି। ଏହା ଛଡା ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିଥିବାରୁ ମଶାଙ୍କ ପାଦୂର୍ଭାବ ମଧ ବୃଦ୍ଧି ପାଇଛି। ଆଜି ନିମପୁର ଗ୍ରାମ୍ୟ କମିଟି ସଭାପତି ଗଗନ ବିହାରୀ ଭୂୟାଁ, ସମ୍ପାଦକ ବିଜୟ କୁମାର ଆଚାର୍ଯ୍ୟ, ପୂର୍ବତନ ସମିତି ସଭ୍ୟ ଲଳିତ ଧଳ, ଭବାନୀ ଶଙ୍କର ଦାଶ ଓ ଟୁନିଆ ପଣ୍ଡା ପ୍ରମୁଖ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଭେଟି ତୁରନ୍ତ ସରକାରୀ ଜମି ଜବର ଦଖଲ ହଟାଇ ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନେବାକୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନନେଲେ ଆସନ୍ତା ସୋମବାର ୩୦ ତାରିଖରେ ନିମପୁର ଗ୍ରାମବାସୀ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

## ଦଶପଲ୍ଲାରେ ଜିଲ୍ଲାପାଳଙ୍କ ଜନଶୁଣାଣି, ୪୭ ମାମଲା ତତ୍କାଳ ସମାଧାନ

**ନୟାଗଡ଼, ୨୩।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧରୁ ବ୍ୟକ୍ତିଗତ ୧୩୫ଟି, ଗ୍ରାମ୍ୟ ସମସ୍ୟା ୯ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ୧ଟି ଅଭିଯୋଗ ରହିଥିଲା । ୪୭ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

## ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ, ୩ ଶିଶୁ ଶ୍ରମିକ ଉଦ୍ଧାର



**କାକଟପୁର/ଅସ୍ତରଙ୍ଗ, ୨୩।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବଜାର ସମେତ ଆଖପାଖ ଅଞ୍ଚଳ ବିଭିନ୍ନ ଗାଡି ଗ୍ୟାରେଜ, ଗୁପଚୁପ ଦୋକାନ, ବାଦାମ ବ୍ୟବସାୟୀଙ୍କ ପାଖରୁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୩ଜଣଙ୍କୁ ଉଦ୍ଧାର କରାଯାଇଛି।

ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ତହସିଲ ଅଫିସ ସାମ୍ନାରେ ଏକ ଗାଡି ଗ୍ୟାରେଜରେ ବିହାର ଅଞ୍ଚଳର ଜଣେ ନାବାଳକ କାମ କରୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ମୁଖ୍ୟ ବଜାରରେ ବାଦାମ ବ୍ୟବସାୟୀଙ୍କ ନିକଟରୁ ଉତ୍ତର ପ୍ରଦେଶ ଅଞ୍ଚଳ ନାବାଳକ ଉଦ୍ଧାର କରାଯାଇଛି। ସେହିଭଳି ଶ୍ରମ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଆଳଙ୍ଗପୁର ଅଂଚଳରୁ ଜଣେ ବିହାର ଅଞ୍ଚଳ ଜଣେ ନାବାଳକ ଗୁପଚୁପ ବିକ୍ରି କରୁଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ଉଦ୍ଧାର କରିଥିଲା। ୩ ଜଣ ଶିଶୁ ଶ୍ରମିକ କାମ କରୁଥିବା ମାଲିକଙ୍କୁ ଅସ୍ତରଙ୍ଗ ପୋଲିସ କର୍ମଚାରୀଙ୍କ ଉପସ୍ଥିତରେ କାରଣ ଦର୍ଶାଅ ନୋଟିସ ଦେବା ସହ ଉକ୍ତ ୩ଜଣ ନାବାଳକଙ୍କୁ ତୁରନ୍ତ ଘରେ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଚଢ଼ାଉରେ ଜିଲ୍ଲା ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ, ଆଶିଷ କୁମାର ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ସହାୟକ ସୂର୍ଯ୍ୟକାନ୍ତ ପଣ୍ଡା, ପରାମର୍ଶଦାତା ଭବାନୀ ଶଙ୍କର ପଲାଇଙ୍କ ସହ ଅସ୍ତରଙ୍ଗ ଥାନା ପୁଲିସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବି ଏହି ଚଢ଼ାଉ ଅସ୍ତରଙ୍ଗ ବଜାର ସମେତ ଅନ୍ୟ ବିଭିନ୍ନ ଗାଁରେ ବି ଚଢ଼ାଉ ଜାରି ରହିବ ବୋଲି କହିଛନ୍ତି ଜିଲ୍ଲାସହକାରୀ ଶ୍ରମ ଅଧିକାରୀ।

## ରାସ୍ତା ନିର୍ମାଣ ପାଇଁ ୧୨ କୋଟି ମଞ୍ଜୁର କଲେ ସରକାର

# ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

**ନୟାଗଡ଼, ୨୩।୬ (ସଂଚାର ବ୍ୟୁରୋ) :** ନୟାଗଡ ଜିଲ୍ଲା ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଉପରୋକ୍ତ ରାସ୍ତା ନିର୍ମାଣ ପାଇଁ ବିଧାନସଭାରେ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ ବିଧାୟକ ରମେଶ ଚନ୍ଦ୍ର ବେହେରା । ଯାହାର ଫଳ ସ୍ୱରୂପ ଟେଣ୍ଡର ଶେଷ ହୋଇ ରାସ୍ତା କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ରାସ୍ତା ଗୁଡିକ ମଧରୁ ମକର ପ୍ରସାଦ ଠାରୁ ରାଇମଡା ଭାୟା ବଡସିଲିଙ୍ଗା, ଧୁଆପାଜୁ, ସାକେଣି, ଟୋଲକପାଟିଆ ୩ କିମି ରାସ୍ତା ପାଇଁ ୭ କୋଟି ୨୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ମକର ପ୍ରସାଦ ଠାରୁ ରାଇମଡା ୪ କିମି ରାସ୍ତା ପାଇଁ ୩ କୋଟି ୨ ଲକ୍ଷ ୨୩ ହଜାର ଟଙ୍କା ଏବଂ କୃଷ୍ଣପଲ୍ଲି ଛକ ଠାରୁ ବଳଭଦ୍ର ପ୍ରସାଦ ଭାୟା ଜଗନ୍ନାଥ ପ୍ରସାଦ ୩ କିମି ରାସ୍ତା ପାଇଁ ୨ କୋଟି ୪୩ ଲକ୍ଷ ୯ ହଜାର ଟଙ୍କା ମଞ୍ଜୁର ହୋଇଛି । ଏହି ରାସ୍ତା ପାଇଁ ଆଜି ଶିଳାନ୍ୟାସ କରାଯିବ ବୋଲି ଜଣାପଡିଛି । ତେବେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଯୋଗୁଁ ଏହି ରାସ୍ତା ନିର୍ମାଣ ସମ୍ଭବପର ହୋଇଥିବା ବେଳେ ରାସ୍ତା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜନସାଧାରଣଙ୍କ ମୁହଁରେ ହସ ଫୁଟିଥିବା ଜଣାପଡିଛି । ଜନସାଧାରଣଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ୬ଦଫା ଦାବିପତ୍ର ପ୍ରଦାନ



**ଉମରକୋଟ/ଝରିଗାଁ, ୨୩।୬ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଫାଇଭ୍-ଟି ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳି ଓ ଝାଡୁଦାରମାନେ ଏକତ୍ରିତ ହୋଇ ଆଜି ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବାସଭବନରେ ପହଂଚି ତାଙ୍କୁ ଏକ ଛଅଦଫା ବିଶିଷ୍ଟ ଦାବୀପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି। ଓଡିଶା ସରକାରଙ୍କ ପଞ୍ଚସଖା ଶିକ୍ଷା ଅଭିଯାନ ତରଫରୁ ପ୍ରତି ଫାଇଭ୍-ଟି ବିଦ୍ୟାଳୟ ମାନଙ୍କରେ ରାତ୍ର ଯୋଗୁଆଳି ଓ ଝାଡୁଦାର ମାନଙ୍କୁ ନିୟୋଜିତ କରାଯାଇଥିଲା। ରାତ୍ର ଯୋଗୁଆଳି ଓ ଝାଡୁଦାରମାନେ ନିଜ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲେଇ ବିଦ୍ୟାଳୟ ପରିସରକୁ ସଫା ସୁତରା ରଖିବା ସହିତ ବିଦ୍ୟାଳୟ ପରିସର ମଧରେ ଥିବା ଫୁଲ ବଗିଚା, ଗଛଲତା ଓ ଘାସ ଗାଲିଚାର ଠିକ ଯତ୍ନ ନେଉଛନ୍ତି । ତାଛଡା ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ଗୁଡିକରେ ମଧ ସହଯୋଗ କରି ଆସୁଛନ୍ତ। ଏତେ ସବୁ କାର୍ଯ୍ୟ କରୁଥିବା ସ୍ୱତେ ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ସେ ସମସ୍ୟା ଗୁଡିକର ସମାଧାନ ପାଇଁ ଆଜି ଝରିଗାଁ, ଉମରକୋଟ ଓ ରାଇଘର ବ୍ଲକର ୩୦ରୁ ଉର୍ଦ୍ଧ ରାତ୍ରି ଜଗୁଆଳି ଓ ଝାଡୁଦାର ଗଣଶିକ୍ଷା ମନ୍ତ୍ରୀଙ୍କ ଉମରକୋଟ ସ୍ଥିତ ବାସଭବନରେ ପହଂଚି ଏକ ଛଅଦଫା ବିଶିଷ୍ଟ ଦାବୀପତ୍ର ପ୍ରଦାନ କରିଛନ୍ତି। ଯେଉଁଥିରେ ନିୟମିତ ଦରମା ପ୍ରଦାନ କରିବା, ଦରମା ନିଜସ୍ୱ ପାସବହିକୁ ପଠେଇବା, ଜୀବନ ବୀମା ପ୍ରଦାନ କରିବା,ପାରିଶ୍ରମିକ ରାଶି ଦୁଇଗୁଣା କରିବା,ସ୍ଥାୟୀ ଚାକିରୀର ମାନ୍ୟତା ଦେବା ଓ ବକେୟା ରାଶି ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ହେମନ୍ତ ପୂଜାରୀ, ଅରୁଣ ମାଝୀ, ଭୁବନ ସାନ୍ତା, ଦୁର୍ଯ୍ୟୋଧନ ଗୌଡ଼, ଭରତ ଗଣ୍ଡ, ବଳରାମ ପୂଜାରୀଙ୍କ ସମେତ ତିରିଶ ରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ବଜ୍ରପାତରେ ଘର କ୍ଷତିଗ୍ରସ୍ତ

**କେନ୍ଦ୍ରାପଡ଼ା, ୨୩।୬ (ସଂଚାର ବ୍ୟୁରୋ) :** ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଳସିଂହ ପଂଚାୟତ ର ମିର୍ଜାପାଟଣା ଗ୍ରାମରେ ବଜ୍ରପାତରେ କେତେକ ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି । ଏହାସହ କେତେକ ଲୋକଙ୍କ ଘରର ବିଦ୍ୟୁତ ସରଞ୍ଜାମ ମଧ ନଷ୍ଟ ହୋଇଛି । ଏହାଦ୍ୱାରା ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଲୋକେ କହିଛନ୍ତି ବଜ୍ରପାତ ମାରିବା ଦ୍ୱାରା ଘର ଭାଙ୍ଗିଛି । ଏହାସହ ଘରର ବୈଦ୍ୟୁତିକ ସରଞ୍ଜାମ ପୋଡି ଯାଇଛି । ତେଣୁ ସରକାର କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ବଜ୍ରପାତରେ ହୃଷୀକେଷ ବେହେରା ଓ ମୃଷା ବେହେରାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି ।

# ପ୍ରଧାନଶିକ୍ଷକଙ୍କ ଶୌଚାଳୟ ସଫେଇ ଭିଡିଓ ଭାଇରାଲ



**ଗୋପ, ୨୩।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଗୋପ ବ୍ଲକ ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷଚନ୍ଦ୍ର ପ୍ରଧାନ ଗତକାଲି ରବିବାର ଛୁଟିରେ ନିଜେ ସଟ ପ୍ୟାଣ୍ଟ ସହ ହାତକଟା ଗଞ୍ଜି ପିନ୍ଧି ସକାଳୁ ସକାଳୁ ବିଦ୍ୟାଳୟକୁ ଆସି ଶୌଚାଳୟ ସଫା କରିବାର ଭିଡିଓ ଭାଇରାଲ ହେବା ପରେ ଏବେ ଗୋପ ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଖୋଲିଛି ସରକାରଙ୍କ ନିୟମ ଅନୁଯାଇ ସ୍କୁଲ ପରିସର ସ୍ୱଚ୍ଛତା ରଖିବା ସହିତ ସ୍ୱଚ୍ଛ ପାନୀୟ ଜଳ ଏବଂ ଖାଦ୍ୟ ପଦାର୍ଥ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳରେ ୭୫୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପଢୁଛନ୍ତି କିନ୍ତୁ ଶୌଚାଳୟ ସଫାକରିବା ପାଇଁ ବାହାର କର୍ମଚାରୀ ଅମଙ୍ଗ ହେଉଥିବା ବେଳେ ନିଜେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଶୌଚାଳୟ ସଫା କରିଛନ୍ତି ବୋଲି ନିଜେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି। କିପରି କିଏ ଏ ଭିଡିଓ କରି ଭାଇରାଲ କରିଛନ୍ତି ମୁଁ ଜାଣି ନାହିଁ, କିନ୍ତୁ ମୁଁ ମୋ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମୁଁ ସଦା ସର୍ବଦା ଯତ୍ନବାନ ଅଛି ସେଥିପାଇଁ ମୁଁ ନିଜ ଘରପରି ମୋ ବିଦ୍ୟାଳୟକୁ ଭାବେ ମୋ ଛାତ୍ର ଛାତ୍ରୀ ମୋ ପିଲାପରି ତେଣୁ ତାଙ୍କୁ ସୁସ୍ଥ ଏବଂ ସ୍ୱଚ୍ଛତା ରଖିବା ମୋର କର୍ତ୍ତ୍ୟବ। ସେଥିପାଇଁ ଛୁଟି ଦିନ ମୁଁ ବିଦ୍ୟାଳକୁ ଆସି ସ୍ୱଚ୍ଛତା କାର୍ଯ୍ୟକରେ ଲିପ୍ତ ରହେ ବୋଲି ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ସ୍ୱଚ୍ଛତା ସହିତ ସମାଜ ସେବା, ଭାଷା ସାହିତ୍ୟ, କବିତା ପାଠ କାର୍ଯ୍ୟକାମରେ ଯୋଗଦେଇ ବିଭିନ୍ନ ସଂଗଠନ ତଥା ସରକାରଙ୍କ ଠାରୁ ଦୁଇ ଶହରୁ ଉର୍ଦ୍ଧ ପୁରସ୍କୃତ ହୋଇଛନ୍ତି । ସେହିପରି ବିଦ୍ୟାଳୟ ପରିସରରେ ଶୌଚାଳୟ ସଫା କରିବା କାର୍ଯ୍ୟ ଭିଡିଓ ଭାଇରାଲ ହେବାପରେ ଅଞ୍ଚବାସୀ ଓ ଅଭିବାହକ ମହଲରେ ପ୍ରଶଂସାର ପାତ୍ର ହୋଇଛନ୍ତି ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ। ଯାହାକୁ ନେଇ ସ୍କୁଲର ଶିକ୍ଷକମାନେ ଗର୍ବିତ ହେବାସହିତ ଅନ୍ୟ ସ୍କୁଲ ପାଇଁ ଉନ୍ଦାହରଣ ପାଲିଟିଛନ୍ତି ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ।

## ଗୋ ସୁରକ୍ଷା ନାଁରେ ଦଳିତଙ୍କୁ ଆକ୍ରମଣ ଘଟଣା

# ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



**ବ୍ରହ୍ମପୁର, ୨୩।୬ (ସଂଚାର ବ୍ୟୁରୋ) :** ଗଞ୍ଜାମ ଧରାକୋଟ ବ୍ଲକ ଅଧିନସ୍ଥ ସିଂଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନୟକଙ୍କୁ ମରଣାନ୍ତକ ଆକ୍ରମଣ ଓ ସର୍ବସାଧାରଣରେ ନିର୍ଯାତନାକୁ ବିରୋଧ କରି ଆଜି ମାନବାଧିକାର ସୁରକ୍ଷା ମଞ୍ଚ ଓ ଅନୁସୂଚିତ ଜାତି ଓ ଜନଜାତି ଅଧିକାର ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

ସୂଚନା ଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ଅଧିକାଂଶ ସମୟରେ ବିଭିନ୍ନ ଜାତିଆଣ ପ୍ରସଙ୍ଗରେ ସାମାଜିକ ବାସନ୍ଦ, ମରଣାନ୍ତକ ଆକ୍ରମଣ, ସର୍ବସାଧାରଣରେ ଅପମାନ, ଆର୍ଥିକ ଜୋରିମାନା ଆଦି ଜଘନ୍ୟ ଘଟଣାମାନ ନିୟମିତ ଭାବେ ଘଟି ଚାଲିଛି । ଏହି ଅମାନୁଷିକ ଘଟଣା ଗୁଡ଼ିକୁ ରୋକିବା ପାଇଁ କୌଣସି ପ୍ରକାର ପ୍ରଭାବଶାଳୀ ସରକାରୀ ଅଙ୍କୁଶ କାମ କରୁନାହିଁ। ରବିବାର ଧରାକୋଟ ବ୍ଲକ ଓ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ସିଙ୍ଗିପୁର ଗ୍ରାମର ଦଳିତ ବର୍ଗର ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇ ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଇବା ଘଟଣା ଚର୍ଚ୍ଚାକୁ ଆସିଥିଲା। ଏହି ଜଘନ୍ୟ କାଣ୍ଡର ଶିକାର ହୋଇଥିବା ଉକ୍ତ ଦୁଇଜଣ ଦଳିତ ବର୍ଗର ବ୍ୟକ୍ତିଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବାସହ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି ଓ ରାଷ୍ଟ୍ରୀୟ ବ୍ୟବସ୍ଥା ଉପରେ ଜନଗଣଙ୍କ ବିଶ୍ୱାସର ହାନି ଘଟିଛି । ଏଣୁ ଏହି ଜଘନ୍ୟ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବୁଲୁ ନାୟକ ଓ ବାବୁଲା ନାୟକଙ୍କ ପରିବାରର ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଦାବି କରାଯାଇଛି।

# ଜାଲରେ ପଡୁନାହାନ୍ତି ଇଲିସି, ଚିନ୍ତାରେ ମତ୍ସ୍ୟଜୀବୀ



**କାକଟପୁର/ଅସ୍ତରଙ୍ଗ, ୨୩।୬ (ସଂଚାର ବ୍ୟୁରୋ) :** ୬୫ଦିନ କାଳ ସମୁଦ୍ରକୁ ମାଛ ମାରିବା ପାଇଁ କଟକଣା ଜାରି ପରେ ଜୁନ ୧୪ରୁ କଟକଣା ଉଠିଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯାଇଛନ୍ତି। ଏବେ ଇଲିସି ମାଛ ଉପରେ ଚାହିଦା ଓ ଦର ଭଲ ଥିବାରୁ ଧୀବର ଚାହିଁଛନ୍ତି ଜାଲରେ ଇଲିସି ପଡୁ। କେବଳ ଧୀବର ଚାହୁଁନି ଗାଁ ଠୁ ସହର ଯାଏ ସବୁ ଲୋକେ ଇଲିସି ମାଛ ଟିକେ ମୁହଁରେ ମାରିବାକୁ ଅନାଇ ବସିଛନ୍ତି। ବିଡ଼ମ୍ବନା ଏହି ଯେ ଚଳିତ ବର୍ଷ ଇଲିସି ମାଛ ଖାଇବା ଅସ୍ତରଙ୍ଗ ଅଞ୍ଚଳବାସୀ ଭାଗ୍ୟରେ ପଡୁନାହିଁ।

ଜଣାଯାଏ ୨୦୧୦ରେ ଇଲିସି କିଲୋ ୧୫୦ରୁ ୨୦୦ଟଙ୍କା ଥିବା ବେଳେ ୨୦୧୧ରେ ୩୦୦କୁ ଧରିଲା। ୨୦୧୨ବର୍ଷରେ ବଡ଼ ଇଲିସି କିଲୋ ୮ଶହ ଟଙ୍କା ଧରିଥିଲା ବେଳେ ୨୦୧୩ରେ ୧ହଜାର ଟଙ୍କା ଛୁଇଁଥିଲା। ୨୦୧୪ରେ ୧୨ଶହ, ୨୦୧୫ରେ ୧୩ଶହ ଏହି ଭଳି ଭାବେ ୨୦୨୦ମସିହାରେ ୧୨ଶହ ଧରିଥିଲା ତେବେ ୨୦୨୧ରେ ଏହା ସ୍ୱପ୍ନ ହୋଇଥିଲା। ଧୀବର ମାନେ କହୁଛନ୍ତି ଇଲିସି ମାଛ ଜାଲରେ ପଡିଲେ ସିନା ଆମେ କୂଳକୁ ଆଣିବୁ। ଯେଉଁ ମାଛ ଧରା ପଡୁଛି ତାହା ତେଲ ଖର୍ଚ୍ଚକୁ ଅଣ୍ଟୁନି। ଝଡ଼ ବର୍ଷା ହେଲେ ଇଲିସି ମାଛ ସମୁଦ୍ର ପାଣିରେ ଭେଳା ଭେଳା ହୋଇ ପଇନ୍ତରା ମାରନ୍ତି। ସ୍ଥାନୀୟ ଧୀବର ଓ ଟ୍ରଲର ମାଲିକମାନେ ସମୁଦ୍ରରେ ଝଡ଼ବର୍ଷାକୁ ଅନାଇ ବସିଛନ୍ତି। କାରଣ ଥରକେ ଇଲିସି ପଡିଲେ ଲକ୍ଷାଧିକ ଟଙ୍କା ବେପାର ହୁଏ। ତେଣୁ ଇଲିସି ପଡୁନଥିବାରୁ ଅସ୍ତରଙ୍ଗ ମତ୍ସ୍ୟଜୀବୀ ସଂଘର ଟ୍ରଲର ମାଲିକମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

# ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ, ଜେଲଗଲେ ଯୁବକ

**ବାଲିଅନ୍ତା, ୨୩।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଜଣେ ନାବାଳକକୁ ବିବାହର ପ୍ରତିଶ୍ରୁତି ଦେଇ ଅସଦାଚରଣ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଜିତିକାର ସୁଆଁଲୋ ଗ୍ରାମର ନରେଶ ଦାସ (୨୧) । ତେବେ କୋର୍ଟରେ ନରେଶ ଜାମିନ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ତା ୨୪.୦୨.୨୦୨୩ରେ ଅଭିଯୁକ୍ତ ନରେଶ ଅଭିଯୋଗକାରୀଙ୍କ ୧୬ ବର୍ଷର ନାବାଳିକା ଝିଅକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରି ଅପହରଣ କରିଥିଲେ। ଅଭିଯୁକ୍ତଙ୍କ କାକା, ଅଭିଯୁକ୍ତ ନରେନ୍ଦ୍ର କୁମାର ଦାସ ଓରଫ ମୁନ୍ନାଙ୍କ ସହାୟତାରେ ସେମାନଙ୍କୁ ଲୁଚାଇ ରଖାଯାଇଥିଲା ଏବଂ ପୀଡିତାଙ୍କୁ ହାଇଦ୍ରାବାଦ ସମେତ ବିଭିନ୍ନ ସ୍ଥାନକୁ ନିଆଯାଇଥିଲା । ଗୁପ୍ତ ସୂଚନା ପାଇ, ପୀଡିତାଙ୍କୁ ୩୧.୦୩.୨୦୨୩ରେ ଭୁବନେଶ୍ୱରର ନୟାପଲ୍ଲୀରୁ ଉଦ୍ଧାର କରାଯାଇଥିଲା ଏବଂ ତାଙ୍କ ବୟାନ ୧୬୪ ସିଆରପିସି ଅନୁଯାୟୀ ରେକର୍ଡ କରାଯାଇଥିଲା। ଅଭିଯୁକ୍ତ ନରେନ୍ଦ୍ର କୁମାର ଦାସଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ପ୍ରାଥମିକ ପ୍ରମାଣ ଆଧାରରେ, ଅଭିଯୁକ୍ତ ନରେଶ କୁମାର ଦାସଙ୍କୁ ଗିରଫ କରାଯାଇଥିଲା। ପଚରାଉଚରାରୁ ସେ ନିଜର ଅପରାଧ ସ୍ୱୀକାର କରିଥିଲେ।

# ଦେଶର ଅଖଣ୍ଡତାକୁ ଗୁରୁତ୍ୱ ଦେଉଥିଲେ ଡ. ଶ୍ୟାମାପ୍ରସାଦ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୨୩।୬(ସଂଚାର ବ୍ୟୁରୋ):** ଭାରତୀୟ ଜନସଙ୍ଘର ପ୍ରତିଷ୍ଠାତା, ମହାନ ରାଷ୍ଟ୍ରଭକ୍ତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଜେପି କିମ୍ବା ଜନସଙ୍ଘର କାର୍ଯ୍ୟକର୍ତ୍ତାଙ୍କ ପାଇଁ କେବଳ ଜଣେ ନେତା ନଥିଲେ, ବରଂ ଥିଲେ ଏକ ବିଚାରଧାରା। ଭାରତର ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ଉପରେ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ ବୋଲି ଆଜି ନୂଆଦିଲ୍ଲୀଠାରେ ଏହି ଯୋଗଜନ୍ମାଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପୂର୍ବରୁ ଶ୍ରୀ ପ୍ରଧାନ ନୂଆଦିଲ୍ଲୀସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କଠାରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଡକ୍ଟର ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ଜନସଙ୍ଘ କିମ୍ବା ବିଜେପି କେବଳ ଏକ ସଂଗଠନ ନୁହେଁ, ବରଂ ଏକ ବିଚାର। ସେହିପରି ଆମର ଶାସନ ବ୍ୟବସ୍ଥା ଉପଭୋଗ ପାଇଁ ନୁହେଁ, ବରଂ ସୁଶାସନ ପାଇଁ ଉଦ୍ଦିଷ୍ଟ। ଏହା ପଛରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ମୂଳ ଚିନ୍ତାଧାରା ଜଡ଼ିତ ରହିଛି। ଡ. ମୁଖାର୍ଜୀ ଗୋଟିଏ ଦେଶ ଗୋଟିଏ ସମ୍ବିଧାନ ପାଇଁ ଲଢେଇ କରି ଆତ୍ମବଳି ଦେଇଥିଲେ। ତାଙ୍କ ପରି ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଭଳି ମହାପୁରୁଷ ଆମ ପରି କୋଟି କୋଟି କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ଚିର ନମସ୍ୟ। ଏହି ଏହି ଦୁଇ ମହାନ ନେତୃତ୍ୱଙ୍କ ବିଚାର 'ରାଷ୍ଟ୍ର ପ୍ରଥମ ଓ

## ଗୋଟିଏ ଦେଶ ଗୋଟିଏ ସମ୍ବିଧାନ ପାଇଁ ବଳିଦାନ ଦେଇଥିଲେ

ଏକାତ୍ମ ମାନବବାଦ'କୁ ପାଥେୟ କରି କୋଟି କୋଟି ବିଜେପି କାର୍ଯ୍ୟକର୍ତ୍ତା ନିଜକୁ ସମର୍ପିତ କରିଛନ୍ତି। ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଯେଉଁ ସଫଳତା ହାସଲ କରିଛି, ତା'ର ପ୍ରାରମ୍ଭିକ ବିଚାର ଡ. ମୁଖାର୍ଜୀଙ୍କ ବିଚାର 'ରାଷ୍ଟ୍ର ପ୍ରଥମ'ର ସ୍ପଷ୍ଟ ଓ ନିର୍ଭୀକ ସଂକଳ୍ପ ଥିଲା। ଦୀର୍ଘ ୭୨ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ଗତ ୨୦୧୯ ଅଗଷ୍ଟ ୫ରେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଡ. ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ କଂଗ୍ରେସର ନୀତିକୁ ବିରୋଧ କରି ଡ. ମୁଖାର୍ଜୀ ଓ ଡା. ଆମ୍ବେଦକରଙ୍କ ଭଳି ନେତା ସରକାରରୁ ଇସ୍ତଫା ଦେଇଥିଲେ। ଡ. ମୁଖାର୍ଜୀ ଦୃଢ଼ ନେତୃତ୍ୱ, ରାଜନୈତିକ ଇଚ୍ଛାଶକ୍ତି ଓ ନିର୍ଭୀକତାର ସହ ନିଜର ବିଚାର ରଖୁଥିଲେ, ଯେଉଁଥିପାଇଁ ତାଙ୍କୁ ଉପହାସ କରାଯାଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ତାଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିବାକୁ ମଧ୍ୟ ପଛାଇ ନଥିଲେ। ଅବଶ୍ୟ ଡ. ମୁଖାର୍ଜୀ ଏହାର କଡ଼ା ଶବ୍ଦରେ ଜବାବ ମଧ୍ୟ ଦେଇଥିଲେ। ଏହାଛଡ଼ା ଆଜି ଭାରତ ଭାରତୀୟତା ଆଧାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି। ଡିଜିଟାଲ ସଫଳତା, ଅନେକ ଜନକଲ୍ୟାଣକାରୀ ଯୋଜନା, ଅନେକ ନୀତିଗତ ବିକାଶ କ୍ଷେତ୍ରରେ ଆଜି ଭାରତ ବିଶ୍ୱର ଅନ୍ୟ ରାଷ୍ଟ୍ର ପାଇଁ ପ୍ରେରଣା ପାଲଟିଛି। ଏହା ପଛରେ ଡ. ମୁଖାର୍ଜୀ ଓ ପଣ୍ଡିତ ଉପାଧ୍ୟାୟଙ୍କ ଭଳି ମହାପୁରୁଷଙ୍କ ଚିନ୍ତାଧାରା ରହିଛି। ଏହି ଐତିହ୍ୟ ଓ ଚିନ୍ତାଧାରା ଆଗକୁ ନେବା ସହ ସୁଶାସନକୁ ଆଗକୁ ବଢାଇବା ଜରୁରୀ। ଏହା ହିଁ ଡ. ମୁଖାର୍ଜୀଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



# ଭିଜିଲାନ୍ସ ଜାଲରେ ପଡ଼ିଲେ ସିଡିପିଓ ଓ କିରାଣୀ





**ରାୟଗଡ଼ା,୨୩।୬(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ବିଷମକଟକ ସିଡିପିଓ ଓ କିରାଣୀ ପଡ଼ିଛନ୍ତି। ୮୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସେମାନଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଛନ୍ତି। ରାୟଗଡା ଜିଲ୍ଲା ବିଷମକଟକ ସିଡିପିଓ ସୁଶିଳା ଶବର ଓ କିରାଣୀ ରାମଚନ୍ଦ୍ର ପାତ୍ର ଚାଟିକଣା ପଞ୍ଚାୟତ ଅନ୍ତର୍ଗତ ହୁଡେଶି ଗ୍ରାମର ଅଙ୍ଗନବାଡି କର୍ମୀ ସୀତା ୱାଡେକାଙ୍କୁ ଚାକିରି କରାଇଦେବାକୁ କହି ତାଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ଘଟଣାସ୍ଥଳରେ ମହଜୁଦ ଥିବା ଭିଜିଲାନ୍ସ କର୍ମଚାରୀମାନେ ସେମାନଙ୍କୁ ଧରିଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ ଉଭୟ ସୁଶିଳା ଓ ରାମଚନ୍ଦ୍ର ଲାଞ୍ଚ ବାବଦରେ ମୋଟ ଲକ୍ଷେ ଟଙ୍କା ଦାବି କରିଥିଲେ। ଏଥିରୁ ୨୦ ହଜାର ଟଙ୍କା ମଧ୍ୟ ସୀତା ସେମାନଙ୍କୁ ଦେଇସାରିଥିଲେ। ଅବଶିଷ୍ଟ ୮୦ ହଜାର ଟଙ୍କା ଦେବା ସକାଶେ ଆଜି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହା ପୂର୍ବରୁ ସୀତା ସ୍ଥାନୀୟ ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ଦାଏର୍ କରିଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ଆଜି ସୀତା ୮୦ ହଜାର ଲାଞ୍ଚ ବାବଦ ଟଙ୍କା ଦେଇଥିଲେ। କିନ୍ତୁ ଭିଜିଲାନ୍ସ ଉଭୟଙ୍କୁ ପ୍ରମାଣ ସହ ଗିରଫ କରିଛି। ସେମାନଙ୍କୁ ରାୟଗଡା ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ପଚରାଉଚରା ମଧ୍ୟ କରାଯାଇଛି। ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଉଭୟ ସୁଶିଳା ଓ ରାମଚନ୍ଦ୍ରଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ଭାଙ୍ଗିଲା ମହିମା ଗାଦିର ଦଧିନଉତି



**ଢେଙ୍କାନାଳ, ୨୩।୬ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମରପୀଠ ମହିମାଗାଦି ଯୋରନ୍ଦାରେ ରବିବାର ବିଳମ୍ବିତ ରାତିରେ ଭାଙ୍ଗିଯାଇଛି। ବଜ୍ରପାତରେ ଗାଦି ମନ୍ଦିର ପୂର୍ବ ମୁଖଶାଳା ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗିଛି। ସୋମବାର ସକାଳେ ଘଟଣା ସମ୍ପର୍କରେ ଜାଣିବା ପରେ ମହିମା ସନ୍ନ୍ୟାସୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି । ରବିବାର ବିଳମ୍ବିତ ରାତିରେ ଖୁବ ଜୋର୍‌ରେ ଏକ ଶବ୍ଦ ଶୁଭିଥିଲା ବୋଲି ଅଞ୍ଚଳବାସୀଙ୍କ କହିଛନ୍ତି। ତେବେ ଏହା ବିପଦର ଏକ ସଙ୍କେତ, ମାଡ଼ି ଆସୁଛି କି ଭୟଙ୍କର ବିପଦ ?।। ଦଧିନଉତି ଭାଙ୍ଗିବା ସମ୍ପୂର୍ଣ୍ଣ ଅଶୁଭ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଏହାର ମରାମତି ପାଇଁ ଦାବି ହେଉଛି ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବସ୍, ୫ ଆହତ

**ଭଦ୍ରକ,୨୩।୬(ସଂଚାର ବ୍ୟୁରୋ):** କାରକୁ ବଞ୍ଚାଇବାକୁ ଯାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ସହ ପିଟି ହୋଇଛି ବସ୍। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୫ ଜଣ ଆହତ ହୋଇଛନ୍ତି। ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ନୂଆ ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। 'ତ୍ରିନାଥ' ନାମକ ଉକ୍ତ ଘରୋଇ ବସଟି ଅଭଣାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଭଦ୍ରକ ନୂଆ ବସଷ୍ଟାଣ୍ଡ ନିକଟରେ ଅଚାନକ ଏକ କାର୍ ସାମ୍ନାକୁ ଚାଲିଯାଇଥିଲା। ବସ୍ ଡ୍ରାଇଭର ଜଣଙ୍କ ଉକ୍ତ କାରକୁ ବଞ୍ଚାଇବାକୁ ଯାଇ ହଠାତ୍ ବ୍ରେକ କଷିବାରୁ ଗାଡ଼ିଟି ଡିଭାଇଡର ଉପରକୁ ଚଢ଼ିଯିବା ସହ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଖବର ପାଇ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

## ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

### ପ୍ରତିବାଦରେ ରାସ୍ତାରୋକ



**କାମାକ୍ଷାନଗର,୨୩।୬(ସଂଚାର ବ୍ୟୁରୋ):** ଦୁର୍ଘଟଣାରେ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଆଳତୁମା ରାମିଆଳ ବ୍ରିଜ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଉକ୍ତ ବୃଦ୍ଧ ଜଣଙ୍କ ହାଟକୁ ଯାଉଥିବା ସମୟରେ ତାଙ୍କୁ ଗାଡ଼ିଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ବୃଦ୍ଧ ଜଣଙ୍କ ହେଲେ ଗାଲୁକାଟେଣୀ ଗାଁର ଜୟଧର ସାହୁ। ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଛନ୍ତି। ଫଳରେ ଡୁବୁରୀ-ତାଳଚେର ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ବି ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ସୂଚନାଯୋଗ୍ୟ ଯେ ୫୩ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ନିୟମିତ ବ୍ୟବଧାନରେ ଜୀବନ ଯାଉଥିଲେ ହେଁ ଏ ଦିଗରେ ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ତୀବ୍ର ହୋଇଛି।

## ଚିକିତ୍ସା ଅବହେଳାରୁ କଏଦୀଙ୍କ ମୃତ୍ୟୁ ଅଭିଯୋଗ



**କଟକ,୨୩।୬(ସଂଚାର ବ୍ୟୁରୋ):** ଚିକିତ୍ସାରେ ଅବହେଳାରୁ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବିଚାରାଧୀନ ବନ୍ଦୀ ହରିୟାଣାର ହୋଇଥିବା ବେଳେ ସେ ବ୍ରହ୍ମପୁର ଜେଲ୍‌ରେ ବିଚାରାଧୀନ ଥିଲେ। ସୂଚନାନୁସାରେ, ବ୍ରହ୍ମପୁର ଜେଲରେ କଏଦୀ ଜଣଙ୍କ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ଏମ୍ସକୁ ଅଣାଯାଇଥିଲା। କିନ୍ତୁ ସେଠାରେ ମଧ୍ୟ ସ୍ଥିତିରେ ସୁଧାର ଆସିନଥିଲା। ତେଣୁ ଡାକ୍ତର ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୁଲିସ ହସ୍ପିଟାଲ୍‌ରେ ପହଞ୍ଚି କଏଦୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି।

# ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ

- ମୁଖ୍ୟ ସଚିବ ଓ ଡିଜିପିଙ୍କୁ ନୋଟିସ
- ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଗୋପାଳପୁର ବେଳାଭୂମିରେ ଜନୈକା କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ବେଳେ ଏହି ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ନିଜ ପକ୍ଷରୁ ହସ୍ତକ୍ଷେପ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଆଧାର କରି ଆୟୋଗ ଏହି ଘଟଣାକୁ ଗମ୍ଭୀର ମାନବାଧିକାର ଉଲ୍ଲଂଘନ ଭାବେ ଗ୍ରହଣ କରିଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଆୟୋଗ ନୋଟିସ ଜାରି କରିଛନ୍ତି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଘଟଣା ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଓ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ ସମ୍ପର୍କିତ ସୂଚନା ରିପୋର୍ଟରେ ସାମିଲ କରିବାକୁ ଆୟୋଗ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୫ ତାରିଖରେ ପୀଡିତା ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିରେ ବସିଥିବା ସମୟରେ ସେଠାରେ ଦୁର୍ବୃତ୍ତମାନେ ପହଞ୍ଚି ସେମାନଙ୍କଠାରୁ ଟଙ୍କା ନେବା ସହ ପରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏହି ଘଟଣାରେ ପରେ ପୁଲିସ୍ ୪ ନାବାଳକଙ୍କ ସମେତ ମୋଟ ୧୦ ଜଣଙ୍କୁ ଗିରଫ କରିଛି। ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ତଦନ୍ତ ଏବେ କ୍ରାଇମ୍ ବ୍ରାଞ୍ଚ୍ କରୁଛି।

## ଭିଡିଓ ବନାଇଥିଲେ ଅଭିଯୁକ୍ତ

- କ୍ରାଇମବ୍ରାଞ୍ଚ ହାତରେ ଡିଜିଟାଲ ପ୍ରମାଣ

ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରମାଣ। ସିସିଟିଭି ଓ ମୋବାଇଲରୁ ଘଟଣା ସମ୍ପର୍କରେ ବଳିଷ୍ଠ ପ୍ରମାଣ ମିଳିଛି। ସମଗ୍ର କ୍ରାଇମ୍ ସିନ୍ ବେଳାଭୂମିରେ ଉପଲବ୍ଧ ସିସିଟିଭିରେ କଏଦ ହୋଇଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଜିଜି ବିନୟତୋଷ ମିଶ୍ର। ଏହି ଗଣଦୁଷ୍କର୍ମ ମାମଲାର ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ହେବା ଦିଗରେ ସମସ୍ତ ପ୍ରକାର ପ୍ରୟାସ କରାଯିବ। ଡିଜି ଶ୍ରୀ ମିଶ୍ର ଦେଇଥିବା ସୂଚନାନୁସାରେ, ଗଣଦୁଷ୍କର୍ମ ଦୃଶ୍ୟ ଅଭିଯୁକ୍ତମାନେ ନିଜ ମୋବାଇଲରେ ଶୁଟିଂ କରିଥିଲେ। ଏହି ଘଟଣାରେ ପୁଲିସ ୧୦ ଜଣଯାକ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମୋବାଇଲ୍‌କୁ ଜବତ କରି କ୍ରାଇମ୍ ବ୍ରାଞ୍ଚ୍ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଇଛି। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ସ୍ପଷ୍ଟ କରିଛନ୍ତି। ଗଣଦୁଷ୍କର୍ମ ମାମଲାରେ ୨୪ ଘଣ୍ଟା ଭିତରେ କ୍ରାଇମବ୍ରାଞ୍ଚ ୧୦ ଜଣଙ୍କୁ ଧରି ତନାଘନା କରିବା ସହ ନିକଟରେ ବ୍ରହ୍ମପୁର ସେଣ୍ଟ୍ରାଲ୍ ଜେଲରେ ଟିଆଇ ପରେଡ କରାଯାଇଥିବା ବେଳେ ଏଥିରେ ୬ ଜଣ ଅଭିଯୁକ୍ତଙ୍କୁ ପୀଡ଼ିତା ଚିହ୍ନଟ କରିଥିଲେ।

### ଟଙ୍କା ବ୍ୟାଗ୍ ନେବାକୁ ଗୁଳିମାଡ଼

## ମଦ ଦୋକାନ କର୍ମଚାରୀ ଗୁରୁତର



**କୁଳିଅଣା,୨୩।୬(ସଂଚାର ବ୍ୟୁରୋ):** ୧୮ ନମ୍ବର ଜାତୀୟ ରାଜପଥ ବାଇଗଣ ବାଡ଼ିଆ କଲେଜ ଛକ ନିକଟରେ ଗୁଳି ଫୁଟିଛି। ଜନୈକ ମଦ ଦୋକାନ କର୍ମଚାରୀଙ୍କଠାରୁ ଲୁଟ୍ ଉଦ୍ୟମରେ ଦୁର୍ବୃତ୍ତମାନେ ୬ ରାଉଣ୍ଡ ଗୁଳି ଚଳାଇଛନ୍ତି। ସେଥିମଧ୍ୟରୁ ୨ ରାଉଣ୍ଡ ଗୁଳି ଶିବାନନ୍ଦ ବାରିକଙ୍କ ଦେହରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ କାନ ଓ ଜଙ୍ଘରେ ଗୁଳି ବାଜିଥିବା ବେଳେ ଖବର ପାଇ କୁଳିଅଣା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଆଜି କୁଳିଅଣାସ୍ଥିତ ଅନୁମତିପ୍ରାପ୍ତ ବିଦେଶୀ ମଦ ଦୋକାନର କର୍ମଚାରୀ ଶିବାନନ୍ଦ ୭ ଲକ୍ଷ ଟଙ୍କା ଜମା କରିବାକୁ ବାଇକ୍ ଯୋଗେ ବ୍ୟାଙ୍କ ଯାଉଥିଲେ। ତେବେ ଏହି ସମୟରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅନୁସରଣ କରିବା ସହ ସେମାନେ କଲେଜ ଛକ ଅତିକ୍ରମ କରିବା ପରେ ଶିବାନନ୍ଦଙ୍କୁ ରୋକିଥିଲେ। ସେମାନେ ଶିବାନନ୍ଦଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଶିବାନନ୍ଦ ବ୍ୟାଗ୍ ନ ଛାଡ଼ିବାରୁ ଦୃର୍ବୃତ୍ତଙ୍କ ମଧ୍ୟରୁ ଦୁଇ ଜଣ ଦୁଇଟି ବନ୍ଧୁକରୁ ୬ ରାଉଣ୍ଡ ଗୁଳି ଚଳାଇଥିଲେ। ଏହାପରେ ବି ଶିବାନନ୍ଦ ଟଙ୍କା ବ୍ୟାଗ୍ ନ ଛାଡ଼ିବାରୁ ଦୁର୍ବୃତ୍ତମାନେ ଏହା ଛଡାଇନେବାକୁ ଉଦ୍ୟମ ଜାରି ରଖିଥିଲେ। ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଦୂରରୁ ଟେକା ମାଡ଼ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇଯିବାକୁ ବାଧ୍ୟ ହୋଇଥିଲେ। ଶିବାନନ୍ଦ ଏବେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ଶିଶୁ ଯତ୍ନ ଓ ସୁରକ୍ଷା ସଂକ୍ରାନ୍ତ ପୋର୍ଟାଲ୍ ଲୋକାର୍ପିତ

## ସହଜ ହେବ ତଥ୍ୟ ବିଶ୍ଳେଷଣ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ଶିଶୁଙ୍କ ଯତ୍ନ, ସୁରକ୍ଷା ଓ ପୁନର୍ବାସ ସେବା ସୁଦୃଢ ଉଦ୍ଦେଶ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା 'ଆମରି ଶିଶୁ' ୱେବପୋର୍ଟାଲ୍‌ର ଲୋକାର୍ପଣ କରିଛନ୍ତି। ଏହି ୱେବପୋର୍ଟାଲ ଶିଶୁ ସୁରକ୍ଷା ୟୁନିଟ , ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟ ବୋର୍ଡ, ଶିଶୁ ଯତ୍ନ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ସୁଗମ ସମନ୍ୱୟ ସ୍ଥାପନରେ ସକ୍ଷମ କରିବ ବୋଲି ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। ପୋର୍ଟାଲ ମାଧ୍ୟମରେ ରାଜ୍ୟରେ ଶିଶୁ କଲ୍ୟାଣ, ଶିଶୁ ପୋଷଣ ଓ ଶିଶୁ ସୁରକ୍ଷା କ୍ଷେତ୍ରର କାର୍ଯ୍ୟଶୈଳୀରେ ସୁଧାର ଆସିବ। ଡିଜିଟାଲି ଅପଡେଟେଡ୍ ତଥ୍ୟ ସାହାଯ୍ୟରେ ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣର ସଠିକ ଟ୍ରାକ ହୋଇପାରିବ। ଏଥିସହ ପୋଷଣ ଟ୍ରାକର ଓ ଚାଇଲ୍ଡ ହେଲ୍ପଲାଇନ ଲାଇନ ନମ୍ବର ୧୦୯୮ ମଧ୍ୟରେ ବି ସମନ୍ୱୟ ରହିପାରିବ। ଏହି ପୋର୍ଟାଲ୍ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ ଭଳି ଯୋଜନାଗୁଡ଼ିକର ସଦସ୍ୟ ତଥ୍ୟ ବିଷୟରେ ଜନସାଧାରଣଙ୍କୁ ସବିଶେଷ ସୂଚନା ଦେଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।



# ଆଇଏମ୍‌ଏସ୍ ଗ୍ରନ୍ଥାଗାର ଅଟ୍ଟାଳିକାର ଶିଳାନ୍ୟାସ

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏସ୍)ର ନୂଆ ଗ୍ରନ୍ଥାଗାର ଅଟ୍ଟାଳିକାର ଶିଳାନ୍ୟାସ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ। ଆଜିର ଏହି ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କ୍ଷେତ୍ରରେ ଆଇଏମ୍‌ଏସ୍ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଥିରେ ଅଧିକରୁ ଅଧିକ ଗଣିତ କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ସରକାର ଭୁବନେଶ୍ୱରରେ ୧୦୦ ଏକର ପରିମିତ ଯାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ୫ ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।



## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି: ମନ୍ତ୍ରୀ

କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଗଣିତ ପ୍ରୟୋଗରେ ମାନବ ସମାଜର କଲ୍ୟାଣ ନିମନ୍ତେ ଅଧିକ ଗବେଷଣା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉକ୍ତ ପ୍ରତିଷ୍ଠାନରେ ଆସନ୍ତା ୫ ବର୍ଷ ମଧ୍ୟରେ ନୂଆ କରି ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ କମ୍ପ୍ୟୁଟିଂ, ମ୍ୟାଥ୍‌ମେଟିକ୍ସ ୱିଥ୍ ଡାଟା ସାଇନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ କମ୍ପ୍ୟୁଟେସନାଲ ଫାଇନାନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଶ୍ରୀମତୀ ଅରୁମୁଗମ୍ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଲଞ୍ଚ ହେଲା ଅଡିର କ୍ୟୁ୭ ସିଗ୍ନେଚର୍ ଏଡିସନ୍

**ନୂଆଦିଲ୍ଲୀ, ୨୩।୬:** କାର୍ ପ୍ରେମୀଙ୍କ ପାଇଁ ଖୁସି ଖବର। ଭାରତୀୟ ବଜାରରେ ଅଡି କ୍ୟୁ୭ ସିଗ୍ନେଚର୍ ଏଡିସନ୍ ଲଞ୍ଚ କରିଛି। ଯାହା ଲୋକଙ୍କ ସର୍ବାଧିକ ପସନ୍ଦ ରହିବ ବୋଲି ଆଶା କରାଯାଉଛି। ହାଇ କ୍ୱାଲିଟିର ଇଞ୍ଜିନର ବ୍ୟବସ୍ଥା ପାଇବେ କାର୍ ପ୍ରେମୀ। ତେବେ ଏହାର ଇଞ୍ଜିନ୍ ପାୱାର, ଫିଚର୍ସ ଏବଂ ଏହାର ମୂଲ୍ୟ ବିଷୟରେ ଆସନ୍ତୁ ଜାଣିବା। ଏହାର ନିର୍ମାତା ଭିନ୍ନ ଫିଚର୍ସ ସହିତ ମାର୍କେଟରେ ଲଞ୍ଚ କରିଛନ୍ତି। ଏଥିରେ ୭ଟି ଫିଚର୍ସର ସୁବିଧା ପାଇବେ ୟୁଜର୍ସ। ଏଥିରେ ଏଲଇଡି ଲାଇଟ୍ ସହିତ ଅଡି ଲୋଗୋ ରହିଛି। ଏହା ସହିତ, ଡାଇନାମିକ୍ ହୁଇଲ ହମ୍ କ୍ୟାପ୍ସ, ମେଟାଲିକ୍ କୀ କଭର, ଷ୍ଟେନଲେସ୍ ଷ୍ଟିଲ୍ ପେଡାଲ୍ କଭର,ଗାଡ଼ିରେ ଭଲ ଏକ୍ସପେରିୟନ୍ସ ପାଇଁ ଏସ୍ପ୍ରେସୋ ମୋବାଇଲ୍ କଫି ସିଷ୍ଟମ୍, ଅଡି ୟୁନିଭର୍ସାଲ୍ ଟ୍ରାଫିକ୍ ରେକର୍ଡର୍ ସହିତ ଅଡି ଡ୍ୟାସକ୍ୟାମ୍, ୨୦ ଇଞ୍ଚ ଆଲୟ ହୁଇଲରେ ଖାସ୍ କଲର ଡିଜାଇନ୍ ଭଳି ନୂଆ ଫିଚର୍ସର ସୁବିଧା ଦିଆଯାଇଛି। ଯାହା କାର୍ ପ୍ରେମୀଙ୍କ ମନରେ ଥିବା ଉତ୍କଣ୍ଠାକୁ ବଢ଼ାଇଦେଇଛି। ଏଥିରେ ଆହୁରି ମଧ ଫିଚର୍ସ



ରହିଛି। ସାତଟି ଡ୍ରାଇଭିଂ ମୋଡ୍, ଏୟାର ସସପେନସନ୍, ୧୯ ସ୍ପିକର ସହିତ ବ୍ୟାଙ୍ଗ୍ ଏବଂ ଓଲୁଫସେନ୍ ଅଡିଓ ସିଷ୍ଟମ୍, ୱାୟାରଲେସ୍ ଚାର୍ଜର, ୩୬୦ ଡିଗ୍ରୀ କ୍ୟାମେରା, ଚାରି ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍, ଆଠଟି ଏୟାରବ୍ୟାଗ୍, ଏବିଏସ, ଇବିଡି, ଲେନ୍ ଡିପାର୍ଚ ୱାର୍ଣ୍ଣିଂ ସିଷ୍ଟମ୍, ଇଏସପି ଭଳି ଅନେକ ଫିଚର୍ସ ସହିତ ମାର୍କେଟରେ ଲଞ୍ଚ ହୋଇଛି। ଏହି ଏସୟୁଭି ରେ ତିନି ଲିଟର ଭି୬ ଇଞ୍ଜିନ ଅଛି। ଯାହା ଏହାକୁ ୩୪୦ ହର୍ସପାୱାର ଏବଂ ୫୦୦ ନ୍ୟୁଟନ ମିଟର ଟର୍କର ସୁବିଧା ଦେଇଥାଏ। ଏହା ସହିତ ୪୮ଭିର ମାଇଲ୍ଡ ହାଇବ୍ରିଡ ଟେକନିକର ମଧ ବ୍ୟବସ୍ଥା ରହିଛି। ଏହି ଇଞ୍ଜିନ ସାହାଯ୍ୟରେ, ଏସୟୁଭି କୁ ୫.୬ ସେକେଣ୍ଡରେ ୦-୧୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚଲାଇହେବ। ଏହାର ସର୍ବାଧିକ ଗତି ରହିଛି। ପ୍ରତି ଘଣ୍ଟା ପର୍ଯ୍ୟନ୍ତ ୨୫୦ କିଲୋମିଟର ଚାଲିବ। ଏଭଳି ଡିଜାଇନଫୁଲ ଗାଡ଼ିକୁ କାରପ୍ରେମୀ ମାନେ ୯୯.୮୧ ଲକ୍ଷ ଟଙ୍କାରେ କିଣିପାରିବେ। ଯାହା ଦ୍ୱାରା ସୁଲଭ ମୂଲ୍ୟରେ କାରପ୍ରେମୀମାନେ କମ୍ପାନୀ ଦେଇଥିବା ଏହି ଡିଜାଇନ ଏବଂ ଫିଚର୍ସ ମାଧମରେ ବିଳାସପୂର୍ଣ୍ଣ ଯାତ୍ରା କରିପାରିବେ। ଏଥି ସହ ଯେଉଁମାନେ ଦମଦାର୍ ଫିଚର୍ସ ସହ ଏକ ପାୱାରଫୁଲ୍ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି ଗାଡ଼ି ଆପଣମାନଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

## ପୁଣି ଚର୍ଚ୍ଚାରେ 'ବ୍ରିକ୍ସ ମୁଦ୍ରା'

ନୂଆଦିଲ୍ଲୀ, ୨୩।୬: ଆସନ୍ତାମାସ ୬ ଓ ୭ ତାରିଖରେ ବ୍ରାଜିଲର ରିଓ ଡି ଜେନେରୋରେ ବ୍ରିକ୍ସ ଶିଖର ସମ୍ମିଳନୀ ହେବ। ଏହି ବୈଠକର କିଛିଦିନ ପୂର୍ବରୁ ପ୍ରମୁଖ ଦେଶଗୁଡ଼ିକର କୂଟନୀତିଜ୍ଞମାନେ ବ୍ରିକ୍ସ ମୁଦ୍ରାର ପ୍ରଚଳନ ନେଇ କୌଣସି ଯୋଜନା ନଥିବା କହିଛନ୍ତି। ବରଂ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ଦେଶମାନେ ବ୍ୟବସାୟ ଓ କାରବାର କରିବା ଉପରେ ବୈଠକରେ ଗୁରୁତ୍ୱ ଦେବେ ବୋଲି କୁହାଯାଇଛି। ବ୍ରାଜିଲ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଏବଂ ସେଣ୍ଟର ଫର୍ ଗ୍ଲୋବାଲ ଇଣ୍ଡିଆ ଇନସାଇଟ୍ସ (ସିଜିଆଇଆଇ) ପକ୍ଷରୁ ଶୁକ୍ରବାର ମିଳିତଭାବେ ହୋଇଥିବା ଏକ ସମ୍ମିଳନୀରେ ରୁଷ୍ ରାଷ୍ଟ୍ରଦୂତ ଡେନିସ ଆଲିପୋଭ କହିଛନ୍ତି ଯେ ବଡ଼ ବଡ଼ ସମସ୍ୟାର ଆଲୋଚନା ପାଇଁ ବ୍ରିକ୍ସ ଏକ



ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏଥିସହିତ ନିଜ ନିଜ ମୁଦ୍ରାରେ ବାଣିଜ୍ୟ କାରବାର ପାଇଁ ମସ୍କୋ ସମର୍ଥନ କରିବ। ବ୍ରିକ୍ସ ଦେଶଗୁଡ଼ିକ ନିଜ ନିଜ ଦେଶର ମୁଦ୍ରାରେ ପୂର୍ବରୁ ବାଣିଜ୍ୟିକ କାରବାର କରୁଥିବା ସେ କହିଛନ୍ତି। ସମ୍ମିଳନୀରେ ବ୍ରିକ୍ସ ପାଇଁ ଭାରତର ସେର୍ପା ତଥା ବିଦେଶ ବ୍ୟାପାର ମନ୍ତ୍ରାଳୟର ସଚିବ(ଅର୍ଥନୈତିକ ସଂପର୍କ) ଡି ରବି କହିଛନ୍ତି ବ୍ରିକ୍ସ ମୁଦ୍ରା ନେଇ ହେଉଥିବା ଆଲୋଚନା ବର୍ତ୍ତମାନ ଅତ୍ୟନ୍ତ ପ୍ରାରମ୍ଭିକ ସ୍ତରରେ ରହିଛି। ସଂପ୍ରତି ଆମେ ନିଜ ନିଜ ଦେଶର ମୁଦ୍ରାରେ ବାଣିଜ୍ୟ କାରବାର ଚାହୁଁଛୁ। ବିତ୍ତୀୟ ଏବଂ ଆର୍ଥିକ ନୀତି ମଧ୍ୟରେ ସଙ୍ଗତି ସ୍ଥାପନ କରିବା ଅତ୍ୟନ୍ତ କଷ୍ଟକର ବୋଲି ସେ ମତ ଦେଇଛନ୍ତି।

## ହୋର୍ମୁଜ ପ୍ରଣାଳୀ ବନ୍ଦରେ ପ୍ରଭାବିତ ହେବନି ଭାରତ

ନୂଆଦିଲ୍ଲୀ, ୨୩।୬: ସାମୁଦ୍ରିକ ପରିବହନର ଏକ ପ୍ରମୁଖ ଜଳପଥ ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ଲାଗି ଇରାନ ସରକାର ନେଇଥିବା ନିଷ୍ପତ୍ତି ଭାରତକୁ ବିଶେଷ ପ୍ରଭାବିତ କରିବ ନାହିଁ। ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଯେ ଭାରତର ଅଧିକାଂଶ ତେଲ ଏହି ପ୍ରଣାଳୀ ଦେଇ ଆସୁନାହିଁ। କିଛି ବର୍ଷ ମଧ ଭାରତ ବିଭିନ୍ନ ଦେଶରୁ ତେଲ ଆଣିବା ପଦ୍ଧତି ଅବଲମ୍ବନ କରିଛି। ଦେଶର ତୈଳ କମ୍ପାନିଗୁଡ଼ିକ ପାଖରେ ଯେତିକି ତେଲ ଅଛି ତାହା ଅନେକ ସପ୍ତାହର ଆବଶ୍ୟକତା ପୂରଣ କରିପାରିବ। ଅନ୍ୟ ବାଟଗୁଡ଼ିକ ଦେଇ ଭାରତକୁ ତେଲ ଆସିବା ଜାରି ରହିବ। ଲୋକମାନଙ୍କ ପାଖରେ ନିରବଚ୍ଛିନ୍ନ ତେଲ ପହଞ୍ଚାଇବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ଥିବା ଶ୍ରୀ ପୁରୀ କହିଛନ୍ତି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ଯୋଗଦେବା ପରେ ଅନ୍ତର୍ଜାତୀୟ ତୈଳ ବଜାର ଅସ୍ଥିର ହୋଇପଡ଼ିଛି।



### ତୈଳ ଦର ୭୭ ଡଲାରକୁ ବୃଦ୍ଧି

ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୭୭ ଡଲାରରୁ ଅଧିକ ହୋଇଯାଇଛି। ବ୍ରେଣ୍ଟ୍ କ୍ରୁଡ୍ ଦାମ୍ ୭୭.୩୨ ଡଲାର ଓ ୟୁଏସ୍ ୱେଷ୍ଟ ଏକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦାମ୍ ୭୪.୦୪ ଡଲାରକୁ ବୃଦ୍ଧି ପାଇଛି। ତୈଳ ଉତ୍ପାଦନ କରୁଥିବା ଦେଶଗୁଡ଼ିକର ସଂଘ ଓପେକ୍+ର ଏକ ବଡ଼ ସଦସ୍ୟ ହେଉଛି ଇରାନ। ଏହା ଏକ ତୃତୀୟାଂଶ ତୈଳ ଉତ୍ପାଦନ କରୁଛି। ସେଠାରେ ଦେଖାଦେଇଥିବା ଉତ୍ତେଜନା ତୈଳ ଯୋଗାଣ ପ୍ରତି ବିପଦ ସୃଷ୍ଟି କରିଛି। ହୋର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବା ଲାଗି ପଦକ୍ଷେପ ନିଆଗଲେ ସାରା ବିଶ୍ୱରେ ତୈଳ ବଜାର ଅସ୍ଥିର ହୋଇପଡ଼ିବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। ଉତ୍ତେଜନା ବଢ଼ିଲେ ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ଇରାନ ଧମକ ଦେଇଥିଲା। ତାହା ହେଉଛି ଏକମାତ୍ର ଜଳପଥ ଯାହା ମଧ ଦେଇ ମଧ୍ୟପ୍ରାଚ୍ୟ ଦେଶରୁ ତୈଳ ବିଭିନ୍ନ ଦେଶକୁ ଯାଇଥାଏ। ବିଶ୍ୱର ୨୬ ପ୍ରତିଶତ ତେଲ ତାହା ଜରିଆରେ ପରିବହନ କରାଯାଉଛି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ଦେବା ଦେବା ପରଠାରୁ ତେଲ ଦର ଲଗାତାର ଭାବେ ବଢ଼ୁଛି। ଏହାର ଦାମ୍ ବ୍ୟାରେଲ୍ ପିଛା ୧୨୦ ଡଲାରରୁ ଅଧିକ ହେବା ଆଶଙ୍କାକୁ ମଧ ଏଡ଼ାଇ ଦିଆଯାଇପାରିବ ନାହିଁ। ଭାରତ ନିଜ ତୈଳ ଆବଶ୍ୟକତାର ୮୫% ଆମଦାନି ଜରିଆରେ ପୂରଣ କରୁଛି। ତେଣୁ ତେଲ ବଜାରରେ କୌଣସି ପ୍ରକାର ବିଭ୍ରାଟ ଏହାକୁ ପ୍ରଭାବିତ କରିଥାଏ।

## ଜୟଆଲୁକ୍କାସରେ ବର୍ଷର ସର୍ବବୃହତ୍ ଗହଣା ସେଲ୍

ଭୁବନେଶ୍ୱର, ୨୩।୬: ଜୟଆଲୁକ୍କାସରେ ବର୍ଷର ସର୍ବବୃହତ୍ ଗହଣା ସେଲ୍ ଆରମ୍ଭ କରାଯାଇଛି। ଏହି ଅବସରରେ ଗ୍ରାହକମାନେ ସବୁ ପ୍ରକାର ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ପାଇପାରିବେ। ଗୌତମ ନଗର ହାଇସ୍କୁଲ୍ର ସହକାରୀ ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଏହି ସେଲ୍କୁ ଆରମ୍ଭ କରିଥିଲେ। ଗ୍ରାହକମାନେ ସବୁ ପ୍ରକାର ସୁନା ଗହଣା, ହୀରା, ଅନ୍କଟ୍ ଡାଇମଣ୍ଡ, ମୂଲ୍ୟବାନ ଗହଣା, ପ୍ଲାଟିନମ ଓ ରୁପା ଉପରେ ଅଫର୍ର ଲାଭ ପାଇପାରିବେ। ଏହି ଅବସରରେ ଜୟଆଲୁକ୍କାସର ସହିଦନଗର ଷ୍ଟୋର୍ର ଶାଖା ପ୍ରବନ୍ଧକ ସୁଭାଷ ଏମ୍ ଓ ସହକାରୀ ପ୍ରବନ୍ଧକ ସତ୍ୟବ୍ରତ ଭଞ୍ଜ ଉପସ୍ଥିତ ଥିଲେ।



## ପରପ୍ଲେକ୍ସିଟିକୁ କିଣିବ ଆପଲ୍

ନୂଆଦିଲ୍ଲୀ, ୨୩।୬: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦୌଡ଼ରେ ଆଗରେ ରହିବା ଲାଗି, ଏହି କ୍ଷେତ୍ରର ଷ୍ଟାର୍ଟଅପ୍ ପର୍ପ୍ଲେକ୍ସିଟିକୁ କିଣିବା ଲାଗି ଆଇଫୋନ୍ ନିର୍ମାଣ କରୁଥିବା ଆମେରିକୀୟ କମ୍ପାନି ଆପଲ୍ ଯୋଜନା ରଖିଛି। ପ୍ରାୟ ୧.୨୧ ଲକ୍ଷ କୋଟି ଟଙ୍କାରେ ଆପଲ୍ ଏହି କମ୍ପାନିକୁ କିଣିବ। ଯଦି ଏହି ଡିଲ୍ ସମ୍ଭବ ହେବ, ତେବେ ଆପଲ୍ ଇତିହାସରେ ହେବ ତାହା ସବୁଠୁ ବଡ଼ ଅଧିଗ୍ରହଣ। ଏହା ପୂର୍ବରୁ ୨୦୧୪ରେ କମ୍ପାନି ୨୫,୯୭୪ କୋଟି ଟଙ୍କାରେ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କମ୍ପାନି ଭିଟ୍ସକୁ କିଣିଥିଲା। ପର୍ପ୍ଲେକ୍ସିଟି ହେଉଛି ଏକ ଏଆଇ ଆଧାରିତ ସର୍ଚ୍ଚ



ଇଞ୍ଜିନ। ଏହା ବାସ୍ତବ ସମୟ ପ୍ରଶ୍ନର ଉତ୍ତର ଉଠେଇବା ବେଳେ କଥାବାର୍ତ୍ତା କରିବା ଭଳି କାମ କରିଥାଏ। ଏଆଇ ଦୁନିଆରେ ଏହାର ଲୋକପ୍ରିୟତା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ତେବେ ଆପଲ୍ ସହ ଡିଲ୍ ଏବେ କଥାବାର୍ତ୍ତା ସ୍ତରରେ ରହିଛି। ତେଣୁ ଚୂଡ଼ାନ୍ତ ଭାବେ କିଛି ବି କହିହେବ ନାହିଁ। ଓପନ୍ଏଆଇ ଓ ଗୁଗଲ୍ ଏଆଇ ଦୌଡ଼ରେ ବହୁ ଆଗକୁ ବଢ଼ିଯାଇଥିବାରୁ ଆପଲ୍ ପାଇଁ ତାହା ଏକ କଡ଼ା ଆହ୍ୱାନ ହୋଇଛି। କମ୍ପାନି ପାଖରେ କୌଣସି ଦମଦାର୍ ଜେନେରେଟିଭ୍ ଏଆଇ ଉତ୍ପାଦ ନାହିଁ। ପରପ୍ଲେକ୍ସିଟିକୁ କିଣି କମ୍ପାନି ସେହି ଅଭାବ ଦୂର କରିବା ଉପରେ ବିଚାର କରୁଛି।




### ଇରାନ ଉପରେ ଆମେରିକାର ଆକ୍ରମଣ
## ଶେୟାର୍ ମାର୍କେଟରେ ଦିଶିଲା ପ୍ରଭାବ

**ନୂଆଦିଲ୍ଲୀ, ୨୩।୬:** ଇରାନର ତିନୋଟି ପରମାଣୁ କେନ୍ଦ୍ର ଉପରେ ଆମେରିକା ବୋମା ମାଡ଼ କରିବା ପରେ ମଧ୍ୟପ୍ରାଚ୍ୟ ସଙ୍କଟ ଆହୁରି ତୀବ୍ର ହୋଇଛି। ସେନସେକ୍ସ ପ୍ରାୟ ୫୦୦ ପଏଣ୍ଟ ଖୋଲିଥିଲା କିନ୍ତୁ ଶୀଘ୍ର ୮୦୦ ରୁ ଅଧିକ ହ୍ରାସ ପାଇଥିଲା। ଏପଟେ ନିଫ୍ଟି ପ୍ରାୟ ୨୫୦ ପଏଣ୍ଟ ହ୍ରାସ ପାଇଛି। ସକାଳ ୯.୪୫ ରେ, ସେନସେକ୍ସ ୮୧,୫୬୦ ପଏଣ୍ଟ ଏବଂ ନିଫ୍ଟି ୨୪,୮୫୯ ପଏଣ୍ଟରେ ଥିଲା। ବିଶ୍ୱ ମାନ୍ଦାବସ୍ଥା ପରେ ଭାରତୀୟ ବଜାରରେ ମଧ ସେୟାର୍ ବଜାର ହ୍ରାସ ଘଟିଛି। ସେହିପରି ଏନର୍ଜୀ ମାର୍କେଟରେ ମଧ ପ୍ରଭାବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢ଼ିଛି। ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହାର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢ଼ିଛି। ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା। ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ।

## ଇପିଏଫ୍ଓରେ ଯୋଡ଼ିହେଲେ ୧୯ ଲକ୍ଷ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ରେ ଚଳିତ ବର୍ଷ ଏପ୍ରିଲ୍ରେ ୧୯.୧୪ ଲକ୍ଷ ସଦସ୍ୟ ଯୋଡ଼ି ହୋଇଛନ୍ତି। ସେଥିରୁ ୮.୪୯ ଲକ୍ଷ ହେଉଛନ୍ତି ନୂଆ ସଦସ୍ୟ। ବର୍ଦ୍ଧିତ ନିଯୁକ୍ତି ସୁଯୋଗ, କର୍ମଚାରୀ ଲାଭକୁ ନେଇ ସଚେତନତାରେ ବୃଦ୍ଧି ଓ ଇପିଏଫ୍ଓର ଆଉଟ୍ରିଚ୍ କାର୍ଯ୍ୟକ୍ରମ ପାଇଁ ସଦସ୍ୟ ସଂଖ୍ୟା ବଢ଼ୁଥିବା ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥର ୧୮-୨୫ ବର୍ଷ ବୟସ ବର୍ଗରେ ୪.୮୯ ଲକ୍ଷ ନୂଆ ସଦସ୍ୟ ଯୋଡ଼ିହୋଇଛନ୍ତି। ଏଥିରୁ ବୁଝାପଡୁଛି ଯେ ଯୁବବର୍ଗଙ୍କୁ ନୂଆ ଚାକିରି ମିଳୁଛି। ଚଳିତ ବର୍ଷ ମାର୍ଚ୍ଚ




ତୁଳନାରେ ଏପ୍ରିଲ୍ରେ ଏହି ବର୍ଗରେ ନୂଆ ସଦସ୍ୟ ସଂଖ୍ୟା ୧୦ ପ୍ରତିଶତ ବଢ଼ିଛି। କୌଣସି ନା କୌଣସି କାରଣ ପାଇଁ ପୂର୍ବରୁ ଇପିଏଫ୍ଓରୁ ବାହାରି ଯାଇଥିବା ୧୫.୭୭ ଲକ୍ଷ ସଦସ୍ୟ ଗତ ଏପ୍ରିଲ୍ରେ ପୁଣି ଥରେ ଫେରିଛନ୍ତି। ସେମାନେ ନିଜ ଚାକିରି ବଦଳାଇଥାଇପାରନ୍ତି ବୋଲି ବିଚାର କରାଯାଉଛି। ଆଲୋଚ୍ୟ ମାସରେ ୨.୪୫ ନୂଆ ମହିଳା ସଦସ୍ୟ ଇପିଏଫ୍ଓରେ ଯୋଡ଼ି ହୋଇଛନ୍ତି ଯାହା ମାସିକ ଭିତ୍ତିରେ ୩୫.୨୪ ପ୍ରତିଶତ ଅଧିକ। ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରୁ ସର୍ବାଧିକ ୨୧.୨୨ ପ୍ରତିଶତ ସଦସ୍ୟ ଯୋଡ଼ି ହୋଇଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ର ଖୋଲିବ ୭ କ୍ୟାମ୍ପସ୍

### ୨୦୩୬ ସୁଦ୍ଧା ଅତିକମ୍ରେ ୫ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୨୩।୬(ସଂଚାର ବ୍ୟୁରୋ): ଦକ୍ଷତା ବିକାଶକୁ ପ୍ରାଥମିକତା ଦେଉଥିବା ଓଡ଼ିଶା ସରକାର ୨୦୪୭ ସୁଦ୍ଧା ରାଜ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସ୍ସି)ର ଅତିକମ୍ରେ ୭ଟି କ୍ୟାମ୍ପସ୍ ସ୍ଥାପନ କରିବେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ୨୦୩୬ ସୁଦ୍ଧା ଏଭଳି ୫ଟି କ୍ୟାମ୍ପସ୍ ସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ପରିସରକୁ ବଢ଼ାଇବା ଲାଗି ମେରାଇନ୍ ଇଞ୍ଜିନିୟରିଂ, ଡିଜିଟାଲ୍ ଆନିମେସନ୍, ଏରୋସ୍ପେସ୍ ଟେକ୍ନୋଲୋଜି, ଆଭିଓନିକ୍ସ, ସେମିକଣ୍ଡକ୍ଟର, ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳ ଉପରେ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯିବ।

ନିକଟରେ ଉନ୍ମୋଚନ ହୋଇଥିବା ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁଯାୟୀ, ସମସ୍ତ ୩୧୪ ବ୍ଲକ୍ରେ ଆଇଟିଆଇ ଖୋଲାଯିବ। ଯେଉଁ ବ୍ଲକ୍ରେ ଆଇଟିଆଇ ନାହିଁ, ସେଠାରେ ନୂଆ କେନ୍ଦ୍ର ଖୋଲିବାକୁ ପ୍ରାଥମିକତା ଦିଆଯିବ। ଘରୋଇ-ସରକାରୀ ସହଭାଗିତାରେ ଆଇଟିଆଇ ଓ ପଲିଟେକ୍ନିକ୍ଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଶିଳ୍ପସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରାଯିବ। ସେହିପରି, ବାର୍ଷିକ ସରକାରୀ ସ୍ୱଳ୍ପମିଆଦୀ ଦକ୍ଷତା କ୍ଷମତା ୨୦୩୬ ସୁଦ୍ଧା ୧.୫ ଲକ୍ଷ ଓ ୨୦୪୭ ସୁଦ୍ଧା ୨.୫ ଲକ୍ଷକୁ ବୃଦ୍ଧି



କରାଯିବ। ରାଜ୍ୟର ଯୁବକଯୁବତୀମାନେ ଯେଭଳି ବିଦେଶରେ ନିଯୁକ୍ତି ସୁଯୋଗ ହାସଲ କରିପାରିବେ, ସେଥିରେ ମଧ ସରକାର ସହଯୋଗ କରିବେ। ୨୦୩୬ ସୁଦ୍ଧା ବାର୍ଷିକ ୨୫ ହଜାର ଓ ୨୦୪୭ ସୁଦ୍ଧା ୧ ଲକ୍ଷ ଯୁବକଯୁବତୀଙ୍କୁ ବିଦେଶରେ ଚାକିରି ହାସଲ କରିବା ପାଇଁ ସୁବିଧାସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗାପୁର, ଅଷ୍ଟ୍ରେଲିଆ, ହଂକଂ, ଆମେରିକା, ବ୍ରିଟେନ, ଜର୍ମାନୀ, ନେଦରଲ୍ୟାଣ୍ଡ୍ସ, ଜାପାନ, ସାଉଦି ଆରବ, କତର ଓ ମାଳଦ୍ୱୀପ ଆଦିରେ ବିଭିନ୍ନ ଦକ୍ଷତାର ଯୁବକଯୁବତୀଙ୍କୁ ନିଯୁକ୍ତି ସୁବିଧା ପ୍ରଦାନ କରାଯିବ। ସରକାର ସେଥିପାଇଁ ଏକ 'ଅନ୍ତର୍ଜାତୀୟ କ୍ୟାରିୟର କେନ୍ଦ୍ର' ଗଠନ କରିବେ।

ଆସନ୍ତା ୨୪ ମାସ ଭିତରେ ସରକାର ଆଇଟି ଓ ତତ୍ ସଂକ୍ରାନ୍ତୀୟ କ୍ଷେତ୍ର, ସେମିକଣ୍ଡକ୍ଟର, ଏରୋସ୍ପେସ୍ ଓ ମେରାଇନ୍ ଭଳି ବିଷୟକୁ ନେଇ ବିଶ୍ୱ ଦକ୍ଷତା କେନ୍ଦ୍ରର ତିନିଟି କ୍ୟାମ୍ପସ୍ ସ୍ଥାପନ କରିବେ। ସାରା ରାଜ୍ୟରେ ୧୦ଟି ଜୋନାଲ୍ ଆଇଟିଆଇ ଖୋଲାଯିବ। ଅତିକମ୍ରେ ୫୦ଟି ଆଇଟିଆଇରେ ଶିଳ୍ପ ଆଧାରିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦକ୍ଷତା କାର୍ଯ୍ୟକ୍ରମ ଲାଗୁ କରାଯିବ। ଦକ୍ଷତା ବିକାଶ ପାଇଁ 'ସ୍କିଲ୍ଡ ଇନ୍ ଓଡ଼ିଶା ଡିଜିଟାଲ୍ ହବ୍' ନାମରେ ଏକକ ପୋର୍ଟାଲ୍ ଆରମ୍ଭ କରିବାକୁ ମଧ ସରକାର ଲକ୍ଷ୍ୟ ରଖିଛନ୍ତି।

ରାଜ୍ୟରେ ଏକ ଓଡ଼ିଶା ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟ (ଓଏସ୍ଇୟୁ) ସ୍ଥାପନ କରିବା ଲକ୍ଷ୍ୟ ରହିଛି। ସେଥିରେ ସାର୍ଟିଫିକେସନ୍ ପାଠ୍ୟକ୍ରମଠାରୁ ଆରମ୍ଭ କରି ସ୍ନାତକ ପାଠ୍ୟକ୍ରମ ଉପଲବ୍ଧ ହେବ। ଶିଳ୍ପ-ଆଉଟ୍ରିଚ୍ ଓ ପ୍ଲେସ୍ମେଣ୍ଟ୍ ସେଲ୍ ଗଠନ କରାଯିବ। ପ୍ରଚଳିତ ଧାରା ଓ ସମ୍ଭାବ୍ୟ ନିବେଶ ବିଷୟରେ ଜାଣିବା ଲାଗି 'ଦକ୍ଷତା ଅନୁଶୀଳନ ୟୁନିଟ୍' ଗଠନ କରାଯିବ। ଦକ୍ଷତା ତାଲିମ ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଆପ୍ରେଣ୍ଟିସିସିପ୍ ଓ ପୂର୍ଣ୍ଣକାଳୀନ ନିଯୁକ୍ତି ସୁବିଧା ଯୋଗାଇ ଦିଆଯିବ।



ଆଜି କମିଲା ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦,୭୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୩୪୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୭୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୩୪୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୭୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୩୪୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୪୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୭୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୩୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୭୪୦ ଓ ୯୨, ୩୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୨୦ , ୦୦୦ ଟଙ୍କା ହୋଇଛି।

ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୦ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୮ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଟୋକନ୍ ଅବଧି ଶେଷହେବାକୁ ବସିଲାଣି, ଏ ଯାଏଁ ଉଠୁନି ଧାନ

# ବୋଝ ଉପରେ ନଳିତା ବିଡ଼ା ଲଗାଣ ବର୍ଷା




**କଳାହାଣ୍ଡି,୨୩।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ଚାଷୀମାନେ ରବିଧାନ ମଣ୍ଡିରେ ବିକ୍ରି କରି ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିବା କଥା । ହେଲେ ମାତ୍ରେ ମଣ୍ଡିରୁ ଏଯାଏଁ ଧାନ ଉଠୁନାହିଁ। ଚଳିତ ବର୍ଷ ପ୍ରାକମୌସୁମୀ ବର୍ଷା ଓ ଲଘୁଚାପଜନିତ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଗତ ଏକ ସପ୍ତାହ ହେଲା ଜିଲ୍ଲାରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ଲାଗି ରହିଛି। ଏହି ସମୟରେ କିଛି ଚାଷୀ ନିଜ ଜମିରୁ ଧାନ ଅମଳ କରି ଖଳାରେ ଗଦା କରି ରଖିଥିବା ବେଳେ ଧାନ ବର୍ଷାରେ ଭିଜି ନଷ୍ଟ ହେବା ସହ ଗଜା ହେବାରେ ଲାଗିଲାଣି । ଆଉ କିଛି ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ନେଇଥିବା ବେଳେ ସେଠାରେ ମଧ୍ୟ ଧାନ ସବୁ ଭିଜିବାରେ ଲାଗିଛି । କିଛି ଚାଷୀ ଧାନ ଅମଳ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଏହା ସହ ଅମଳ ହେବା ଧାନ ବର୍ଷା ପାଣିରେ କ୍ଷେତ ମଧ୍ୟରେ ଶୋଇ ରହିଛି। ଏହା ଫଳରେ ଧାନ ଧୀରେ ଧୀରେ ଗଜା ହେବାରେ ଲାଗିଛି । ବର୍ଷା ଯୋଗୁଁ ଠିକ୍ ଭାବରେ ମଶିରୁ ଧାନ ଉଠି ପାରୁ ନାହିଁ । ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏବେ ଚାଷୀଙ୍କ ହଜାର ହଜାର କ୍ୟୁଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି ।ଏପରିକି କିଛି ଚାଷୀଙ୍କର ଟୋକନ ଅବଧି ମଧ୍ୟ ସରିବାକୁ କିଛି ଦିନ ବାକି ରହିଥିବା ବେଳେ ଏ ପର୍ଯ୍ୟନ୍ତ ସେମାନେ ଧାନ ବିକ୍ରି କରି ପାରି ନାହାନ୍ତି। ବିଗତ ବର୍ଷମାନଙ୍କରେ ଏହି ସମୟରେ ପ୍ରାୟ ଶତପ୍ରତିଶତ ରବି ଧାନ ଅମଳ ହେଉଥିବା ବେଳେ ଚାଷୀମାନେ ମଧ୍ୟ ଅମଳ ସାରି ମଣ୍ଡିରେ ବିକ୍ରି ପ୍ରକ୍ରିୟା ଆରମ୍ଭ କରି ଦେଇଥାନ୍ତି। ଚଳିତ ବର୍ଷ କିନ୍ତୁ ବିଳମ୍ବିତ ଧାନ ଅମଳ ଚାଷୀମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରି ଦେଇଛି । ଚଳିତ ମାସ ପ୍ରଥମ ସପ୍ତାହରେ ଜିଲ୍ଲାର ତହସିଲ ଅଫିସ୍‌ମାନଙ୍କ ପକ୍ଷରୁ ବର୍ଷାଜନିତ କ୍ଷୟକ୍ଷତି ଆକଳନ କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ବର୍ତ୍ତମାନ ଆଉ ପୁନଃ କ୍ଷୟକ୍ଷତି ଆକଳନ କରାଯିବ ନାହିଁ ବୋଲି ରାଜସ୍ୱ ନିରୀକ୍ଷକମାନଙ୍କ ପକ୍ଷରୁ ଜଣାପଡ଼ିଛି । ଯାହାକୁ ନେଇ ଚାଷୀଙ୍କ ଚିନ୍ତା ପୁଣି ବଢ଼ିଯାଇଛି। ଯେଉଁ ଚାଷୀ ବିଳମ୍ବରେ ଧାନ କାଟିଛି ଓ ତା'ର ଧାନ ନଷ୍ଟ ହୋଇଛି ବର୍ତ୍ତମାନ ରାଜସ୍ୱ ନିରୀକ୍ଷକମାନଙ୍କ ଏଭଳି ମନ୍ତବ୍ୟକୁ ନେଇ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମଣ୍ଡିରେ ଏଯାଏଁ ମଧ୍ୟ ଅନେକ ଚାଷୀଙ୍କ ହଜାର ହଜାର କ୍ୟୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଏ ନେଇ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି ।

## ରାଇଗୁଡ଼ା-ପାଦେରୀପଡ଼ା ସାହି ରାସ୍ତା କାଦୁଅ ପଚପଚ



**ଫିରିଙ୍ଗିଆ,୨୩।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ରାଇଗୁଡ଼ା ଗ୍ରାମର ପାଦେରୀପଡ଼ା ସାହି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇଛି କାଦୁଅ ପଚପଚ ହେଉଛି ,ଦୁଇ ପାର୍ଶ୍ୱରେ ଡ୍ରେନ୍ ନଥିବାରୁ ବର୍ଷା ଦିନ ଜଳ ନିଷ୍କାସନ ହୋଇପାରୁନାହିଁ। ଯାହା ଫଳରେ ଲୋକଙ୍କୁ ଯାତାୟତରେ ବହୁତ ଅସୁବିଧା ସମସ୍ୟା ହେଉଛି ଏହି ପାଦେରୀପଡ଼ା ସାହିରେ ୨୦୧୨ ମସିହାରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା ମରାମତି ଅଭାବରୁ ଏହା ଭାଙ୍ଗିରୁଜି ଯାଇଛି ରାସ୍ତାରେ କାଦୁଅ ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେଇ ଏହି ପାଦେରୀପଡ଼ା ରାସ୍ତା ମରାମତି କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ବୁଲା ଗାଈଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବନ୍ଧାଯାଉ



**ବ୍ରହ୍ମପୁର,୨୩।୬(ସଂଚାର ବ୍ୟୁରୋ):** ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ଜାତୀୟ ରାଜପଥରେ ବୁଲୁଥିବା ଗାଈଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧିବାକୁ ଦାବି କରିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ଏନେଇ ସେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁର ଉପକଣ୍ଠରେ ମାଳମାଳ ଗାଈଗୋରୁ ବୁଲୁଥିବାର ନଜର୍ ଆସୁଛନ୍ତି। ବିଭିନ୍ନ ସମୟରେ ଯାତ୍ରୀବାହି ଗାଡି, ମଟର ସାଇକେଲ ଧକ୍କା ଦେବା ଫଳରେ ସେମାନେ ଆହତ ହେଉଛନ୍ତି। ବିଶେଷ କରି ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲେ ରାସ୍ତା ଉପରେ ଶୋଇଥିବା ଗାଈଗୋରୁ ଦେଖାଯାନ୍ତି ନାହିଁ। ନିକଟରେ ଲାଞ୍ଜିପଲ୍ଲୀରେ ୧୪ ଜଣ ଗାଈ ଅଜଣା ଗାଡି ଧକ୍କାରେ ମୃତ୍ୟୁ ବରଣ କରିଥିବା ବି ନଜର୍ କୁ ଆସିଛି। ତେବେ ଜାତୀୟ ରାଜପଥରେ ଭ୍ରମଣ କରୁଥିବା ଗାଈଗୋରୁଙ୍କ ବେକ ରେ ରେଡିୟମ ବେଲ୍ଟ ବନ୍ଧାଗଲେ ବହୁ ମାତ୍ରାରେ ଦୁର୍ଘଟଣା ରୋକା ଯାଇପାରନ୍ତା ବୋଲି ସେ କହିଛନ୍ତି।

## ପରିବେଶ, ଉର୍ଜା ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭିସା ଷ୍ଟିଲ୍ ପୁରସ୍କୃତ

**ଯାଜପୁରରୋଡ଼,୨୩।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କଳିଙ୍ଗନଗର ସ୍ଥିତ ଭିସା ଷ୍ଟିଲ୍ କାରଖାନା, ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଉର୍ଜା ପରିଚାଳନା ଓ ପରିବେଶ ସୁରକ୍ଷାରେ ଅଦ୍ୱିତୀୟ ଅବଦାନ ପାଇଁ ୨୦୨୪ ବର୍ଷ ପାଇଁ କଳିଙ୍ଗ ବ୍ୟବସାୟ ଉତ୍କୃଷ୍ଟତା ପୁରସ୍କାର, କଳିଙ୍ଗ ଉର୍ଜା ଉତ୍କୃଷ୍ଟତା ପୁରସ୍କାର ଓ କଳିଙ୍ଗ ପରିବେଶ ଉତ୍କୃଷ୍ଟତା ପୁରସ୍କାର ମିଳିଛି । ଚଳିତ ମାସ ଗତ ୨୧ ତାରିଖରେ ଭୁବନେଶ୍ୱରର ସ୍ଥିତ ହୋଟେଲ ନ୍ୟୁ-ମ୍ୟାରିଅନରେ ଇଂଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଆଣ୍ଡ ଏନଭରମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇ.କ୍ୱି.ଇ.ଏମ.ଏସ) ଦ୍ୱାରା ଆୟୋଜିତ ଦଶମ ଜାତୀୟ ସମ୍ମିଳନୀର ସମାପନ ଉତ୍ସବରେ ଭିସା ଷ୍ଟିଲ କମ୍ପାନୀକୁ ବ୍ୟବସାୟ ପରିଚାଳନା, ଉର୍ଜା ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କୃଷ୍ଟ ପୁରସ୍କାର ପ୍ରଦାନ କରାଯାଇଅଛି। ଯାହା ଭିସା ଷ୍ଟିଲ୍'କୁ ଇସ୍ପାତ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ଭାବରେ ପ୍ରମାଣିତ କରିଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ଜଏସ୍ କିକାଫୁଣ୍ଡ, ଉଗାଣ୍ଡା ଗଣରାଜ୍ୟର ଗରିମାମୟ ଉଚ୍ଚାୟୁକ୍ତ ଓ ଉମା ନନ୍ଦୁରୀ, ଆଇଏଫଏସ୍, ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭିସା ଷ୍ଟିଲ୍'ର ନିର୍ଦ୍ଦେଶକ ମନୋଜ କୁମାରଙ୍କୁ ସଂମ୍ମାନିତ କରାଯାଇଥିଲା। "ତିନୋଟି" ପ୍ରତିଷ୍ଠିତ ପୁରସ୍କାର ମିଳିବା ଆମ ପାଇଁ ଏକ ବିଶେଷ ଗର୍ବର ବିଷୟ। ଏହି ପୁରସ୍କାର ଗୁଡିକ ଆମ କମ୍ପାନୀର ସମସ୍ତ ଶ୍ରମିକ, କର୍ମଚାରୀ ଓ ପଦସ୍ଥ ଅଧିକାରୀ ମାନଙ୍କ ନିରନ୍ତର ଉଦ୍ୟମ, ନବୀନତା, କାର୍ଯ୍ୟକୁଶଳତା, ଉର୍ଜାର ନିୟମିତ ଉପଯୋଗ ଓ ପରିବେଶ ରକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣିତ କରୁଅଛି ।



## କାହା ଶରଣରେ ସରକାରୀ ବାବୁ ?



**ଖପ୍ରାଖୋଲ,୨୩।୬ (ସଂଚାର ବ୍ୟୁରୋ):** ଅବହେଳିତ ଖପ୍ରାଖୋଲ ବ୍ଲକ, ଦାଦନ ପ୍ରବନ ଅଞ୍ଚଳ ଭୋକ ପାଇଁ ଭିଟାମାଟି ଛାଡ଼ନ୍ତି ଲୋକେ । ବିକାଶ କହିଲେ କିଛି ନାହିଁ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଙ୍କ ମଧୁଚନ୍ଦ୍ରିକା ରେ ବଳି ପଡୁଛି ଦାଦନ ଗଡ଼ ର ଭୁତ, ଭବିଷ୍ୟତ । ଉପାନ୍ତ ଅଞ୍ଚଳ ହୋଇଥିବା ରୁ ବାବୁ ମାନଙ୍କୁ ବଦଳି ହେଲେ କିମ୍ବା ନୁଆଁ ପୋଷ୍ଟିଙ୍ଗ ହେଲେ ପ୍ରଥମେ ଅସହଜ ମନେ କରନ୍ତି ହେଲେ ଧୀରେ ଏଠିକାର ପାଣି ପବନରେ ଏପରି ଖାପ ଖୁଆଇ ନିଅନ୍ତି ଯେ ଏଇ ଖପ୍ରାଖୋଲ ବ୍ଲକ ରୁ ଅନ୍ୟତ୍ର ବଦଳି ହେଲେ ଯିବାକୁ ନାଁ ଧରନ୍ତି ନାହିଁ ବରଂ ଧାରା ଧରି କରି ଟ୍ରାନ୍ସଫର ବନ୍ଦ କରି ଦିଅନ୍ତି । କି ମୋହ ଅଛି କେଜାଣି ଏଇଠି ଆସିବା କୁ କୁଂଥୁ କୁଂଥୁ ହେଉଥିବା ଅଧିକାରୀ ବାବୁ କୁଣ୍ଡଳୀ ମାରି ବସି ଯାଆନ୍ତି ଯିବାର ନାଁ ନିଅନ୍ତି ନାହିଁ । ଖପ୍ରାଖୋଲ ବ୍ଲକ ରେ ସବୁ କିଛି ନିଷ୍କ୍ରିୟ..ଶାସନ ଠୁଁ ପ୍ରଶାସନ ଲୋକ ପ୍ରତିନିଧି ଠୁଁ ଶାସନ ତନ୍ତ୍ର । ନେତା ମନେ ଅଛନ୍ତି ଖାଲି ନିଜର ବେପାର ଚଳେଇବାକୁ ପିସି ଦିଆ ନିଆ ରେ ସିଦ୍ଧ ହସ୍ତ ହେଲେ ସରକାରୀ ବାବୁଙ୍କ ବିପକ୍ଷ ରେ କିଛି କହିବା କୁ ପାଟି ରେ ତୁଣ୍ଡି ପଡ଼ିଯାଏ । କହିବାକୁ ଗଲେ ଖପ୍ରାଖୋଲ ବ୍ଲକରେ 'ମୋତେ ଯେତେ ମାଠିବୁ ମାଠ ମୁଁ ସେହି ଦରପୋଡ଼ା କାଠ' ନୀତିରେ ଚାଲିଛି। ମିଳିମିଶି ସରକାରୀ ଅନୁଦାନ କୁ ଚଞ୍ଚକତା କରି ଉଦାରସ୍ତ କରିବା ରେ ସିଦ୍ଧ ହସ୍ତ ଏମାନେ । ସେଇଥି ପାଇଁ ତ ସରକାରୀ ବାବୁ ମନେ ଦୀର୍ଘ ଦିନ ହେଲା ବ୍ଲକ ଛାଡୁନାହାନ୍ତି । ସରକାରୀ ନିୟମ ଅନୁସାରେ ନିର୍ବାଚନ ହେବା ପୂର୍ବରୁ ସରକାରୀ ଅଧିକାରୀଙ୍କ ଅଦଳ ବଦଳ ହେବା କଥା କିନ୍ତୁ ଖପ୍ରାଖୋଲ ରେ ସବୁ ଓଲଟା । ଜଣାଯାଏ, ଅଭିଯୋଗ ଗୁଡିକ ବଲାଙ୍ଗୀର ଦୁର୍ନୀତି ନିବାରଣ ବିଭାଗ ପାଖକୁ ଯାଉଛି ସତ କିନ୍ତୁ ଆକ୍ସନ ଜିରୋ ।

## ଓଡ଼ିଶାରେ ବଢ଼ି ଚାଲିଛି ଦୁଷ୍କର୍ମ ଓ ନାରୀ ନିର୍ଯାତନା

# ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ



**ବିଞ୍ଝାରପୁର,୨୩।୬(ସଂଚାର ବ୍ୟୁରୋ):** ଯାଜପୁରରେ ସତ ହେଲା ଆମେରିକା ରାଷ୍ଟ୍ରପତିଙ୍କ କଥା।ଓଡିଶାରେ ସୁରକ୍ଷିତ ନୁହନ୍ତି ମହିଳା, ଅପରାଧୀଙ୍କ ପାଇଁ ସୁରକ୍ଷିତ କ୍ଷେତ୍ର ପାଲଟିଛି ଓଡ଼ିଶା। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଦଶରଥପୁର ଥାନା ଅଧୀନ କରଞ୍ଜମାଳ ତରାଙ୍ଗ ସାଗରପୁର ଗ୍ରାମର ତପସ୍ୱିନୀ ଦାଶ ତାଙ୍କ ବାପାଙ୍କ ଶ୍ରାଦ୍ଧ ପାଇଁ ଆସିଥିବା ବେଳେ ତାଙ୍କ ସହ ଆସିଥିଲେ ତାଙ୍କ ଦିଲ୍ଲୀ ବାନ୍ଧବି।ଉଭୟ ଦିଲ୍ଲୀ ରେ ପାଠ ପଢୁଥିବା ବେଳେ ତପସ୍ୱିନୀଙ୍କ ସହ ତାଙ୍କ ବାନ୍ଧବୀ ଓଡିଶା ବୁଲିବାକୁ ଆସିଥିଲେ ।ଗତ କାଲି ସନ୍ଧ୍ୟା ସମୟରେ ଯାଜପୁର ବିରଜା ମନ୍ଦିର ଦର୍ଶନ ସାରି ବସ ଯୋଗେ ଘରକୁ ଫେଉଥିବା ବେଳେ ଭଦ୍ରକ ପଡିଆ ସିମେଣ୍ଟ ଗୋଡାଉନ ପାଖରେ ଦୁଇ ଯୁବତୀଙ୍କୁ ଦୁଇ ଜଣ ଯୁବକ ଅସଦା ଚରଣ କରିଥିବା ଅଭିଯୋଗ ହୋଇଛି। ଅନିଲ ଯେନା ଏବଂ ନୀତେଶ ଯେନା ନାମକ ଦୁଇ ଯୁବକ ତପସ୍ୱିନୀ ଏବଂ ତାଙ୍କ ବାନ୍ଧବୀ ଙ୍କୁ ଅଟକାଇ ଅସଭ୍ୟ ଭାଷା କହିବା ସହ ତାଙ୍କ ହାତ ଏବଂ ପିନ୍ଧି ଥିବା ବସ୍ତ୍ର କୁ ଟଣା ଓଟରା କରଥିବା ଅଭିଯୋଗ ହେଇଛି। ଏ ନେଇ ତପସ୍ୱିନୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏହି ଦୁଇ ଅସାମାଜିକ ଯୁବକ ମାନଙ୍କୁ ଦଶରଥପୁର ପୋଲିସ ଧରିବାରେ ସମ୍ଭବ ହୋଇନାହିଁ । ଅନ୍ୟପକ୍ଷେ ଦିଲ୍ଲୀରୁ ଆସିଥିବା ଯୁବତୀ କହିଛନ୍ତି ଓଡିଶା ରେ ମହିଳା ସୁରକ୍ଷିତ ନୁହେଁ ଏଭଳି ଘଟଣାକୁ ପୋଲିସ ଅଣଦେଖା କରିବା ତାଙ୍କୁ ବ୍ୟଥିତ କରିଛି।

## ଆମେରିକାର ଯୁଦ୍ଧଖୋର୍ ମନୋଭାବ ବିରୁଦ୍ଧରେ ସିପିଆଇଏମର ପଟୁଆର



**ନୀଳଗିରି,୨୩।୬(ସଂଚାର ବ୍ୟୁରୋ):** ବର୍ତ୍ତମାନ ଆମେରିକା ସାରା ବିଶ୍ୱ କୁ ଦଖଲ ପାଇଁ ମନ ବଳାଇଛି । ଆମେରିକା ମଦତ ରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିବା ଫଳରେ ବହୁ ଧନଜୀବନ ନଷ୍ଟ ହୋଇଛି। ଯଦିଏହା ବନ୍ଦ ନ ହୁଏ ତୃତୀୟ ବିଶ୍ୱ ଯୁଦ୍ଧ ଅବଶ୍ୟମ୍ଭାବୀ । ଏହାକୁ ବିରୋଧ କରି ସିପିଆଇ (ଏମ)ନୀଳଗିରି ଆଂଚଳିକ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାରମ୍ଭ ରେ କଲ୍ୟାଣ ମଣ୍ଡପ ଠାରୁ ଏକ ଶୋଭଯାତ୍ରାରେ ରେ ବାହାରି, ଆମେ ଯୁଦ୍ଧ ନୁହଁ ଶାନ୍ତି ଚାହୁଁ ସ୍ଲୋଗାନ ଦେଇ କଚେରୀ ବଜାର ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲେ। ପରେ ଏଥି ନିମନ୍ତେ ଆୟୋଜିତ ସଭା ରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଆନ୍ତର୍ଜାତିକ ସ୍ତରରେ ଆମେରିକା ର ଯୁଦ୍ଧଖୋର ମନୋବୃତ୍ତି କୁ ତୀବ୍ର ସମାଲୋଚନା କରିଥିଲେ । ସିପିଆଇ (ଏମ) ଯୁଦ୍ଧ ନୁହଁ ଶାନ୍ତି ଚାହେଁ ବୋଲି କହିଥିଲେ। ଯୁଦ୍ଧ ହେଲେ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି ହେବ । ଗରିବ ଲୋକ ମାନେ ଖାଇବାକୁ ପାଇବେ ନାହିଁ । ତେଣୁ ଯୁଦ୍ଧ ଯାଥା ଶୀଘ୍ର ବନ୍ଦ କରିବା ପାଇଁ ସିପିଆଇ (ଏମ) ପକ୍ଷରୁ ନିବେଦନ କରାଯାଇଥିଲା । ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି କାଳିଆ ପାତ୍ର, ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ଖରିଫ୍ ଋତୁ ଧାନ ନ ଉଠିବାରୁ ଚାଷୀଙ୍କ ପ୍ରତିବାଦ



**ସୁବର୍ଣ୍ଣପୁର,୨୩।୬(ସଂଚାର ବ୍ୟୁରୋ):** ଚାଷୀଙ୍କ ରବି ଧାନ ନ ଉଠିବା ଓ ମଣ୍ଡି ରେ ଧାନ ପଡ଼ି ବର୍ଷା ଜନିତ କ୍ଷୟକ୍ଷତି ରେ ଧାନ ଗଜା ହୋଇଯିବା ପ୍ରତିବାଦରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ରେ ପ୍ରତିବାଦ କରିଛନ୍ତି। ସାରା ଜିଲ୍ଲାରେ ସ୍ଥିତି ସମାନ। ଉଲୁଣ୍ଡା ରେ ପରିସ୍ଥିତି ଅସମ୍ଭାଳ। ସେପରି ଉଲୁଣ୍ଡା ବ୍ଲକ୍ କୋଟସମଲେଇ ମଣ୍ଡି ରେ ୧୦୦୦୦ ପକେଟ୍ ଧାନ ପଡ଼ି ବର୍ଷା ରେ ଭିଜି ଗଜା ହେଇଗଲାଣି। ସେହିପରି ବିନିକା, ଡୁଙ୍ଗୁରିପାଲି,ତରଭା ଅଞ୍ଚଳର ପେକ୍ସ ମାନଙ୍କରେ ହଜାର ହଜାର ଧାନ ବସ୍ତା ପଡ଼ି ରହିଛି । ଆହୁରି ଚାଷୀ ମାନେ ବର୍ଷା ଭୟ ରେ ଧାନ ସବୁ ନିଜ ଘରେ ଓ ଖଳା ରେ ପକାଇଛନ୍ତି। ବାରମ୍ବାର ପ୍ରଶାସନ କୁ କହିଲେ ମଧ୍ୟ ମଣ୍ଡି ରେ ଗାଡି ଦେଖା ନାହିଁ। ଚାଷୀ ମାନେ ଅଭିଯୋଗ କରିଛନ୍ତି ମଣ୍ଡି ରେ ପଡ଼ି ଧାନ ଯଦି କ୍ଷତି ହେବ ତାର ଭରଣା କିଏ ଦେବ? ୫୦ ଜଣ ମିଲର୍ସ ଙ୍କ ସ୍ୱାର୍ଥ ଦେଖି ପ୍ରଶାସନ ହଜାର ହଜାର ଚାଷୀ ଙ୍କ ଭାଗ୍ୟ କୁ ବଳି ପକାଉଛି। ୩୧୦୦ ଧାନ କ୍ୱିଣ୍ଟାଲ ଦେଲେ କଣ ହେବ ଏପଟେ କଟନି ଛଟିନି ଓ ଧାନ ଗଜା ହେବା ସ୍ୱୀକାର କରିବାକୁ ପଡ଼ିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ନେତା ମନ୍ତ୍ରୀ ପ୍ରଶାସନ ସମସ୍ତେ ମିଶି ଚାଷୀ ଦୁଃଖ ରେ ଖୁସି ମନାଉଛନ୍ତି। କେବେ ସୁଦ୍ଧା ଧାନ ଉଠିବ ଲିଖିତ ହିସାବ ରେ ନ ଜଣାଇଲେ ଚାଷୀ ମାନେ ସବୁ ଧାନ ସି ଏସ ଓ ଅଫିସ ଓ କଲେକ୍ଟର ଅଫିସ ରେ ଗଦାଇବା ସହ ରାଜ ରାସ୍ତା ରେ ପକାଇ ବିକ୍ଷୋଭ କରିବା ହିଁ ଶେଷ ରାସ୍ତା ବୋଲି ଚେତାବନୀ ଦେଇଛନ୍ତି।

## ସିପିଆଇ ଏମ ପାର୍ଟି କଂଗ୍ରେସର ରିପୋର୍ଟିଂ

**ନୀଳଗିରି,୨୩।୬(ସଂଚାର ବ୍ୟୁରୋ):** ସିପିଆଇ (ଏମ) ୨୪ ତମ ତମ ପାର୍ଟୀ କଂଗ୍ରେସ ର ରିପୋର୍ଟିଂ, ସୋମବାର ପୁର୍ବାହ୍ନରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ନୀଳଗିରି ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଆନ୍ତର୍ଜାତିକ, ଜାତୀୟ, ପରିସ୍ଥିତି ଉପରେ ଆଲୋଚନା କରି କହି ଥିଲେ ଯେ, ବର୍ତ୍ତମାନ ଆମେରିକା ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି। ଯୁଦ୍ଧ ପାଇଁ ଅନ୍ୟ ଦେଶ ମାନଙ୍କୁ ପ୍ରବର୍ତ୍ତାଉଛି। ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ଦେଶର ବେକାରୀ ସମସ୍ୟା ବଢ଼ି ଚାଲିଛି। ଶ୍ରମିକ ମାନେ ଦାଦନ ଖଟିବାକୁ ବାହାର୍ ଦେଶ ଓ ରାଜ୍ୟ କୁ ଯାଉ ଛନ୍ତି। ଦର ବୃଦ୍ଧି ସହିତ ଅନାହାର ରେ ଲୋକେ ମୃତ୍ୟୁ ବରଣ କରୁଛନ୍ତି। ମୋଦୀ ସରକାର କୁ କ୍ଷମତା ରୁ ହଟାଇ ବାକୁ ପଡିବ।

# ପଦାରେ ପଡ଼ିଲା ପରକୀୟା ପ୍ରୀତି

## ପୁରୁଷ ବନ୍ଧୁଙ୍କୁ ଡାକିଥିଲେ ସ୍ତ୍ରୀ, କବାଟ କିଳିଲେ ଗାଁ ଲୋକେ

### ବାହାରୁ ତାଲା କିଳି ଦେଲେ ଗାଁ ଲୋକେ



**ବାଲିପାଟଣା,୨୩।୬(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା କୁଳନ୍ତିରା ଶାସନ ଅଞ୍ଚଳ ରେ ପରକୀୟା ପ୍ରୀତି ଘଟଣା ସାମ୍ନାକୁ ଆସିଛି। ସ୍ୱାମୀ ଘରେ ନ ଥିବା ସମୟରେ ସ୍ତ୍ରୀ ଜଣେ ଦୂର ସମ୍ପର୍କୀୟ ପୁରୁଷ ବନ୍ଧୁଙ୍କୁ ବିଳମ୍ବିତ ରାତିରେ ଘରକୁ ଡାକି ଥିଲେ। ଶାଶୁ ଏବଂ ଶଶୁର ବୋହୁ ଘର ଭିତରେ ପୁରୁଷ ପିଲାଙ୍କ ଶବ୍ଦ ଶୁଣି ବାହାରୁ କବାଟ କିଳି ଦେଇଥିଲେ। ସେମାନଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ରହିଥିବା ପରିବାର ଲୋକେ ଏବଂ ସ୍ୱାମୀ ଅଭିଯୋଗ କରିଛନ୍ତି। ଆଜି ପରିବାର ଲୋକ ଏବଂ ଗ୍ରାମବାସୀ ଙ୍କ ଉପସ୍ଥିତିରେ ଦୁଇ ଜଣ ଙ୍କ ବାହାଘର ପରେ ପ୍ରେମୀ ଯୁଗଳ ଙ୍କୁ ପୁଲିସ କୁ ହସ୍ତାନ୍ତର କରାଯାଇଛି। ଘଟଣା ଟି ଆଜି ସ୍ଥାନୀୟ ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି।ସୂଚନା ଅନୁସାରେ କୁଳନ୍ତିରା ଶାସନ ର ନକୁଳ ଭୋଇ ଙ୍କ ପୁଅ ନିରୋଜ କୁମାର ଭୋଇ ଓରଫ ନିରୁଆ ଗତ ୭ ବର୍ଷ ତଳେ ବାଳକାଟୀ ଫାଣ୍ଡି ପ୍ରତାପ ଶାସନ ଗ୍ରାମ ର ସନ୍ତୋଷ କୁମାର ବେହେରାଙ୍କ ଝିଅ ଲିଜା ବେହେରା (୨୪)ଙ୍କ ସହିତ ବୈଦିକ ରୀତିନୀତି ରେ ବାହାଘର ହୋଇଥିଲା। ସେମାନଙ୍କ ର ଗୋଟିଏ ୪ ବର୍ଷ ର ପୁଅ ଏବଂ ଦେଢ଼ ବର୍ଷର ଝିଅ ଅଛି। ନିରୁଆ ଏକ ଘରୋଇ କମ୍ପାନୀ ରେ କାମ କରନ୍ତି। ସବୁଦିନ ଭଳି ଗତକାଲି ରାତିରେ ନିରୁଆ ଡ୍ୟୁଟି କୁ ଯାଇଥିଲା ବେଳେ ସ୍ତ୍ରୀ ଲିଜା ଭିଙ୍ଗାରପୁର ବେଷ୍ଟପୁର ର ମନୋଜ କୁମାର ଭୋଇ (୩୫) ଙ୍କୁ ଘରକୁ କୌଣସି କାମ ରେ ଡାକି ଥିଲେ। ମନୋଜ ବିଳମ୍ବିତ ରାତିରେ ଲିଜା ଙ୍କ ପାଖକୁ ଲୁଚି ଛପି ବାଡ଼ି ପଟେ ଆସିଥିଲେ। ଶାଶୁ ଏବଂ ଶଶୁର ବାହାର କୁ ଉଠିଥିଲେ। ଘର ଭିତରେ ୨ ଜଣ ଶବ୍ଦ ଶୁଣି ବାହାର ପଟୁ କବାଟ କିଳି ଦେଇଥିଲେ। ପରେ ଲିଜା ଏବଂ ମନୋଜ ଙ୍କ ପରିବାର ଲୋକଙ୍କୁ ଖବର ଦିଆ ଯାଇଥିଲା। ଲିଜା ଙ୍କ ସ୍ୱାମୀ ନିରୁଆ ପତ୍ନୀ ଙ୍କୁ ପାଖରେ ରଖିବାକୁ ରାଜି ହୋଇ ନ ଥିଲେ। ପରେ ପରିବାର ଲୋକ ଏବଂ ଗ୍ରାମବାସୀ ଙ୍କ ଉପସ୍ଥିତି ରେ ଗାଁ ର ମଙ୍ଗଳାଙ୍କ ମନ୍ଦିର ରେ ମନୋଜ ମହିଳା ଲିଜା ଙ୍କ ମଥା ରେ ସିନ୍ଦୁର ପିନ୍ଧାଇ ଥିଲେ। ମନୋଜ ମଧ୍ୟ ବିବାହିତ ତାର ପୁଅ ଏବଂ ଝିଅ ଥିବା ଜଣା ପଡିଛି। ପ୍ରେମୀ ଯୁଗଳ ଙ୍କୁ ବାଲିପାଟଣା ପୁଲିସ ହେପାଜତ କୁ ନେଇଛି। ଏହି ଘଟଣା ଟି ବାଲିପାଟଣା ଓ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚା ର ବିଷୟ ସୃଷ୍ଟି କରିଛି।

## ସିଭିଲ ସୋସାଇଟିର ନୂତନ କର୍ମକର୍ତ୍ତା ନିର୍ବାଚିତ

**ବେତନଟୀ,୨୩।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ବେତନଟୀର ଅନ୍ୟତମ ଅଗ୍ରଣୀ ସମାଜସେବା ଅନୁଷ୍ଠାନ "ସିଭିଲ ସୋସାଇଟି"ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ଏହି ସାମ୍ବିଧାନିକ ସମ୍ମିଳନୀରେ ଆଗାମୀ ତିନିବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ମଣ୍ଡଳୀ ଗଠନ କରାଯାଇଥିଲା । ଏଥିରେ ନିର୍ବାଚନ ଅଧିକାରୀ ରୂପେ ମୟୂର ସାହିତ୍ୟ ସଂସଦର ସଂପାଦକ ଯତୀନ୍ଦ୍ର ନାଥ ସାହୁ ନିର୍ବାଚନ ପରିଚାଳନା ସହ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ । ସେମାନେ ହେଲେ ସଭାପତି ଚୂଡ଼ାମଣି ମହାପାତ୍ର, କା: ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ,ଉପ ସଭାପତି ଅରୁଣ କୁମାର ଓଝା, ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ଯୁଗ୍ମ ସାଧାରଣ ସଂପାଦକ ରବୀନ୍ଦ୍ରନାଥ ମିଶ୍ର, ଯୁଗ୍ମ ସଂପାଦକ ଡଃ ରମାକାନ୍ତ ମହାନ୍ତ, ସଂଗଠନ ସଂପାଦକ ରବୀନ୍ଦ୍ରନାଥ ପ୍ରଧାନ, ସହ ସଂପାଦକ ରବୀନ୍ଦ୍ରନାଥ ଖଟୁଆ, କୋଷାଧ୍ୟକ୍ଷ ହରେନ୍ଦ୍ର ନାଥ ବାରିକ, ହିସାବ ନିରୀକ୍ଷକ ରାମଚନ୍ଦ୍ର ପଣ୍ଡା ପ୍ରମୁଖ। ଏତଦବ୍ୟତୀତ କାର୍ଯ୍ୟକାରୀ କମିଟିରେ ଅଛନ୍ତି ବାସନ୍ତୀସାହୁ,ଗଣେଶଚନ୍ଦ୍ର ସାହୁ, ଭୀମ ଚରଣ ପାତ୍ର,ସହଦେବ ଗିରି ଓ ଦୁର୍ଯ୍ୟୋଧନ ସିଂ ।ଉପଦେଷ୍ଟା ମଣ୍ଡଳୀରେ ସର୍ବସମ୍ମତିକ୍ରମେ ବାସୁଦେବ ନାପିତ, ରାଧାକ୍ରିଷ୍ଣ ପାତ୍ର, ଯତୀନ୍ଦ୍ରନାଥ ସାହୁ, ବିଦ୍ୟାଧର ମହାପାତ୍ର ଓ କମଳ ଲୋଚନ ମହାପାତ୍ର ନିର୍ବାଚିତ ହୋଇଅଛନ୍ତି ।

## ଜିଲ୍ଲାପାଳଙ୍କ ଜନଶୁଣାଣି

# ୪୭ ମାମଲାର ତତ୍କାଳ ସମାଧାନ

**ନୟାଗଡ଼,(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୪୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୩୫ଟି, ଗ୍ରାମ୍ୟ ସମସ୍ୟା ୯ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ୧ଟି ଅଭିଯୋଗ ରହିଥିଲା। ୪୭ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଦଶପଲ୍ଲା ବିଡିଓ ଓ ଅନ୍ୟ ସରକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ବ୍ଲକ୍‌ସ୍ତରୀୟ ବିଜେପିର ବନ୍ଧୁମିଳନ ଉତ୍ସବ



**ବୈଶିଙ୍ଗା,୨୩।୬(ସଂଚାର ବ୍ୟୁରୋ):** ବ୍ଲକ୍ ସ୍ତରୀୟ ବିଜେପି ସଙ୍ଗଠନ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ସୁବାଷ ବୋଷ ଛକରେ ଥିବା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବରିଷ୍ଠ ବିଜେପି ନେତା ତଥା ଦଳର ସବୁଠାରୁ ପୁରୁଖା ଓ ପୁରୁଣା ନେତା ପ୍ରଦୀପ କୁମାର ପରିଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଦଳର ପୁରୁଖା ନେତା ମାନେ ଏକତ୍ରିତ ହୋଇ ଦଳର ଆଗାମୀ ଭବିଷ୍ୟତ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ଦଳ ଏବେ କେଉଁ ଭାବରେ ପରିଚାଳିତ ହେଉଛି, ସଂଗଠନ କିପରି ବେ ସଜଡ଼ା ହୋଇ ପଡିଛି, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟରେ ଓ କେନ୍ଦ୍ରରେ ବିଜେପିର ଡବଲ ଇଂଜିନ ସରକାର ଚାଲିଥିଲେ ମଧ୍ୟ ଦଳରେ ଫାଟ ସୃଷ୍ଟି ହେବା ଭଳି ସ୍ଥିତି ଉପୁଜିଛି । ଦଳର ମୁଖିଆ ଦ୍ୱିତୀୟ ଥର କ୍ଷମତାକୁ ଆସିବାପରେ ତୃଣ ମୂଳ ସ୍ତରରୁ ଯେଉଁମାନେ ଦଳର ମଙ୍ଗ ଧରି ଦଳକୁ ଆଗକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ ସେମାନେ କେବଳ ଦଳର ହୋଇ ପଡି ରହିଛନ୍ତି ବୋଲି ସ୍ପଷ୍ଟ ହୋଇଯାଇଛି । ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେପି କୁ ଭୋଟ ଦେଇ ଭୁଲ କରିଛନ୍ତି ବୋଲି ଆଲୋଚନା କରୁଛନ୍ତି । ସରକାର ଶାସନ ର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ଦଳୀୟ ତୁଙ୍ଗ ନେତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଆଲୋଚନା କରୁଛନ୍ତି ଯେ ବର୍ଷକ ଭିତରେ ନିର୍ବାଚନ ମଣ୍ଡଳୀ ର କେଉଁ ଉନ୍ନତି ଓ କିପରି ଉନ୍ନତି ହୋଇଛି ତାହା ଲୋକେ ଜାଣି ପାରୁନାହାନ୍ତି। ଏବେ ଦଳରେ ଗୋଷ୍ଠୀ ବିବାଦ ବଢିବା ସହିତ ଦଳ ନିକଟରୁ ଲୋକେ ଯାହା ଆଶା କରିଥିଲେ ତାହା ପାଇ ନପାରିବାରୁ ଅଶାନ୍ତି ସୃଷ୍ଟି ହେଉଛି। ଦଳ କେତେକ ବ୍ୟକ୍ତି ବିଶେଷଙ୍କୁ ନେଇ ଚାଲୁଥିବା ବେଳେ ବରିଷ୍ଠ ତଥା ପୁରୁଖା ଙ୍କୁ ଅଣଦେଖା କରୁଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଅଣ ସଙ୍କୁଡା ସଙ୍ଗଠନ ଚାଲୁ ରହିଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ମତ ପ୍ରକାଶ ପାଇଥିଲା ।





# ବାସନ୍ତୀଙ୍କ ଓଠରେ ହସ ଫୁଟାଇଛି ମାଣ୍ଡିଆ

ଜୀବନରେ ଅନେକ ଝଡ଼ ଝଞ୍ଜା ଦେଇ ଗତି କରିଛନ୍ତି ସେ। ସ୍ୱାମୀଙ୍କୁ ହରାଇବା ପରେ ବହୁ ଉତ୍ଥାନ ପତନକୁ ସାମ୍ନା କରି ସେ ଆଜି ସଫଳତା ପଥରେ। ପୁଷ୍ଟିଶସ୍ୟ ତାଙ୍କ ମୁହଁରେ ଫୁଟାଇଛି ହସ। ଯାହା କେବଳ ଶ୍ରୀ ଅନ୍ନ ଅଭିଯାନ ଯୋଗୁଁ ହୋଇଛି ସମ୍ଭବ। ଏମିତି ଜଣେ ସଫଳ ଏକାକିନୀ ମହିଳା ଉଦ୍ୟୋଗୀ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍‌ର ବ୍ରାହ୍ମଣ ଗାଁର ବାସନ୍ତୀ ମୁର୍ମୁ (୫୯)।

ଦୀର୍ଘ ୧୨ ବର୍ଷ ତଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶିକ୍ଷକ ଥିବା ବାସନ୍ତୀଙ୍କ ସ୍ୱାମୀଙ୍କର ହଠାତ୍ ଦେହାନ୍ତ ହୋଇଗଲା। ଆଉ ସେହିଦିନଠାରୁ ଆରମ୍ଭ ହୋଇଥିଲା ତାଙ୍କର ସଂଘର୍ଷମୟ ଜୀବନ। ୩ ପୁଅଙ୍କୁ ପାଳିପୋଷି ମଣିଷ କରିବାର ଦାୟିତ୍ୱ ପଡ଼ିଲା ତାଙ୍କ ଉପରେ। ପରିବାର ଚଳାଇବା ସାଙ୍ଗକୁ ପିଲାମାନଙ୍କୁ କେମିତି ପାଠ ପଢ଼ାଇବେ ସେହି ଚିନ୍ତାରେ ପଡ଼ିଗଲେ ସେ। ଶେଷରେ ଉପାୟଶୂନ୍ୟ ହୋଇ ମାଣ୍ଡିଆ ଚାଷକୁ ଆପଣାଇ ଆରମ୍ଭ କରିଥିଲେ ସଂଘର୍ଷ। ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଏସ୍‌ଏମ୍‌ଆଇ ପଦ୍ଧତିରେ ଚାଷ କରିବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ଆଧୁନିକ ଜ୍ଞାନକୌଶଳରେ ମାଣ୍ଡିଆ ଚାଷ କରିବା ପାଇଁ ପ୍ରୋତ୍ସାହନ ପାଇଥିଲେ ସେ। ସେ ନିଜ ଚାଷ କ୍ଷେତରେ ସଠିକ୍ ଉପାୟରେ ମାଣ୍ଡିଆ ଚାଷ କରି ବେଶ୍ ଲାଭବାନ୍ ହୋଇପାରୁଛନ୍ତି। ଗତବର୍ଷ ସେ ଅନ୍ୟ ମହିଳାଙ୍କ ସହ ମିଶି ଭାଗ ଚାଷରେ ୪ଏକର ଜମିରେ ମାଣ୍ଡିଆ ଚାଷ କରିଥିଲେ। ସେଥିରୁ ଉତ୍ପାଦିତ ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରିବା ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରିଥିଲେ। ଏହାସହିତ ଅଭିଯାନ ତରଫରୁ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପ୍ରଶିକ୍ଷଣ ମଧ ନେଇଛନ୍ତି। ସେ ପ୍ରୋତ୍ସାହନ ପାଇ ଗତ ମାର୍ଚ୍ଚ ମାସରୁ ନିଜ ଗାଁରେ ଏକାକୀ ମିଲେଟ ଶକ୍ତି ଟିଫିନ୍ ସେଣ୍ଟର୍‌ର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଜଳଖିଆ, ଗୁଲୁଗୁଲା, ମୁଡ଼ୁକୀ, ପିଠା ଆଦି ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି। ଟିଫିନ୍ ସେଣ୍ଟର୍ ପାଇଁ ତାଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ସାଙ୍ଗକୁ ଖାଦ୍ୟ ପ୍ରସ୍ତୁତି, ଖାତା ପରିଚାଳନା ପ୍ରଶିକ୍ଷଣ ମଧ ଦିଆଯାଇଛି। ପ୍ରତ୍ୟେକ ମାସରେ ୧୦-୧୫ ହଜାର ଟଙ୍କା ରୋଜଗାର କରିବା ସହ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରୁଛନ୍ତି ବାସନ୍ତୀ। ତାଙ୍କ ଟିଫିନ୍ ସେଣ୍ଟର୍‌ରେ ପ୍ରତିଦିନ ପିଲାଙ୍କଠାରୁ ବୟସ୍କଙ୍କ ଭିଡ଼ ଜମୁଛି।

ନିଜ ସଫଳତାର କାହାଣୀ ବଖାଣି ବାସନ୍ତୀ କହନ୍ତି, ସ୍ୱାମୀଙ୍କ ଦେହାନ୍ତ ପରେ ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଇଥିଲା। ଏକୁଟିଆ ପିଲାମାନଙ୍କ ବୋଝ ମୁଣ୍ଡାଇବା ପାଇଁ ମାଣ୍ଡିଆ ଚାଷକୁ ଆପଣାଇଥିଲି। ମାଣ୍ଡିଆ ଚାଷ କରି ୩ ପୁଅଙ୍କୁ ପାଠ ପଢ଼ାଇବା ସହିତ ସାନଭାଇକୁ ମଧ ଡାକ୍ତରୀ ପାଠ ପଢ଼ାଇବାରେ ସଫଳ ହୋଇପାରିଛି। ଶ୍ରୀ ଅନ୍ନ ଅଭିଯାନ ଗ୍ରାମାଞ୍ଚଳରେ ମୋ ଭଳି ଅନେକ ମହିଳାଙ୍କୁ ସହାୟତା ଯୋଗାଇ ଦେଇଛି। ଏବେ ମୁଁ ସ୍ୱାବଲମ୍ବୀ ହେବାସହ ହସ ଖୁସିରେ ପରିବାର ଚଳାଇପାରୁଛି। ଏକାକିନୀ ମହିଳା ଭାବେ ମାର୍ଚ୍ଚ ମାସରୁ ମିଲେଟ୍ ଟିଫିନ୍ ସେଣ୍ଟର୍ ଚଳାଇବା ପାଇଁ ମୋତେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ସହଯୋଗ ମିଳିଛି। ପୂର୍ବରୁ ମାଣ୍ଡିଆରୁ ଅଳ୍ପକିଛି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲି। ମାତ୍ର ନିଜର ଦୋକାନଟିଏ ହେବା ଦ୍ୱାରା ମୋତେ ରୋଜଗାରର ପଥ ମିଳିବା ସହ ମୋର ଦୁଃଖ ଦୁର୍ଦ୍ଦଶା ଦୂର ହୋଇପାରିଛି।

# ଦ ରୋମିଓ ଏରର୍





**'ଦ ରୋମିଓ ଏରର୍' ପକ୍ଷୀ ପ୍ରଜାତିର ଭବିଷ୍ୟତ ଜୀବନଶୈଳୀକୁ ବିପନ୍ନ କରିବ। କ'ଣ ରହିଛି 'ଭଗବାନଙ୍କ ପ୍ରଭୁ ପକ୍ଷୀ' ପ୍ରସଙ୍ଗ? ଆଗାମୀ ପିଢ଼ିର ଯୁବତୀଙ୍କ ପାଇଁ ଓଡ଼ିଶାରେ ପକ୍ଷୀ ଫଟୋଗ୍ରାଫି କରି ସୁନାମ ଅର୍ଜନ କରିବାର ବିରାଟ ସମ୍ଭାବନା ରହିଛି। ପକ୍ଷୀ ଜଗତର କିଛି ଜଣା ଅଜଣା କଥା ଏବଂ ସୁପ୍ରସିଦ୍ଧ ପକ୍ଷୀ ଅନୁଧ୍ୟାନକାରୀ ଓ ଫଟୋଗ୍ରାଫର୍ ମମତା ପରମାରଙ୍କ ପ୍ରତ୍ୟେକ ମହିଳାଙ୍କ ପାଇଁ ପାଲଟିଥିବା ପ୍ରେରଣାଦାୟୀ ଯାତ୍ରାକୁ ନେଇ ଏଥର 'ସମ୍ବାଦ'ର 'ସୁଶ୍ରୀ' ପୃଷ୍ଠା ଭେଟି ଦେଉଛି ଭିନ୍ନ ଏକ ବିସ୍ତୃତ ପ୍ରସଙ୍ଗ 'ଦ ରୋମିଓ ଏରର୍'...**

ଓଡ଼ିଶାରେ ଯେଉଁ କେତେଜଣ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପକ୍ଷୀମାନଙ୍କ ଉପରେ ଫଟୋଗ୍ରାଫି କରି ସୁନାମ ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ନୂଆପଲ୍ଲୀ ବ୍ରିଟ୍ କଲୋନୀର ମମତା ପରମାର ଅନ୍ୟତମ। ବିଶିଷ୍ଟ ବନ୍ୟପ୍ରାଣୀ ଗବେଷକ, ପକ୍ଷୀ ବିଶାରଦ, ଲେଖକ ଓ ଟିଭି ଉପସ୍ଥାପକ ବିକ୍ରମ ଗରୱାଲ୍, ଇଂଲଣ୍ଡର ବିଶ୍ୱପ୍ରସିଦ୍ଧ ପକ୍ଷୀ ଓ ବନ୍ୟପ୍ରାଣୀ ଫଟୋଗ୍ରାଫର୍ ନାଇଜେଲ୍ ଆଲାନ୍ ମାର୍ଭେନ୍‌ଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ପକ୍ଷୀ ଫଟୋଗ୍ରାଫି ସହ ଏସବୁ ଅନୁଧ୍ୟାନ କରିବାର ସୁଯୋଗ ପାଇଛନ୍ତି। ମମତା ବନ୍ୟପ୍ରାଣୀ ଓ ପକ୍ଷୀ ଫଟୋଗ୍ରାଫିରେ ଓଡ଼ିଶାରେ ଏକ ଭିନ୍ନ ପରିଚୟ ଓ ପ୍ରେରଣା ସୃଷ୍ଟି କରିଛନ୍ତି।

ସେ ଉତ୍ତୋଳନ କରିଥିବା 'ହିମାଲୟାନ୍ ମୋନାଲ୍' ପକ୍ଷୀ ଫଟୋ ୨୦୧୭ ମସିହାରେ ଆମେରିକାର ଅନ୍ୟତମ ଶ୍ରେଷ୍ଠ ପକ୍ଷୀ ଗବେଷଣା ଅନୁଷ୍ଠାନ 'କର୍ନେଲ୍‌ସ ଲାବ୍ ଅଫ୍ ଅର୍ନିଥୋଲୋଜିଷ୍ଟ୍' ରେ ସମଗ୍ର ବିଶ୍ୱସ୍ତରରେ ଦ୍ୱିତୀୟ ପୁରସ୍କାର ହାସଲ କରିଥିଲା। ମମତା ଉଠାଇଥିବା ରୁଡିଶେଲ୍ଡିକ୍ ଓ ହିମାଲୟାନ୍ ମୋନାଲ୍ ଭଳି ଅନେକ ପ୍ରଜାତିର ପକ୍ଷୀଙ୍କ ଫଟୋଗ୍ରାଫ୍ ଚିଲିକା ଉନ୍ନୟନ ପରିଷଦ, ବିଶ୍ୱର ଖ୍ୟାତିସମ୍ପନ୍ନ ବନ୍ୟଜୀବ ଅନୁଷ୍ଠାନ ଡବ୍ଲିୟୁ.ଡବ୍ଲିୟୁ.ଏଫ୍. ଓ ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅନୁଷ୍ଠାନର କ୍ୟାଲେଣ୍ଡର୍ ଓ ଫଟୋଗ୍ରାଫ୍ ପତ୍ରିକାରେ ସ୍ଥାନ ପାଇଛି।



ଚଳିତ ବର୍ଷ ମାର୍ଚ୍ଚ ୨୪ରେ ମରିସସ୍ ସ୍ଥିତ ଏକ ଦ୍ୱୀପରେ ଗୋଟିଏ ମାର୍ଲିନ୍ ପକ୍ଷୀକୁ ଟ୍ରାନ୍ସମିଟର ଲଗାଯାଇଥିଲା ଏବଂ ସେ ଓଡ଼ିଶାର ଋଷିକୂଲ୍ୟା ନଦୀ ନିକଟକୁ ଆସିଥିଲା। ଏଥିରୁ ବୁଝାପଡୁଛି ଓଡ଼ିଶାରେ ବିଶାଳ ପକ୍ଷୀ ପ୍ରଜାତିଙ୍କ ଆଗମନର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ଚିଲିକା ଓ ଭିତରକନିକା ଭଳି ସ୍ଥାନରେ ପକ୍ଷୀ ଅଭୟାରଣ୍ୟ ତଥା ଆବାସସ୍ଥଳୀ ରହିଛି। ତେଣୁ ଆଗାମୀ ପିଢ଼ିଙ୍କ ପାଇଁ ପକ୍ଷୀ ଫଟୋଗ୍ରାଫିରେ କ୍ୟାରିୟର୍ କରିବାକୁ ଏକ ବିରାଟ ସୁଯୋଗ ଅପେକ୍ଷା କରି ରହିଛି ଏବଂ ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶା ଏକ ଶ୍ରେଷ୍ଠ ରାଜ୍ୟ। 'ଦ ରୋମିଓ ଏରର୍' ଭଳି ଚର୍ଚ୍ଚିତ ପ୍ରସଙ୍ଗରେ ସଚେତନ କରିବାକୁ ମମତା କହନ୍ତି, "ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଆମ ପାଣିପାଗ ତଥା ଜୀବନଶୈଳୀ ଉପରେ ପ୍ରତିକୂଳ ପ୍ରଭାବ ପକାଇ ବିପଦକୁ ଯେତିକି ପରିମାଣରେ ବଢ଼ାଉଛି, ସମଗ୍ର ପକ୍ଷୀ ପ୍ରଜାତି ଉପରେ ଏହାର ପ୍ରଭାବ ମଧ ଅଧିକ ହେଉଛି। ଗୋଟିଏ ପକ୍ଷୀ ପ୍ରଜାତିର ଉପସ୍ଥିତି ଓ ଅନୁପସ୍ଥିତିକୁ ନିର୍ଦ୍ଧାରଣ କରିବା ଆଜିର ଦିନରେ ଯଥେଷ୍ଟ ଆହ୍ୱାନ ସୃଷ୍ଟି କରୁଛି। ବିଶ୍ୱସ୍ତରରେ ବିଲୁପ୍ତି ତାଲିକାଗୁଡ଼ିକକୁ ନେଇ ଅନେକ ସମୟରେ ବିଭିନ୍ନ ଆଲୋଚନା, ଯୁକ୍ତିତର୍କ ଓ ଜରୁରି ଅନୁସନ୍ଧାନର ବିଷୟ ପାଲଟିଯାଉଛି। ବର୍ତ୍ତମାନ ଲକ୍ଷ୍ୟ କରାଯାଉଛି ଦଶନ୍ଧି ଦଶନ୍ଧି ଧରି କିଛି ପକ୍ଷୀ ପ୍ରଜାତି ପରିବେଶରୁ ଉଭେଇ ଯାଉଛନ୍ତି ଏବଂ ସେମାନେ ବିଲୁପ୍ତ ହୋଇଗଲେ ବୋଲି ଅନୁମାନ କରାଯାଉଛି। କିନ୍ତୁ ହଠାତ୍ ସେହି ପ୍ରଜାତି ପୁଣି ଆବିର୍ଭାବ ହେଉଛନ୍ତି। ଏଭଳି ଭ୍ରମାତ୍ମକ ପରିକଳ୍ପନା ଓ ତ୍ରୁଟିକୁ ପକ୍ଷୀ ବିଶାରଦ ଓ ଜୀବବିଜ୍ଞାନୀ "ଦ ରୋମିଓ ଏରର୍' ବୋଲି ନାମିତ କରିଛନ୍ତି। ଠିକ୍ ଯେପରି ସେକ୍ସପିୟର୍‌ଙ୍କ ନାଟକର ବର୍ଣ୍ଣନାରେ ରୋମିଓ ଭୁଲ୍‌ରେ ଭାବିଥିଲେ ଚେତାଶୂନ୍ୟ ଜୁଲିଏଟ୍ ମରିଯାଇଛନ୍ତି। କିନ୍ତୁ ବାସ୍ତବରେ ଜୁଲିଏଟ୍ ମରିନଥିଲେ ବୋଲି ନାଟକର ଶେଷ ଭାଗରେ ଜଣାପଡ଼ିଥିଲା। ରୋମିଓଙ୍କର ଏଭଳି ଭ୍ରମଧାରଣାକୁ ଲକ୍ଷ୍ୟକରି ପକ୍ଷୀ ବିଶାରଦମାନେ ଦୀର୍ଘ ବର୍ଷ ଦେଖା ଯାଉନଥିବା ପକ୍ଷୀ ପୁଣିଥରେ ଦେଖାଗଲେ ତାକୁ 'ରୋମିଓ ଏରର୍' ବୋଲି କହୁଛନ୍ତି। ସେମାନଙ୍କ ପାଇଁ ଏହା ସବୁଠାରୁ ବଡ଼ ସମସ୍ୟା ପାଲଟିବାକୁ ବସିଲାଣି"।



ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଭଳି ବିଲୁପ୍ତିର ଭ୍ରାନ୍ତ ଧାରଣା ଉଭୟ ପ୍ରଜାତି ଓ ଏହାର ପରିସ୍ଥିତି ପାଇଁ ଭୟଙ୍କର ପରିଣାମ ଆଣିପାରେ। ଯେତେବେଳେ କୌଣସି ପ୍ରଜାତିକୁ ସଠିକ୍ ଗବେଷଣା ବିନା ଭୁଲ୍‌ବଶତଃ ବିଲୁପ୍ତ ଘୋଷଣା କରାଯାଏ ଏବଂ ପରେ ପୁନଃ ଆବିଷ୍କାର କରାଯାଏ, ସେତେବେଳେ ଏହାର ବାସସ୍ଥଳୀ ପ୍ରତି ଅବହେଳା ପ୍ରଦର୍ଶନ ଆରମ୍ଭ ହୋଇଯାଏ। ଏହାଦ୍ୱାରା ଉକ୍ତ ପ୍ରଜାତିର ଜୀବନଚକ୍ର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ ଏବଂ ସଂଘର୍ଷ କରି ବଞ୍ଚିଥିବା ସେହି ପ୍ରଜାତିର ପକ୍ଷୀଟି ପାଇଁ ଆମର ଭ୍ରାନ୍ତଧାରଣା ତା'ର ବଂଶ ନିପାତ କରିଦିଏ। ତେଣୁ 'ଦ ରୋମିଓ ଏରର୍'ର ମନଲୋଭା ନାମ ସତ୍ତ୍ୱେ, ଏହାର ଗୁରୁତର କୁପ୍ରଭାବ ପ୍ରାଣୀଜଗତ ମୁଖ୍ୟତଃ ପକ୍ଷୀ ପ୍ରଜାତିଙ୍କ ଉପରେ ପଡ଼ିଥାଏ ବୋଲି ସେ କହନ୍ତି।

'ଆଇଭୋରୀ ବିଲ୍ଡ ଉଡ୍‌ପେକର୍' ହାତୀଦାନ୍ତ ସଦୃଶ କଳା ଓ ଧଳା ରଙ୍ଗର ଏକ ସୁନ୍ଦର କାଠଖୁମ୍ପା ପକ୍ଷୀର ମୁଣ୍ଡରେ ଗୋଟେ ଲାଲ୍ ମୁକୁଟ ରହିଛି। ସେଥିପାଇଁ ଏହାକୁ ସ୍ନେହରେ 'ଭଗବାନଙ୍କ ପ୍ରଭୁ ପକ୍ଷୀ' (ଲର୍ଡ ଅଫ୍ ଗଡ୍ ବାର୍ଡ) ବୋଲି କୁହାଯାଏ। ଶେଷଥର ପାଇଁ ଏହି ପକ୍ଷୀକୁ ୧୯୪୪ ମସିହାରେ ଦେଖିବାକୁ ମିଳିଥିଲା ଏବଂ ଚଳିତବର୍ଷ ଏହାକୁ ସଂରକ୍ଷିତ ପ୍ରଜାତିର ତାଲିକାରୁ ପ୍ରାୟ ହଟାଇ ଦିଆଯାଇଥିଲା। ତେବେ ମେ ମାସରେ ଇକୋଲୋଜି ଆଣ୍ଡ୍ ଇଭୋଲ୍ୟୁସନ୍ ନାମକ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଏହାର ସ୍ଥିତିକୁ ନେଇ ପୁଣି ଆଗ୍ରହ ସୃଷ୍ଟି କରିଛି। ତେଣୁ ଏହାହିଁ ହେଉଛି 'ଦ ରୋମିଓ ଏରର୍'। ବିପଦରେ ଥିବା ପକ୍ଷୀ ପ୍ରଜାତିର ସଂରକ୍ଷଣ, ଅନୁଧ୍ୟାନ ଓ ଫଟୋଗ୍ରାଫି ଏବେ ଗୋଟିଏ ବଡ଼ ଆହ୍ୱାନ।

ବର୍ତ୍ତମାନ ସୁଦ୍ଧା ମମତା ନିଜ କ୍ୟାମେରାରେ ଭାରତର ପ୍ରାୟ ସମସ୍ତ ରାଜ୍ୟ ଓ ହିମାଳୟର ଉପତ୍ୟକା ସମେତ ମାଲେସିୟା ଓ ଥାଇଲାଣ୍ଡ୍ ଭଳି ଦେଶରେ ପ୍ରାୟ ୭୩୭ଟି ନୂଆ ପ୍ରଜାତିର ପକ୍ଷୀଙ୍କ ଫଟୋ ଉତ୍ତୋଳନ କରିବାର ସମ୍ମାନ ହାସଲ କରିଛନ୍ତି। ଜଳ ଓ ସ୍ଥଳଭାଗରେ ଏବଂ ଆକାଶରେ ଉଡୁଥିବା ପକ୍ଷୀଙ୍କର ଯୁଦ୍ଧ (ଫାଇଟିଂ) ଫଟୋଗ୍ରାଫ୍ ତାଙ୍କୁ ଏକ ସ୍ୱତନ୍ତ୍ର ଓ ବିରଳ ପରିଚୟ ଦେଇଛି। ମମତା କହନ୍ତି, 'ପାଣିପାଗର ପରିବର୍ତ୍ତନ ଓ ଅନିୟନ୍ତ୍ରିତ ପର୍ଯ୍ୟଟନ ସାଙ୍ଗକୁ ସଚେତନ ନଥିବା ପର୍ଯ୍ୟଟକଙ୍କ ପାଇଁ ବର୍ତ୍ତମାନ ଚିଲିକାର ପକ୍ଷୀମାନଙ୍କ ସ୍ଥିତି ବିପନ୍ନ ହେଉଛି। ଭିତରକନିକାରେ ବର୍ତ୍ତମାନ ରୁଡ୍ଡି କିଙ୍ଗ୍‌ଫିସର୍ ଦେଖିବାକୁ ମିଳୁନି କିନ୍ତୁ ସୁନ୍ଦରବନରେ ଦେଖିବାକୁ ମିଳୁଛି। ଖୁସିର ବିଷୟ ଅନେକ ପ୍ରଜାତିର ଅତି ସୁନ୍ଦର ମାଛରଙ୍କା ଆମ ଭିତରକନିକାରେ ଦେଖିବାକୁ ମିଳନ୍ତି। ଏସବୁର ପ୍ରୋତ୍ସାହନ ଓ ସୁରକ୍ଷା କରିବାକୁ ହେଲେ ଆମକୁ ଅଧିକରୁ ଅଧିକ ଅନୁଧ୍ୟାନ, ଗବେଷଣା ଓ ଫଟୋଗ୍ରାଫି ପାଇଁ ଆହୁରି ଯଥେଷ୍ଟ ଅଧିକ ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ। ମୁଁ ଭାବେ ଯଦି ମହିଳାମାନେ ଏ ଦିଗରେ ବେଶୀ ଯୋଗଦାନ କରିବେ ତେବେ ଏହା ଆଗକୁ ଆହୁରି ସହଜରେ ବଢ଼ିପାରିବ'।






**ଇୟର୍ ପିୟର୍‌ସିଂର ଫ୍ୟାସନ୍ ଆଜିର ନୁହେଁ କିନ୍ତୁ ଏବେ ଧୀରେ ଧୀରେ ନୂଆ ତରିକାରେ କାନ ଫୋଡ଼ାଯାଉଛି। ଟିକେ ଅଲଗା ଦେଖାଯିବା ପାଇଁ ଆଜିକାଲିର ମହିଳାମାନେ ଶରୀରର ଭିନ୍ନ ଅଙ୍ଗ ଯେମିତିକି କାନ, ନାକ, ଓଠ, ଆଇବ୍ରୋ, ଗଳା ଓ ନାଭି ଆଦି ଜାଗାରେ ପିୟର୍‌ସିଂ କରାଉଥିବା ନଜିର ଅଛି। କିନ୍ତୁ ଏସବୁ ଭିତରୁ ଇୟର୍ ପିୟର୍‌ସିଂର କଥା ହିଁ କିଛି ନିଆରା। କେହିକେହି ତ ଏବେ କାନ ଏକାଧିକ ସ୍ଥାନରେ ମଲ୍‌ଟିପୁଲ୍ ଇୟର୍ ପିୟର୍‌ସିଂ ବି କରାଉଛନ୍ତି; ଦେଖିବାକୁ ଏହା ଖୁବ୍ ଟ୍ରେଣ୍ଡି ଲାଗୁଛି। ତେବେ ମଲ୍‌ଟିପୁଲ୍ ଇୟର୍ ପିୟର୍‌ସିଂ କ'ଣ ଆଉ ଏହାର ନୂଆ ଡିଜାଇନ୍ ସବୁ କ'ଣ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

# ଚାହିଦାରେ ଇୟର୍ ପିୟର୍‌ସିଂ

ଫ୍ୟାସନ୍ ଦୁନିଆରେ ପ୍ରାୟ ୧୬ ପ୍ରକାରର ଇୟର୍ ପିୟର୍‌ସିଂ ହେଉଥିବାର ସୂଚନା ରହିଛି। ଯଥାଃ ଷ୍ଟାଣ୍ଡାର୍ଡ ଲୋବ୍ ଇୟର୍ ପିୟର୍‌ସିଂ, ଡେଥ୍ ପିୟର୍‌ସିଂ, ହେଲିକ୍ସ ପିୟର୍‌ସିଂ, ଫର୍‌ୱାର୍ଡ ହେଲିକ୍ସ ପିୟର୍‌ସିଂ, ଟ୍ରାଙ୍ଗସ୍ ପିୟର୍‌ସିଂ, ଆଣ୍ଟି- ଟ୍ରାଙ୍ଗସ୍ ପିୟର୍‌ସିଂ, କୋଞ୍ଚ୍ ପିୟର୍‌ସିଂ, ଇନର୍ କୋଞ୍ଚ୍ ପିୟର୍‌ସିଂ, ଆଉଟର୍ କୋଞ୍ଚ୍ ପିୟର୍‌ସିଂ, ଇଣ୍ଡଷ୍ଟ୍ରିଆଲ୍ ପିୟର୍‌ସିଂ, ହାଇ-ଲୋବ୍ ପିୟର୍‌ସିଂ, ରକ୍ ପିୟର୍‌ସିଂ, ମିଡ୍ ହେଲିକ୍ସ ପିୟର୍‌ସିଂ, ସଙ୍ଗ୍ ପିୟର୍‌ସିଂ, ଅର୍‌ବିଟାଲ୍ ପିୟର୍‌ସିଂ, ମଲ୍‌ଟିପୁଲ୍-ଲୋବ୍ ପିୟର୍‌ସିଂ ଇତ୍ୟାଦି। ତେବେ ଏସବୁ ଭିତରୁ ମୁଖ୍ୟତଃ ମଲ୍‌ଟିପୁଲ୍-ଲୋବ୍, ଇଣ୍ଡଷ୍ଟ୍ରିଆଲ୍, କୋଞ୍ଚ୍, ହେଲିକ୍ସ, ଡେଥ୍ ତଥା ଫର୍‌ୱାର୍ଡ-ହେଲିକ୍ସ ଇୟର୍ ପିୟର୍‌ସିଂର ଚାହିଦା ଖୁବ୍ ବଢ଼ୁଛି।

- ମଲ୍‌ଟିପୁଲ୍-ଲୋବ୍ ଇୟର୍ ପିୟର୍‌ସିଂଃ ଏହି ଷ୍ଟାଇଲ୍‌ର ଇୟର୍ ପିୟର୍‌ସିଂ ଯୁବତୀଙ୍କୁ ଏକ ଭିନ୍ନ ଲୁକ୍ ଦେଇଥାଏ। ଏଥିରେ ମୁଖ୍ୟତଃ ୩/୪ଟି ଲୋବ୍‌କୁ କାନରେ ପାଖାପାଖି ଫୋଡ଼ା ଯାଇଥାଏ। ମୁଖ୍ୟତଃ ରାଉଣ୍ଡ ସେପ୍‌ର ହୋଇଥିବା ଏହି ଲୋବ୍‌ରେ ଯୁବତୀ ଚାହିଁଲେ ଛୋଟ ଛୋଟ ଝୁମ୍‌କା ଓହଳାଇ ମଧ କାନକୁ ଆଉ କିଛି ଭିନ୍ନ ଲୁକ୍ ଦେଇପାରିବେ।
- ଇଣ୍ଡଷ୍ଟ୍ରିଆଲ୍ ଇୟର୍ ପିୟର୍‌ସିଂଃ ଏହି ପିୟର୍‌ସିଂକୁ କରିବା ଟିକେ କଷ୍ଟଦାୟକ ହୋଇଥାଏ। କାନର ଉପରି ଭାଗରେ ଲମ୍ବା କରି ଫୋଡ଼ା ଯାଉଥିବା ଏହି ପିୟର୍‌ସିଂର ଆରୋ ସେପ୍ ଡିଜାଇନ୍‌କୁ ଯୁବତୀମାନେ ଅଧିକ ପସନ୍ଦ କରିଥା'ନ୍ତି।
- କୋଞ୍ଚ୍ ଇୟର୍ ପିୟର୍‌ସିଂଃ ମୁଖ୍ୟତଃ ଷ୍ଟଡ୍ ଷ୍ଟାଇଲ୍‌ରେ ଆସୁଥିବା କାନଫୁଲକୁ କାନର ଠିକ୍ ମଝି ସ୍ଥାନରେ ଲଗାଇ ଏହି ପିୟର୍‌ସିଂ କରାଯାଇଥାଏ।



- ହେଲିକ୍ସ ଇୟର୍ ପିୟର୍‌ସିଂଃ ଏହାକୁ ମୁଖ୍ୟତଃ କାନର ଉପରି ଭାଗରେ କରାଯାଇଥାଏ। ଏଥିରେ ଯୁବତୀ ଚାହିଁଲେ ଷ୍ଟୋନ୍‌ର ଷ୍ଟଡ୍ ଲଗାଇ ଭିନ୍ନ ଲୁକ୍ ପାଇପାରିବେ।
- ଡେଥ୍ ଇୟର୍ ପିୟର୍‌ସିଂଃ କାନର ମଝି ଭାଗରେ ରିଙ୍ଗ୍ ସେପ୍‌ର କାନଫୁଲ ଲଗାଇବାକୁ ଡେଥ୍ ଇୟର୍ ପିୟର୍‌ସିଂ କୁହାଯାଇଥାଏ। କେହିକେହି ଏହି ସ୍ଥାନରେ ଷ୍ଟୋନ୍ ହୁପ୍ ଲଗାଇ ବି ଟ୍ରେଣ୍ଡି ଲୁକ୍ ପାଇଥା'ନ୍ତି।
- ଫର୍‌ୱାର୍ଡ ହେଲିକ୍ସ ଇୟର୍ ପିୟର୍‌ସିଂଃ ଏହାକୁ କାନର ପୂରା ଉପରି ଭାଗରେ କରାଯାଇଥାଏ। ଏହି ସ୍ଥାନରେ ବି ଷ୍ଟୋନ୍ ଷ୍ଟଡ୍ ଲଗାଇଲେ ବେଶ୍ ସୁନ୍ଦର ଦେଖାଯାଇଥାଏ।



୨୦୨୦ ଜୁନ୍‌ରେ ବଏଫ୍ରେଣ୍ଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ଆତ୍ମହତ୍ୟା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ଯେତିକି ମାନସିକ ଆଘାତ ଦେଲା ତା'ଠାରୁ ଅଧିକ ପ୍ରଭାବ ପଡ଼ିଲା ତାଙ୍କ କ୍ୟାରିଅର୍ ଓ ବ୍ୟକ୍ତିତ୍ୱ ଉପରେ। ରାତାରାତି ଲୋକମାନେ କୌଣସି ପ୍ରମାଣ ବିନା ତାଙ୍କୁ ସୁଶାନ୍ତଙ୍କ ମୃତ୍ୟୁର ମୁଖ୍ୟ ଅଭିଯୁକ୍ତ କରିଦେଲେ। ଡ୍ରଗ୍‌ସ ରଖିଥିବା ଅଭିଯୋଗରେ 'ଏନ୍‌ସିବି' ଦ୍ୱାରା ଗିରଫ ହେବା ପରେ ତାଙ୍କ ଅଭିନୟ କ୍ୟାରିଅର୍ ଏକପ୍ରକାର ସମାପ୍ତ ହୋଇଯାଇଥିଲା। ପରେ ଅବଶ୍ୟ ତାଙ୍କୁ ଜାମିନ ମିଳିଥିଲା ଏବଂ ସେ ଜେଲ୍‌ରୁ ମୁକୁଳିଥିଲେ। ଏହି ଘଟଣାର ପ୍ରାୟ ଚାରି ବର୍ଷ ପରେ ସେ ଜେଲ୍‌ରେ କାଟିଥିବା ସମୟ ବିଷୟରେ ମୁହଁ ଖୋଲିଛନ୍ତି। ରିଆ ଏକ ଆଲୋଚନା କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି ଯେ ଜେଲ୍‌ରେ ପ୍ରତି ଦିନ ଗୋଟିଏ ବର୍ଷ ପରି ଲାଗୁଥିଲା। ଜେଲ୍‌ରେ ସାମାଜିକ ବ୍ୟବସ୍ଥା ବୋଲି କିଛି ନାହିଁ। ବିଚାରାଧୀନ କାରାଗାରରେ ସମସ୍ତଙ୍କୁ କେବଳ ଏକ ସଂଖ୍ୟା ଭାବେ ଦେଖାଯାଏ। ସେଠି ଗୋଟିଏ

# ଜେଲ୍ ଅଭିଜ୍ଞତା ବଖାଣିଲେ ରିଆ

ଗୋଟିଏ ଦିନ କୌଣସିମତେ ବଞ୍ଚିବାକୁ ପଡ଼େ। ଜେଲ୍‌ରେ କିଛି କରିବାକୁ ନ ଥିବାରୁ ଗୋଟିଏ ଦିନ କାଟିବା ମଧ ବହୁତ କଷ୍ଟକର; ସମୟ ଏକପ୍ରକାର ଅଟକିଯାଏ। ଜେଲ୍ ରହଣିର ପ୍ରଥମ ଦୁଇ ସପ୍ତାହ ତାଙ୍କ ପାଇଁ ସବୁଠାରୁ କଷ୍ଟକର ଥିଲା କାରଣ ଜେଲ୍ ପରିବେଶ ସହିତ ଅଭ୍ୟସ୍ତ ହେବାକୁ ତାଙ୍କୁ ସେତିକି ସମୟ ଲାଗିଥିଲା। ଜେଲ୍‌ରେ ସେ ଗଭୀର ବିଷାଦ ମଧକୁ ଚାଲିଯାଇଥିଲେ। ଜେଲ୍‌ରେ ଥିବା ଅନ୍ୟ ମହିଳା କଏଦୀଙ୍କ ହତାଶା ତାଙ୍କୁ ବ୍ୟଥିତ କରିଥିଲା ଏବଂ ସେମାନଙ୍କୁ ସେ ଯୋଗ ଓ ନୃତ୍ୟ ଶିଖାଉଥିଲେ। ଖୁସିର କଥା, ଜେଲ୍‌ର ଅନ୍ଧକାରମୟ ଅଭିଜ୍ଞତାକୁ ଭୁଲି ରିଆ ଏବେ ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି। ସେ ଏବେ ଜିରୋଧା ପ୍ରତିଷ୍ଠାତା ନିଖିଲ କାମଥଙ୍କୁ ଡେଟ୍ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

# ରାସ୍ତା ଅବସ୍ଥା ଶୋଚନୀୟ, ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ



**କଳାହାଣ୍ଡି,୨୩।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତର ଏକ ଗ୍ରାମ ହେଉଛି ଚାବୁପଡା । କାଉଡୋଲା ପଞ୍ଚାୟତ ସଦର ମହକୁମାଠାରୁ ମାତ୍ର ୩ କିମି ଦୂରରେ ଏହି ଗାଁ ଅବସ୍ଥିତ। ଏହି ଗାଁରେ ପ୍ରାୟ ୧୫/୨୦ ପରିବାର ର ପାଖାପାଖି ୨୦୦ ଲୋକ ବସବାସ ଆସୁଛନ୍ତି । ତେବେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଗାଁକୁ ପକ୍କା ରାସ୍ତା ଖଣ୍ଡେ ହୋଇ ନ ଥିବା ବେଳେ ଆଗରୁ ଯେଉଁ ରାସ୍ତା ଅଛି ସରକାର ଙ୍କ ତରଫରୁ ମାଟି ଗଣ୍ଡାଏ ମଧ୍ୟ ପଡି ନ ଥିବାରୁ ଅତି ଶୋଚନୀୟ ଅବସ୍ଥାରେ ଥାଇ କାଦୁଅ ପଚ ପଚ ରାସ୍ତା ଦେଇ ଗ୍ରାମବାସୀ ଯାତାୟାତ କରନ୍ତି। ଦୈନନ୍ଦିନ ଜୀବନରେ ଏହି ରାସ୍ତା ଦେଇ ବ୍ଲକ ସଦର ମହକୁମା, ବ୍ୟାଙ୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ କଲେଜ, ପଞ୍ଚାୟତକୁ ରାସନ ସାମଗ୍ରୀ, ଦୋକାନ ବଜାର ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ଚାବୁପଡା ବାସୀ। ଅନ୍ୟପଟେ ଗାଁ ରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଛାତ୍ରଛାତ୍ରୀ କମ ଥିବା ନେଇ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରିଦେବାପରେ ଏବେ ଏହି ଗ୍ରାମର ପିଲାମାନେ ଜଙ୍ଗଲ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ କାଉଡୋଲା ଠାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପଢିବା ପାଇଁ ଯାଉଥିବା ଦେଖିବାକୁ ମିଳିଛି । ଅନେକ ଅଭିଭାବକ ନିଜର ପିଲାଙ୍କୁ ଜଙ୍ଗଲ ରାସ୍ତା ଦେଇ ସ୍କୁଲ ଯିବା ପାଇଁ ସୁରକ୍ଷିତ ମଣୁ ନଥିବା କହିଛନ୍ତି। ନିକଟରେ ଥିବା ଗିରି ଗୋବର୍ଦ୍ଧନ ଜଙ୍ଗଲରେ ଅନେକ ସମୟରେ ଭାଲୁ ସହ ଅନେକ ହିଂସ୍ର ଜନ୍ତୁ ବୁଲାବୁଲି କରୁଥିବାବେଳେ ପିଲାଙ୍କ ପାଇଁ କାଳେ ବିପଦ ରହିଥାଏ ବୋଲି ଅଭିଭାବକ ଚିନ୍ତାରେ ରହୁଥିବା ଶୁଣିବାକୁ ମିଳେ। ଏଣୁ ବନ୍ଦ ପଡିଥିବା ସ୍କୁଲକୁ ପୁନର୍ବାର ଖୋଲିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । କାଉଡୋଲା ଠାରୁ ଗାଁ କୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଦିନେ କାଦୁଅ ପଚ ପଚ ହୋଇ ଶୋଚନୀୟ ଅବସ୍ଥା ଥିବା ବେଳେ ଗ୍ରାମବାସୀ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ପ୍ରଶାସନ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକୁ ଅନ୍ତର୍ଭୁକ୍ତ କରି ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ମଧ୍ୟ ଚାବୁପଡା ଗ୍ରାମବାସୀ ଦାବି କରିଆସୁଥିଲେ ହେଁ କେହି କର୍ଣ୍ଣପାତ କରୁ ନାହାନ୍ତି । ଏଣୁ ଚାବୁପଡା ଗାଁ ପ୍ରତି ସରକାର ବହାଦୁର ଦୃଷ୍ଟି ଦେଇ ସମାଧାନ କରିଦେବା ପାଇଁ ଗ୍ରାମବାସୀ ଦାବି ଉଠାଇଛନ୍ତି ।

# ୧୫ ଦିନ ହେଲା ଅନ୍ଧାରରେ ସମାବାଲି ଗ୍ରାମବାସୀ

**ଫିରିଙ୍ଗିଆ,୨୩।୬(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ଅଞ୍ଚଳରେ ଗତ ୮ ତାରିଖ ରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଲୁଇସିଂ ପଞ୍ଚାୟତର ସମାବାଲି ଗାଁ ରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା ,ଆଜକୁ ୧୫ ଦିନ ହେଲା ମରାମତି ନ ହେବା ଯୋଗୁଁ ସମାବାଲି ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ତେଣୁ ଯଥାଶିଘ୍ର ଏହାର ମରାମତି କରିବାକୁ ସମାବାଲି ଗ୍ରାମର ବିଶ୍ୱନାଥ କହଁର, ନିଦ କହଁର, ସୁରଲ କହଁର ସୁଦାମ କହଁର, ପ୍ରମିଳା ମଲ୍ଲିକ ସମେତ ଗ୍ରାମବାସୀ ଦାବି କରିଛନ୍ତି।



# ଜନଶୁଣାଣୀକୁ କେନ୍ଦ୍ର କରି ସାମ୍ବାଦିକଙ୍କୁ ହତ୍ୟା ଧମକ

● ବିଧାୟକଙ୍କ ବିପକ୍ଷରେ ଖବର ପ୍ରକାଶ ନ'କରିବାକୁ ଧମକ

**ବୈଶିଙ୍ଗା,୨୩।୬(ସଂଚାର ବ୍ୟୁରୋ):** ଆସନ୍ତା ଜୁନ ୨୫ ତାରିଖରେ ହେବାକୁ ଥିବା ଜନଶୁଣାଣୀ କାର୍ଯ୍ୟକ୍ରମକୁ କେନ୍ଦ୍ର କରି ରବିବାର ବିଳମ୍ବିତ ରାତିରେ ବେତନଟୀ ଅଞ୍ଚଳର ସାମ୍ବାଦିକ ଉଦିତ ପରିଡା ଙ୍କୁ ହତ୍ୟା ଧମକ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବାର ଜଣା ପଡିଛି । ଯୁବକ ଜଣକ ବୈଶିଙ୍ଗା ଥାନା ଅଧୀନ ନାଖରା ଅଞ୍ଚଳର ଛତିଶ ମଣ୍ଡଳ ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ବେତନଟୀ ଅଞ୍ଚଳର ସାମ୍ବାଦିକ ଉଦିତ ପରିଡା ନିୟମିତ ଭାବେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଖବର ଲେଖୁଥିବା ବେଳେ ରବିବାର ପ୍ରାୟ ରାତି ୧୧ ଟା ସମୟରେ ସେ ଶୋଇବାକୁ ଯାଉଥିବା ସମୟରେ ତାଙ୍କୁ ଫୋନ ଯୋଗେ ଛତିଶ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଆରମ୍ଭ କରିଥିଲେ ଏବଂ ହ୍ୱାଟ୍ସଆପ ରେ କଲ ରିସିଭ କରିବାକୁ ବାଧ କରିଥିଲେ। ପରେ ହ୍ୱାଟ୍ସଆପ ମାଧମରେ କଲ କରିବା ପରେ ସିଧାସଳଖ ବିଧାୟକ ବିରୁଦ୍ଧରେ ଖବର ପ୍ରକାଶ କଲେ ଏବଂ ଜନଶୁଣାଣୀକୁ ଗଲେ ତୋତେ ଜୀବନରୁ ହତ୍ୟା କରିଦେବି ବୋଲି ଧମକ ଦେଇଥିଲେ ଏବଂ ଚଣ୍ଡୀ ଛକକୁ ଆସିବା ପାଇଁ କହିଥିଲେ । ଉଦିତ ସଙ୍ଗେ ସଙ୍ଗେ ଏବାବଦରେ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଙ୍କୁ ଜଣାଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଞ୍ଚଳର ସମସ୍ତ ଅଭିଯୋଗକାରୀ, ସାମ୍ବାଦିକ, ଜନସାଧାରଣ ଙ୍କୁ ନେଇ ବ୍ଲକ ପରିସରରେ ହେବାକୁ ଥିବା ଜନଶୁଣାଣୀ ଶିବିରରେ କିଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ସେଥିପ୍ରତି ବ୍ଲକ ଏବଂ ପୋଲିସ ପ୍ରଶାସନ ଯତ୍ନବାନ ହେବାକୁ ମିଡ଼ିଆ ଏସୋସିଏସନ ନିବେଦନ କରିଛି ।

# ବରିଷ୍ଠ ନାଗରିକ ଓ ପୁଲିସ ସମନ୍ୱୟ ବୈଠକ

**ବାଲିପାଟଣା,୨୩।୬(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ପରିସରରେ ରବିବାର ପୂର୍ବାହ୍ନରେ ପୋଲିସ ଓ ବରିଷ୍ଠ ନାଗରିକ ଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ରମେଶ ଚନ୍ଦ୍ର ସାହୁ ଙ୍କ ପରିଚାଳନାରେ ଏହି ବୈଠକ ରେ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ବରିଷ୍ଠ ନାଗରିକ ଙ୍କ ନିମନ୍ତେ ଥିବା ସମସ୍ତ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ।ଆଲୋଚନାରେ ପଚାଶ ରୁ ଅଧିକ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରି, ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ରଖିଥିଲେ।ଆଗାମୀ ଦିନରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକ ପରେ ଆଗାମୀ ରଥଯାତ୍ରା ର ସୁପରିଚାଳନା ପାଇଁ ବାଲିପାଟଣା,ମହୁଖଣ୍ଡା ଓ ବନମାଳୀପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଙ୍କ ରଥ ଟଣା କାର୍ଯ୍ୟକ୍ରମ କିପରି ସମନ୍ୱୟ ରଖି କାର୍ଯ୍ୟ କରା ଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।ସମସ୍ତ ରଥ ଠିକ୍ ସମୟରେ ଟଣା ଯିବାକୁ କମିଟିର ସଦସ୍ୟ ମାନଙ୍କୁ ଅନୁରୋଧ କରାଯାଇଥିଲା। କମିଟି ର ସଦସ୍ୟ ମାନେ ଉପସ୍ଥିତ ରହିବା ସହିତ ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗ ର କର୍ମକର୍ତ୍ତା ମାନେ ସେମାନଙ୍କ ଦ୍ୱାରା ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ରୁଙ୍ଗଟା କଲୋନୀ ବଡବିଲରେ ଯୋଗ ଦିବସ ପାଳନ

**ଯୋଡା,୨୩।୬(ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଯୋଗ ଦିବସ ଅବସର ରେ ବଡବିଲ ସ୍ଥିତ ରୁଙ୍ଗଟା କଲୋନୀ ରେ ସୀତା ରାମ ରୁଙ୍ଗଟା ରିକ୍ରିଏସନ କ୍ଲବ ପ୍ରାଙ୍ଗଣ ରେ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଅଭ୍ୟାସ କରି ଥଲେ। ଯୋଗ ଦ୍ୱାରା ସ୍ୱାସ୍ଥ୍ୟ ଭାରତ ର ନିର୍ମାଣ ନିମନ୍ତେ ସମସ୍ତେ ସଂକଳ୍ପ ପାଠ ମଧ୍ୟ କରିଥିଲେ।



# ଟିକାବାଲି ବଳାତ୍କାର ଓ ହତ୍ୟା ଘଟଣା

# ପୀଡ଼ିତାଙ୍କ ପରିବାରକୁ ଭେଟିଲା ଏଆଇସିସି ଟିମ୍

**ଫୁଲବାଣୀ, ୨୩।୬(ସଂଚାର ବ୍ୟୁରୋ):** ଗତ ମାର୍ଚ୍ଚରେ ଘଟିଥିବା ବଳାତ୍କାର ଓ ହତ୍ୟା ଘଟଣାରେ ଆଜି ଟିକାବାଲିରେ ପହଞ୍ଚିଥିଲେ ଏଆଇସିସି ତଥ୍ୟାନୁନ୍ଧାନକାରୀ ଟିମ୍। ଏହି ପ୍ରତିନିଧ ଦଳ ପରିବାର ଲୋକଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆଇସିସିର ଏହି ପାଞ୍ଚଜଣିଆ ମହିଳା ପ୍ରତିନିଧ ଦଳ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ଏସ୍‌ପି ହରିଶ ବି. ସିଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଗ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ରାଜ୍ୟ । ସଭା ସାଂସଦ ରଞ୍ଜିତ ରଞ୍ଜନ ଓଡ଼ିଶାରେ ମହିଳ ହିଳା ଚାଲାଣ, ମାନବ ଅଙ୍ଗ ବିକ୍ରି ରାକେଟ ଓ ବଳାତ୍କାର ଘଟଣା ବଢୁଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସମୁନସୀଙ୍କ ନେତୃତ୍ୱରେ ଆସିଥିବା



ଏହି ପ୍ରତିନିଧିଦଳରେ ବରିଷ୍ଠ ସାଂସଦ ପ୍ରଣିତୀ ସିନ୍ଦେ, ଶୋଭା ଓଝା ଓ ଏସ୍. ଜ୍ୟୋତିମଣି ସାମିଲ ଅଛନ୍ତି। ଗସ୍ତର ବିସ୍ତୃତ ବିବରଣୀ ରାଷ୍ଟ୍ରୀୟ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଯିବା ସହି ଏ ବିଷୟ ସଂସଦରେ ଉପସ୍ଥାପ ପନ କରାଯିବ ବୋଲି ଲି କହିଛନ୍ତି ପ୍ରତିନିଧି ଦଳ। ସାକ୍ଷାତକାର ସମୟରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, କଂଗ୍ରେସ କନ୍ଧମାଳ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, ରାଜ୍ୟ ରାଜୀବ ଗାନ୍ଧି ଫାଉଣ୍ଡେସନ୍ ସଂଯୋଜକ ପ୍ରତାପ ପ୍ରଧାନ, ପୂର୍ବତନ ଯୁବ କଂଗ୍ରେସ ଜିଲ୍ଲା ସଭାପତି ପ୍ରଭାତ ବେହେରା, ସ୍ଥାନୀୟ ଯୁବନେତା ପ୍ରତାପ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଏଆଇସିସି ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ମହିଳା କଂଗ୍ରେସ ଓ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆବାସ ଗୃହ, ରାସନ୍ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା କାହାପାଇଁ

# ଏଠି ସରକାରୀ ଯୋଜନା ସାତ ସପନ



**ଫିରିଙ୍ଗିଆ,୨୩।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ଲବ ଦିଗାଲ ବୟସ ୬୬ ହେଇଥିଲେ ସତ୍ତ୍ୱେ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି।ଖରା ଦିନେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଯେ ଭୁଶୁଡ଼ି ପଡ଼ିବ କହି ହେବନି। ସରକାର ଗରିବ ହିତାଧିକାରୀ ଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ, କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ ଲବ ଦିଗାଲ ଙ୍କୁ ସେହିପରି ମାଗଣା ଚାଉଳ ମଧ୍ୟ ମିଳିନାହିଁ। ନୂତନ ରାସନ୍ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ ମିଳିବାକୁ ନାହିଁ କୌଣସି ସାହାଯ୍ୟ। ରାଇଗୁଡ଼ା ଲବ ଦିଗାଲ ଜଣେ ଯୋଗ୍ୟ ହିତାଧିକାରୀ ହେଇଥିଲେ ବି ତାଙ୍କ ଦୁଃଖ ବୁଝିବାକୁ କିଏ ନାହାଁଦିନ ମଜୁରିଆ ହୋଇଥିବାରୁ ଯାହା ମିଳୁଛି ସେତିକି ରେ ପରିବାର ଚଳିବା କଷ୍ଟ କର ହେଉଛି। ଘର ଖଣ୍ଡିଏ ତିଆରି କରିବା କି ଛପର କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି ଲବ ଦିଗାଲ। ଫିରିଙ୍ଗିଆ ବ୍ଲକ ପ୍ରଶାସନ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଲବ ଦିଗାଲ ପରିବାରର ଦୁଃଖ ସରକାର କେବେ ଶୁଣୁଛନ୍ତି।

## ନିଜ ଜିଲ୍ଲାରେ ସମବାୟ ମନ୍ତ୍ରୀ ଫେଲ୍

# ମଣ୍ଡିରୁ ଧାନ ନଉଠିବାରୁ ଚାଷୀଙ୍କ ରାସ୍ତାରୋକ




**ବିଞ୍ଝାରପୁର,୨୩।୬(ସଂଚାର ବ୍ୟୁରୋ):** ସମବାୟ ମନ୍ତ୍ରୀଙ୍କ ଜିଲ୍ଲାରେ ମଣ୍ଡିରେ ପଡ଼ି ରହୁଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ,ନେଉନି ମିଲର। ମିଲନ ଧାନ ନେଉ ନ ଥିବାରୁ ରାସ୍ତା ଉପରେ ଧାନ ବସ୍ତା ରଖି ରାସ୍ତା ରୋକ୍ କରିଛନ୍ତି ଚାଷୀ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରିଆ କୃଷି ସମବାୟ ସମିତି ରେ ଚାଷୀ ମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଟୋକନ କରି ଆଣି ରଖିଥିଲେ ମଧ୍ୟ ଗାଡ଼ି ଆସୁନି କି ଧାନ ଉଠୁନି। ମିଲର ଗାଡ଼ି ଛାଡୁ ନଥିବାରୁ ଟୋକନ ଲାପ୍ସ୍ ହେବା ଅଭିଯୋଗ କରି ରାସ୍ତା ଉପରେ ଧାନ ବସ୍ତା ରଖି ଯାଜପୁର ସିଂହ ପୁର ମୁଖ୍ୟ ରାସ୍ତା ଅବରୋଧ କରିଥଲେ ଚାଷୀ।ଯାହା ଫଳରେ ଗମନା ଗମନ ବାଧା ପ୍ରାପ୍ତ ହୋଇଛି। ଧାନ ନ ଉଠିଲା ପର୍ଯ୍ୟନ୍ତ ରାସ୍ତା ରୋକ୍ ରହିବ ବୋଲି ଚେତାବନୀ ଦେଇଥିଲେ ଚାଷୀ। ଏପଟେ ତିନି ଘଣ୍ଟା ଅବରୋଧ ପରେ ତହସିଲଦାର ସୁଧାଂଶୁ ଶେଖର ସାଓ, ଯୋଗଣଅଧିକାରୀ ଆନିବେଶାନ୍ତ ସାହୁ, ଥାନା ଅଧିକାରୀ ବାମଦେବ ନନ୍ଦ ଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଳ ରୁ ଉଠିଥିଲେ ଚାଷୀ। ଆଗାମୀ ତିନି ଦିନ ଭିତରେ ଦାବୀ ପୁରଣ ନହେଲେ ପୁନର୍ବାର ରାସ୍ତା ରୋକ ହେବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ।

# ନୀଳଗିରି ଉପ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ନୀଳଗିରି,୨୩।୬(ସଂଚାର ବ୍ୟୁରୋ):** ନୀଳଗିରି ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଚଳିତ ମାସ ୨୦ ଜୁନଠାରୁ ଆସନ୍ତା୧୬ ଡ଼ିସେମ୍ବର ପର୍ଯ୍ୟନ୍ତ ୬ମାସ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ କାର୍ଯ୍ୟାଳୟ ଆଦେଶ ୧୯୪/୨୧/୦୬/୨୦୨୫ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ନୀଳଗିରି ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅଦ୍ୟ ଔପଦା ଠାରେ ଜିଲ୍ଲାପାଳ ଏବଂ ଏସପି ଙ୍କ ଯୁଗ୍ମ ଶୁଣାଣୀ କାର୍ଯ୍ୟକ୍ରମ ପରେ ଅପରାହ୍ନ ରେ ନୀଳଗିରି କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ। କାର୍ଯ୍ୟାଳୟର ବିଭିନ୍ନ ବିଭାଗକର୍ମକର୍ତା ମାନଙ୍କ ସହ କିଛି ସମୟ ପରେ ଆସନ୍ତା ରଥ ଯାତ୍ରା ଉପଲକ୍ଷେ ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ ପଡ଼ିଆ ତହସିଲଦାର ସୋନମ୍ ଦାସ, ନିର୍ବାହ ଅଧିକାରୀ ଏନ.ଏ. ସି ଅଂଶୁମାନ ପରିଡା, ଭାରପ୍ରାପ୍ତ ଏନ.ଏ.ସି. କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ବୁଲି ଦେଖିଥିଲେ।

# ଜମି ଚାଷ ବେଳେ ଓଲଟିଲା ଟ୍ରାକ୍ଟର ଯୁବକ ମୃତ୍ୟୁ

**ଝରିଗାଁ,୨୩।୬(ସଂଚାର ବ୍ୟୁରୋ):** ରବିବାର ଅପରାହ୍ନରେ ଡଙ୍ଗର ଜମିରେ ଟ୍ରାକ୍ଟର ଯୋଗେ ଚାଷ କରୁଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭରର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ ଯୁବକ ଜଣକ ହେଲେ ଝରିଗାଁ ଥାନା ଅଧୀନ ଚକଲା ପଦର ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଖୋଉ ଗୁଡ଼ାର କୁଶ ମୁଦୁଲିଙ୍କ ପୁଅ ସହଦେବ ମୁଦୁଲି (୨୭)। ଘଟଣା ନେଇ ଟ୍ରାକ୍ଟର ମାଲିକ ବିଷ୍ଣୁ ପ୍ରସାଦ ସାହୁ ଗତ ରାତ୍ରିରେ ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଏତଲା ପରେ ଥାନା ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଓ ଗାଡ଼ିକୁ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ହେଲେ ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ

**ନୀଳଗିରି,୨୩।୬(ସଂଚାର ବ୍ୟୁରୋ):** ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମେଳନର ଉତ୍ତରାଞ୍ଚଳ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଅଛି। ସୂଚନା ଗତ ୨୨ ତାରିଖ ଦିନ ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ସମ୍ମେଳନର ବାର୍ଷିକ ସମାବେଶରେ ସର୍ବସମ୍ମତି କ୍ରମେ ସମଗ୍ର ଓଡିଶାର କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ପାଇଁ ଜଣେ ଦକ୍ଷ, ସୁବକ୍ତା, ଛାତ୍ରବତ୍ସଳ ଅଧ୍ୟାପକ, ସଂଗଠକ ଭାବରେ ଜଣାଶୁଣା ଡ. ମିଶ୍ରଙ୍କୁ ସାଂଗଠନିକ ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଫଳରେ ବାଲେଶ୍ୱର ଭଦ୍ରକ ଓ ମୟୂରଭଞ୍ଜର ଅଧ୍ୟାପକ ମାନଙ୍କୁ ମିଳିତ କରି ଭାଷା ସାହିତ୍ୟକୁ ଆଗେଇ ନେବେ ବୋଲି ଡ. ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ ପାଇବାପରେ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

● ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୪୫ ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୩।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୩ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ସୁବ୍ରତ କୁମାର ମେହେର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଶାଖାର ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ




**ରାୟଗଡା,୨୩।୬ (ସଂଚାର ବ୍ୟୁରୋ):** ଭାରତୀୟ ସାମ୍ବାଦିକ ସଂଘ ଆଇଜେୟୁ ସହ ଅନୁବନ୍ଧିତ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ଓୟୁଡବ୍ଲୁଜେ ରାୟଗଡା ଶାଖାର ପ୍ରଥମ ଜିଲ୍ଲା ସ୍ତରୀୟ ସମ୍ମିଳନୀ ରାୟଗଡା ଓ ନୂତନ କର୍ମକର୍ତ୍ତା ଚୟନ ସଦର ହୋଟେଲ ରାଜଭବନରେ ଉତ୍ସାହପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ଶୁଭାରମ୍ଭ ମୂର୍ତ୍ତି ପୂଜା, ଦୀପ ପ୍ରଜ୍ୱଳନ ଓ ଘୁମୁରା ବାଦ୍ୟ ସ୍ୱାଗତ ସହ ହୋଇଥିଲା। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କଅଁର ଥିବା ବେଳେ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଉତ୍କଳ ଆଲୁମିନା ଟିକିରିର ଅମଜାଦ ଅଲି, ଆର.ଜେ.କେ ପେପର ମିଲ ର ହରିହର ଖମାରୀ, ଡ଼ଃ. ତ୍ରିଲୋଚନ ଖୁଣ୍ଟିଆ, ନିରଞ୍ଜନ ବିଶ୍ୱାଳ, ନାରାୟଣ ମିଶ୍ର, ଭବାନୀ ଜେନା, ନାଗରାଜୁ, ସୁରେନ୍ଦ୍ର ସାହୁ, ଗୋବିନ୍ଦ ରଥ, ଏଲା କଣ୍ଡାବାବୁ, ବାଙ୍ଗାରି ବାବୁ ଓ ଅନ୍ୟମାନେ ମଞ୍ଚାସିନ ଅତିଥି ଭାବରେ ଯୋଗଦେଇଥିଲେ। ସଭାରେ ସାମ୍ବାଦିକ ମାନଙ୍କ ସୁରକ୍ଷା, ସମସ୍ୟା ଓ ବୀମା ବିଷୟରେ ଗଭୀର ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ମାଣ୍ଡଳୀ ଘୋଷଣା କରାଯାଇଥିଲା ଜିଲ୍ଲା ସଭାପତି ଖଗେଶ୍ୱର ସିଂ, ଉପସଭାପତି ପ୍ରସାଦ ଲିମା, ସୁପ୍ରିୟା ଷଡଙ୍ଗୀ ସାଧାରଣ ସମ୍ପାଦକ,ଚିତ୍ତରଞ୍ଜନ ନାୟକ ସମ୍ପାଦକ, ଦିଲୀପ ପଡ଼ିଆରୀ କୋଷାଧକ୍ଷ ଅମୀୟ ଦାସ, ଗୁଣୁପୁର ବ୍ଲକ ସଭାପତି ଭାବେ ଶକ୍ତି ଦାସ ଓ ବିଷମ କଟକ ବ୍ଲକ ର ନୂତନ ସଭାପତି ଭାବେ କିଶୋର ମହାନନ୍ଦିଆ ଙ୍କୁ ଚୟନ କରାଗଲା । ସମ୍ମିଳନୀରେ ଜିଲ୍ଲା ର ୧୧ ଟି ବ୍ଲକରୁ ଆସିଥିବା ସାମ୍ବାଦିକ ମାନେ ଯୋଗଦେଇ ଏହାକୁ ସଫଳ କରିଥିଲେ। ବିଦେଶା ଶତପଥି ମଞ୍ଚ ପରିଚାଳନା କରିଥିଲେ, ଅନ୍ତରେ ଶ୍ରୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭାର ସମାପନି ଘୋଷଣା କରିଥିଲେ।

ଶୋଷ ମେଣ୍ଟାଉଛି ଗାଡ଼ିଆ ଗୋଳିଆ ପାଣି

# ଆଣ୍ଠେଇଛି ମେଗା ଜଳ ଯୋଗାଣ ପ୍ରକଳ୍ପ

**ଗଜପତି,୨୩।୬(ସଂଚାର ବ୍ୟୁରୋ):** ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗଇବା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କରାଯାଉଛି । ସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ । ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳରେ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଗଜପତି ଜିଲ୍ଲାର ୮୨ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ମେଗା ଜଳ ଯୋଗାଣ ପ୍ରକଳ୍ପ। ପ୍ରକଳ୍ପ କାମ ସଂପୂର୍ଣ୍ଣ ହେଲେ ମୋହନାର ୩୯ଟି, ଆର୍.ଉଦୟଗିରିର ୧୭ଟି, ନୂଆଗଡ଼ର ୧୯ଟି ଓ ଗୁମ୍ମା ବ୍ଲକର ୫ଟି ପଞ୍ଚାୟତ ସହ କନ୍ଧମାଳ ଦାରିଙ୍ଗବାଡ଼ି ବ୍ଲକର ୨ଟି ପଞ୍ଚାୟତର ଲୋକଙ୍କ ତୃଷ୍ଣା ମେଣ୍ଟିବ । ଅବଧି ସରିଲାଣି ହେଲେ ସରୁନାହିଁ ପ୍ରକଳ୍ପ, ମେଣ୍ଟୁନାହିଁ ଶୋଷ । କେଉଁଠି ଲୋକେ ଗୋଳି ପାଣି ବ୍ୟବହାର କରୁଛନ୍ତି ତ ଆଉ କେଉଁଠି କୂଅ ଖୋଳି ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ପୂର୍ବ ସରକାର ଅମଳରୁ ଆରମ୍ଭ ହୋଇଥିବା ମେଗା ଜଳ ପ୍ରକଳ୍ପର ଦାୟିତ୍ୱ ନେଇଥିଲେ ଜେଏମ୍‌ସି ଓ ଏସ୍‌ପିଏମ୍‌ଏଲ୍ କମ୍ପାନି । ୬୦୨ କୋଟି ୯୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ୫ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮୦ କୋଟି ୫୪ ଲକ୍ଷ ବ୍ୟୟବରାଦ ରହିଛି। ଅଡ଼ବା ଠାରେ ଥିବା ହରଭଙ୍ଗି ଜଳ ଭଣ୍ଡାରରୁ ଜଳ ଯୋଗାଇବା ଲକ୍ଷ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ହେଲେ ଏବେ ଜଳଭଣ୍ଡାରରୁ ଜଳ ଉଭାନ ହୋଇଯାଇଛି। ଫଳରେ ପ୍ରକଳ୍ପ ଦ୍ୱାରା କିପରି ଜଳ ଯୋଗାଯିବ ତାହା ଆଉ ଏକ ପ୍ରଶ୍ନ ।

